ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ଅକ୍ଟୋବର ୨୧/୨୦୨୧ (୮+୮=୧୬ ପୃଷ୍ଠା+ସାହିତ୍ୟାୟନ) Dhenkanal, Thursday, October 21/2021 ★★★★★

୧୭ଶ ଭାଗ ୨୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ରୋହିତଙ୍କ ଦୃଢ଼ ବ୍ୟାଟିଂ

ଦୁବାଇରେ ବୁଧବାର ଅନୁଷ୍ଠିତ ଟି୨୦ ବିଶ୍ୱକପର ଅଷ୍ଟ୍ରେଲିଆ ବିପକ୍ଷ ୱାର୍ମଅପ୍ ମ୍ୟାଚରେ ୬୦ ରନ କରି ଭାରତକୁ ଜିତାଇଛନ୍ତି ରୋହିତ ଶର୍ମା।

୦୮

୦୭

## ବାପାଙ୍କ ଉପରେ ରାଗିଲେ ଜାହ୍ନବୀ

ବିମାନବନ୍ଦରରେ ମାସ୍କ ଖୋଲି ଫଟୋ ପୋଜ୍ ଦେଉଥିବାରୁ ବାପା ବୋନି କପୁରଙ୍କ ଉପରେ ରାଗି ଗାଳି କରିଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର।



# ହତ୍ୟା ପୂର୍ବରୁ ଗାତ ଖୋଳିଥିଲେ

## କାର୍ ଭିତରେ ମମିତାଙ୍କୁ ମାରିଛନ୍ତି ଗୋବିନ୍ଦ: ଡିଆଇଜି

*କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର(୨୫)ଙ୍କୁ ଅପହରଣ ପରେ କାର୍ ଭିତରେ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏପରି କି ଘଟଣା ବିଷୟରେ ଯେପରି କେହି ନ ଜାଣିପାରିବେ, ସେଥିପାଇଁ ପ୍ରମାଣ ନଷ୍ଟ କରିବାକୁ ହତ୍ୟାର ୨ଦିନ ପୂର୍ବରୁ ନିର୍ମାଣାଧୀନ ଷ୍ଟାଡିୟମ୍ ପରିସରରେ ଜେସିବି ଦ୍ୱାରା ଖୋଳା ଯାଇଥିବା ଗାତରେ ପୋଡ଼ିବା ପରେ ପୋତି ଦିଆଯାଇଥିଲା ବୋଲି ଗିରଫ ଗୋବିନ୍ଦ ସାହୁ ପୋଲିସ ନିକଟରେ ବୁଧବାର ସ୍ୱୀକାର କରିଥିବା ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୋବିନ୍ଦଙ୍କୁ ବଙ୍ଗୋମୁଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିବା ପରେ ଅଧିକ ତଦନ୍ତ ପାଇଁ ରିମାଣ୍ଡ ଆବେଦନ କରାଯାଇଥିଲା। ଉକ୍ତ ଆବେଦନର ବିଚାର କରି ଅଭିଯୁକ୍ତ ଗୋବିନ୍ଦଙ୍କୁ ୫ଦିନିଆ ରିମାଣ୍ଡରେ ନେବାକୁ କୋର୍ଟ ପୋଲିସକୁ ଅନୁମତି ଦେଇଛନ୍ତି।*

- **୫ଦିନିଆ ରିମାଣ୍ଡରେ ଆଣିଲା ପୋଲିସ**
- **ମନ୍ତ୍ରୀଙ୍କ ବହିଷ୍କାର ଦାବି ଜୋର ଧରିଲା**

**ବଲାଙ୍ଗୀର ଅଫିସ,୨୦।୧୦**

ଗତ ୧୨ଦିନ ଧରି ନିଖୋଜ ଥିବା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ୍‌ର ଅଧ୍ୟକ୍ଷା ମମିତା ମେହେରଙ୍କୁ ସେହି ସ୍କୁଲର ମୁଖ୍ୟ ତଥା ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ହତ୍ୟା କରିଛନ୍ତି। ଗୋବିନ୍ଦଙ୍କ ପରକୀୟା ପ୍ରୀତି ସମ୍ପର୍କରେ ମମିତା ଜାଣିଥିଲେ। ଏପରି କି ଏନେଇ ସମସ୍ତଙ୍କୁ ଜଣାଇଦେବେ ବୋଲି ଗୋବିନ୍ଦଙ୍କୁ ଧମକ ଦେଇଥିଲେ। ତେଣୁ ପରକୀୟା ପ୍ରୀତି ପ୍ରଘଟ ହୋଇଯିବା ଭୟରେ ଗତ ୮ତାରିଖରେ ମମିତାଙ୍କୁ ମହାଲିଙ୍ଗ ସ୍କୁଲରେ ବୈଠକ ଅଛି ବୋଲି କହି ଡକାଇଥିଲେ। ମମିତା ନିଜ ଗାଁ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ଝରିଗାଁରୁ ସକାଳ ୫ଟା୪୫ମିନିଟରେ ଏକ ବସ ଯୋଗେ ମହାଲିଙ୍ଗ ଅଭିମୁଖେ ବାହାରିଥିଲେ। ବସ୍‌ରେ ପ୍ରାୟ ୩୧କି.ମି. ଆସିବା ପରେ ମମିତା ସିନ୍ଧେକେଲା ନିକଟସ୍ଥ ଚାନ୍ଦୋତରାଠାରେ ପହଞ୍ଚିବା ପରେ ଗୋବିନ୍ଦ ତାଙ୍କୁ ଏକ କାର୍ ଯାହାର ନମ୍ବର ଓଡି୦୮–କେ– ୧୦୦୨ରେ ଭବାନୀପାଟଣା ଅଭିମୁଖେ ନେଇଥିଲେ। ପ୍ରାୟ ୪୦ କି.ମି. ଯିବା ପରେ ବୋର୍ଡା ଗ୍ରାମ ନିକଟରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ କାର୍ ଭିତରେ ହିଁ ମମିତାଙ୍କୁ ଗୋବିନ୍ଦ ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତଦେହକୁ ମହାଲିଙ୍ଗ ଗ୍ରାମକୁ ନେଇଥିଲେ। ସେଠାରେ ଥିବା ନିର୍ମାଣାଧୀନ ଷ୍ଟାଡିୟମରେ ଘଟଣାର ୨ଦିନ ପୂର୍ବରୁ ଜେସିବି ଦ୍ୱାରା ମୃତଦେହକୁ ପକାଇ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ପରଦିନ ଅର୍ଥାତ ୯ତାରିଖ ସକାଳୁ ଜେସିବି ମାଧ୍ୟମରେ ମାଟି ପକାଇ ଗାତ ପୋତି ଦେଇଥିଲେ ବୋଲି ପଚରାଉଚରାବେଳେ ଗୋବିନ୍ଦ ସ୍ୱୀକାର କରିଥିବା ବଲାଙ୍ଗୀର ଏସ୍‌ପି କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର କହିଛନ୍ତି।



ଗୋବିନ୍ଦ ସାହୁ



ମମିତା ମେହେର

ଅପରପକ୍ଷରେ ଷ୍ଟାଡିୟମରେ ଗାତ ଖୋଳି ସେଥିରେ ସ୍କୁଲ୍ ଭିତରର କାର୍ଡବୋର୍ଡ, ପରିତ୍ୟକ୍ତ ଟାୟାର, ଶୁଖିଲା ଆବର୍ଜନା ପକାଇଥିବା ଜେସିବି ଡ୍ରାଇଭର ଓ ଅନ୍ୟ ୨ଜଣଙ୍କୁ ପୋଲିସ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଏପରି କି ଗୋବିନ୍ଦଙ୍କ ସହ ସେମାନଙ୍କ ମଧ୍ୟ କୋଭିଡ୍ ଟେଷ୍ଟ କରାଯାଇଥିବା ଜଣାପଡ଼ିଛି। ଗୋବିନ୍ଦଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଦେଇଛି। ☞ପୃଷ୍ଠା–୪

## ଆଜି ବଲାଙ୍ଗୀର ବନ୍ଦ

**ବଲାଙ୍ଗୀର ଅଫିସ, ୨୦।୧୦**

ମମିତା ମେହେର ହତ୍ୟା ଘଟଣାରେ ଗୁରୁବାର ବଲାଙ୍ଗୀର ବନ୍ଦ ଡାକରା ଦେଇଛି ଭାଜପା। ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମଗ୍ର ବଲାଙ୍ଗୀର ଜିଲାରେ ବନ୍ଦ ପାଳନ କରାଯିବ। ଏହି ଅବସରରେ ଜରୁରୀକାଳୀନ ସେବା ଛାଡ଼ି ବାକି ସବୁ ବନ୍ଦ ରହିବ ବୋଲି ବଲାଙ୍ଗୀର ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ସୂଚନା ଦେଇଛନ୍ତି। ବନ୍ଦରେ ସରକାରୀ, ବେସରକାରୀ ଅଫିସ, ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ, ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳ ବନ୍ଦ ରହିବ। ମମିତାଙ୍କୁ ନ୍ୟାୟ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଆଗକୁ ଭାଜପା ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

## ଉଦ୍‌ବେଗ ପ୍ରକାଶ କଲେ ଏନ୍‌ସିଡବ୍ଲ୍ୟୁ

- **ନିରପେକ୍ଷ ତଦନ୍ତ ପାଇଁ ମନ୍ତ୍ରୀଙ୍କୁ ବହିଷ୍କାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ**
- **ମୃତ ଅଧ୍ୟକ୍ଷାଙ୍କ ପରିବାରକୁ ସୁରକ୍ଷା ଦେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ**
- **ବଲାଙ୍ଗୀର, କଳାହାଣ୍ଡି ଜିଲା ଏସ୍‌ପିଙ୍କୁ ରାଜ୍ୟ ମହିଳା କମିଶନଙ୍କ ରିପୋର୍ଟ ତଲବ**

**ଭୁବନେଶ୍ୱର,୨୦।୧୦(ବ୍ୟୁରୋ)**

କଳାହାଣ୍ଡି ଜିଲା ମହାଲିଙ୍ଗ ସନ୍‌ସାଇନ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାକୁ ନେଇ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ହତ୍ୟା ଘଟଣାରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅଧ୍ୟକ୍ଷା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ୍ କରିବା ସହ ଚିଠି ଲେଖିଛନ୍ତି। ଏହାର ଗମ୍ଭୀରତାକୁ ଦେଖି କମିଶନ ନିଜ ଆଡୁ ମାମଲାକୁ ନେବା ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଅଭିଯୁକ୍ତ ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ☞ପୃଷ୍ଠା–୪

## ପେଟ୍ରୋଲ ୩୬, ଡିଜେଲ ୩୮ ପଇସା ବଢ଼ିଲା

**ଭୁବନେଶ୍ୱର,୨୦।୧୦**

ଦୁଇଦିନ ବିରତି ପରେ ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ିଛି। ବୁଧବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୬ ପଇସା ବଢ଼ି ୧୦୭.୧୩ ଟଙ୍କା ଛୁଇଁଥିବା ବେଳେ ଡିଜେଲ ଦର ୩୮ ପଇସା ଊର୍ଦ୍ଧ୍ୱରେ ରହି ୧୦୩.୫୩ ଟଙ୍କା ରହିଛି। ସେହିଭଳି କଟକରେ ପେଟ୍ରୋଲ ୧୦୭.୪୮ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଦର ୧୦୩.୮୭ ଟଙ୍କା ଛୁଇଁଛି। ମାଲକାନଗିରିରେ ତୈଳ ଦର ରାଜ୍ୟରେ ସର୍ବାଧିକ ରହିଛି। ଏଠାରେ ଡିଜେଲ ୧୦୮.୯୪ ଏବଂ ପେଟ୍ରୋଲ ୧୧୨.୯୨ ଟଙ୍କା ରହିଛି। ☞ପୃଷ୍ଠା–୪






## ଆଗ୍ରାରେ ହାଜତ ମୃତ୍ୟୁ

- **ଥାନାରୁ ୨୫ ଲକ୍ଷ ଚୋରି ଅଭିଯୋଗ**
- **ଜେରା ବେଳେ ଆଖି ବୁଜିଲେ ଅଭିଯୁକ୍ତ**

**ଆଗ୍ରା,୨୦।୧୦**


ଉତ୍ତର ପ୍ରଦେଶର ଆଗ୍ରାସ୍ଥିତ ଜଗଦୀଶପୁରା ଥାନାରୁ ୨୫ ଲକ୍ଷ ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ଜେରା କରୁଥିବାବେଳେ ଜଣେ ବ୍ୟକ୍ତିଙ୍କ ହାଜତ ମୃତ୍ୟୁ ହୋଇଛି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ପରିବାରକୁ ଭେଟିବା ପାଇଁ ଯାଉଥିବାବେଳେ ଲକ୍ଷ୍ନୌ–ଆଗ୍ରା ଏକ୍ସପ୍ରେସୱେ'ର ଏଣ୍ଟ୍ରି ପଏଣ୍ଟରେ ପୋଲିସ ଅଟକାଇଥିଲା। ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।



ମୃତକ ଅରୁଣ ବାଲ୍ମୀକି

ଆଗ୍ରାସ୍ଥିତ ଲୋହାମଣ୍ଡି ଅଞ୍ଚଳର ବାସିନ୍ଦା ଅରୁଣ ବାଲ୍ମୀକି ଜଗଦୀଶପୁରା ଥାନାରେ ସଫେଇ କାମ କରୁଥିଲେ। ଶନିବାର ରାତିରେ ସେ ଉକ୍ତ ଥାନାର ମାଲଖାନାରୁ ୨୫ ଲକ୍ଷ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହା ପରେ ୬ ପୋଲିସ କର୍ମଚାରୀଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ତଦନ୍ତ ବେଳେ ପୋଲିସ ଅନେକ ସନ୍ଦିଗ୍ଧଙ୍କୁ ଜେରା କରିଥିଲା। ଅରୁଣ ସେମାନଙ୍କ ମଧ୍ୟରୁ ଜଣେ ଥିଲେ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** ଅଡୁଆରେ ବାଇଡେନ୍


It gives me immense pride to know that the 62nd Police Commemoration Day is to be observed throughout the country on October 21, 2021. Odisha Police like previous years will be observing the Day in the State Police Headquarters as well as District Police Headquarters.

Police Commemoration Day is a day to remember the supreme sacrifices made by valiant police personnel in different circumstances on duty and pay homage to them while expressing the gratitude. Every act is marked with daringness, strong devotion and dedication to duty and it holds great inspiration and motivation to render services to the motherland. The grateful nation remembers the martyrs and takes a vow not to let the sacrifices go in vain. Odisha Police joins the police personnel of the country on this memorable day with new energy and vigour and I urge upon them to rededicate to duty with unwavering commitment and courage and hold high the glorious tradition of Police Forces in the country.

I wish the Day all success.

(Prof. Ganeshi Lal)
Hon'ble Governor, Odisha

OIPR-12029/13/0029/2122



ଓଡ଼ିଶା ପୋଲିସ ପକ୍ଷରୁ ୬୨ତମ **"ପୋଲିସ ଶହୀଦ ସ୍ମୃତି ଦିବସ"** ଅକ୍ଟୋବର ୨୧ ତାରିଖ, ୨୦୨୧ ଦିନ ପାଳନ କରାଯାଉଅଛି । ଏହି ଦିବସ ଆମର ବୀର ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କ କର୍ତ୍ତବ୍ୟନିଷ୍ଠା, ତ୍ୟାଗ ଓ ବଳିଷ୍ଠ ଅବଦାନର ଏକ ମହାନ ସ୍ମୃତି ଏବଂ ଯୁବ ସମାଜ ପାଇଁ ପ୍ରେରଣାଦାୟୀ ।

ଦେଶର ସୁରକ୍ଷା, ସମାଜରେ ଶାନ୍ତି ରକ୍ଷା ଓ ଜନସେବା କ୍ଷେତ୍ରରେ ଓଡ଼ିଶା ପୋଲିସ ଦକ୍ଷତାର ସହ କାର୍ଯ୍ୟ କରିଆସୁଛି । ରାଜ୍ୟରେ ବାମପନ୍ଥୀ ଉଗ୍ରବାଦକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ପୋଲିସ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । କୋଭିଡ ସମୟରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ନିୟମର ଅନୁପାଳନ କ୍ଷେତ୍ରରେ ଓଡ଼ିଶା ପୋଲିସର କାର୍ଯ୍ୟ ପ୍ରଶଂସନୀୟ ।

ଆଜିର ଏହି ପବିତ୍ର ଦିବସରେ ମୁଁ ଶହୀଦ ପୋଲିସମାନଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି ।

ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12029/13/0029/2122

## ସଂକ୍ଷେପରେ

### ଭାଜପା ଛାଡ଼ିଲେ ବିଶ୍ୱରଞ୍ଜନ

ଯାଜପୁର ଅଫିସ,୨୦।୧୦: ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତୁଷାର ପରିଡ଼ା ବିଜେଡିରେ ଯୋଗଦେବାର କିଛିଦିନ ପରେ ବୁଧବାର ବରୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସହ ବରୀ ବ୍ଲକ ଅଧକ୍ଷା ସୁବାସିନୀ ଶର୍ମା, ଉପାଧକ୍ଷ ରମେଶଚନ୍ଦ୍ର ଭଞ୍ଜ ଓ ୨୪ ନଂ.ଜିଲା ପରିଷଦ ଜୋନର ସଭ୍ୟା ରଞ୍ଜିତା ସାମଲ ମଧ ରାଜ୍ୟ



ଭାଜପା ସଭାପତିଙ୍କୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ବିଶ୍ୱରଞ୍ଜନ କଂଗ୍ରେସ ଛାଡ଼ି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ । ଏହାପରେ ସେ ଭାଜପା ଟିକେଟରେ ନିର୍ବାଚନ ଲଢ଼ିଥିଲେ ମଧ୍ୟ ଜିତି ପାରି ନ ଥିଲେ । ଏବେ ସେ ବିଜେଡିରେ ମିଶିବାର ସମ୍ଭାବନା ରହିଛି । ଅନ୍ୟପକ୍ଷେ ନିଜ ସଙ୍ଗଠନକୁ ସୁରକ୍ଷା ଦେବାକୁ ଯାଇ ବିଶ୍ୱରଞ୍ଜନ ଭାଜପା ଛାଡି ବିଜେଡିରେ ମିଶିବାକୁ ଯାଉଛନ୍ତି ବୋଲି ଆଲୋଚନା ଜୋର ଧରିଛି । ଏ ସଂକ୍ରାନ୍ତରେ ବିଶ୍ୱରଞ୍ଜନ କହିଛନ୍ତି, ବରୀ ନିର୍ବାଚନମଣ୍ଡଳୀବାସୀଙ୍କ ସର୍ବାଙ୍ଗୀନ ବିକାଶର ଆଶା ରଖି ମୁଁ ଭାଜପାରେ ଯୋଗ ଦେଇଥିଲି । କିନ୍ତୁ କେନ୍ଦ୍ରରେ ଭାଜପା ଶାସନ ଚାଲିଥିଲେ ସୁଦ୍ଧା କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରିଲା ନାହିଁ ସବୁଦିଗରୁ ବରୀବାସୀଙ୍କୁ ଉପେକ୍ଷା କରାଗଲା। ୨୦୧୪ ନିର୍ବାଚନରେ ପ୍ରାୟ ୫୨ ହଜାର ଏବଂ ୨୦୧୯ ନିର୍ବାଚନରେ ବରୀବାସୀ ମୋତେ ୭୦ହଜାର ଭୋଟ ଦେଇଥିଲେ। କିନ୍ତୁ ସେମାନଙ୍କୁ ଭାଜପା ଅଣଦେଖା କରିଛି। ତେଣୁ ଆଗାମୀ ଦିନରେ ବରୀବାସୀ ଯାହା ଚାହିଁବେ, ସେହି ଦଳରେ ମୁଁ ଯୋଗଦେବି ବୋଲି ସେ ସୂଚନା ଦେଇଛନ୍ତି ।

### ବିଜେଡିରେ ଯୋଗଦେଲେ କୈଳାସ କୁଲେସିକା ଦଳକୁ ଫରକ ପଡ଼ିବନି: ତାରା ବାହିନୀପତି

ଭୁବନେଶ୍ୱର/କୋରାପୁଟ, ୨୦।୧୦(ବ୍ୟୁରୋ/ସ୍ୱ.ପ୍ର.): ଜିଲା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାସ କୁଲେସିକା ବୁଧବାର ତାଙ୍କର ଶତାଧିକ ସମର୍ଥକଙ୍କ ସହ ଭୁବେନେଶ୍ୱରଠାରେ ବିଜେଡିରେ ଯୋଗ ଦେଇଛନ୍ତି। ପୂର୍ବରୁ କଂଗ୍ରେସର କୋଟପାଡର ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝି କଂଗ୍ରେସ ହାତ ଛାଡି ବିଜେଡିରେ ସାମିଲ ହୋଇଥିଲେ । ଏହାକୁ ନେଇ କଂଗ୍ରେସର ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଯିଏ ଯାଉଛନ୍ତି ଯାଆନ୍ତୁ। ଏହା ଦଳ ପାଇଁ କିଛି ଫରକ ପଡିବ ନାହିଁ ଏବେ ରାୟଗଡା, ଗୁଣୁପୁର ଓ ନବରଙ୍ଗପୁରର ଅନେକ ନେତା ବିଜେଡି ସହ ଯୋଗାଯୋଗରେ ରହିଥିବା ସେ କହିଛନ୍ତି। ଯେଉଁମାନେ ବିଜେଡିରେ ମିଶୁଛନ୍ତି ସେମାନେ କଂଗ୍ରେସର ଶୃଙ୍ଖଳିତ କର୍ମୀ ନ ଥିଲେ ବୋଲି ସେ ପ୍ରକାଶ କରିଛନ୍ତି। ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି ଯେ, କୁଲେସିକା ପୂର୍ବରୁ କଂଗ୍ରେସକୁ ବଦନାମ କରିଥିଲେ। ତାଙ୍କୁ କଂଗ୍ରେସ ଅନେକ କିଛି ଦେଇଛି ମାତ୍ର ସେ କଂଗ୍ରେସକୁ କିଛି ଦେଇ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# ୟୁପି ହାଜତ ମୃତ୍ୟୁ: ତେଜିଲା ରାଜନୀତି

- ବାଲ୍ମୀକି ଜୟନ୍ତୀରେ ଅରୁଣ ବାଲ୍ମୀକିଙ୍କ ହାଜତ ମୃତ୍ୟୁ ନିନ୍ଦନୀୟ: ପ୍ରିୟଙ୍କା
- ସତ ଲୁଚାଇବାକୁ ସଫେଇ କର୍ମୀଙ୍କୁ ହତ୍ୟା କରିଛି ପୋଲିସ: ଅଖିଳେଶ

ଆଗ୍ରା/ନୂଆଦିଲ୍ଲୀ,୨୦।୧୦

ଉତ୍ତର ପ୍ରଦେଶରେ ଦିନକୁ ଦିନ କଏଦୀଙ୍କ ଉପରେ ନିର୍ଯାତନା ଓ ହାଜତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଆଗ୍ରାସ୍ଥିତ ଜଗଦୀଶପୁରା ଥାନାର ସଫେଇ କର୍ମୀ ଅରୁଣ ବାଲ୍ମୀକିଙ୍କୁ ୨୫ ଲକ୍ଷ ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ଜେରାବେଳେ ହାଜତରେ ତାଙ୍କର ମୃତ୍ୟୁ ଘଟିଛି। ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଘଟଣା ନିରସ୍ତ୍ର ବିରୋଧୀଙ୍କ ପାଇଁ ପୁଣି ଏକ ପ୍ରସଙ୍ଗ ପାଲଟିଛି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହି ସନ୍ଦେହଜନକ ମୃତ୍ୟୁକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ ଟୁଇଟ୍ କରି କହିଛନ୍ତି, ବାଲ୍ମୀକି ଜୟନ୍ତୀରେ ଅରୁଣ ବାଲ୍ମୀକିଙ୍କ ହାଜତ ମୃତ୍ୟୁ ନିନ୍ଦନୀୟ। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହାସହ ମୃତକ ଅରୁଣଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳୁ। ସେହିପରି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମୁଖ୍ୟ ମାୟାବତୀ ଟୁଇଟ୍ କରିଛନ୍ତି, ଥାନା ହାଜତରେ ସଫେଇ କର୍ମୀଙ୍କ ମୃତ୍ୟୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ୟୁପି ସରକାର ଅପରାଧୀଙ୍କୁ ଦଣ୍ଡିତ କରିବା ସହ ମୃତକଙ୍କ



ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ପୋଲିସ ଅଟକାଇଛି।

ପରିବାରକୁ ସହାୟତା ଦିଅନ୍ତୁ। ଏହା ହେଉଛି ବିଏସ୍‌ପିର ଦାବି। ସମାଜବାଦୀ ପାର୍ଟି (ଏସ୍‌ପି) ଅଧକ୍ଷ ଅଖିଳେଶ ଯାଦବ କହିଛନ୍ତି, ୟୁପିରେ ପୋଲିସ ନିଜେ ଅପରାଧ ଘଟାଉଥିବାବେଳେ ଏହାକୁ କିପରି ରୋକାଯିବ। ପ୍ରଥମେ ଯୋଜନାବଦ୍ଧ ଭାବେ ଥାନାରୁ ୨୫ ଲକ୍ଷ ଟଙ୍କା ଚୋରି କଲେ। ପରେ ସତ ଲୁଚାଇବା ପାଇଁ ସଫେଇ କର୍ମୀଙ୍କୁ ଥାନାରେ ହତ୍ୟା କଲେ। ଏହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ହତ୍ୟାକାରୀ ପୋଲିସ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଖିଳେଶ ଦାବି କରିଛନ୍ତି।

ଲୋହାମଣ୍ଡି ଅଞ୍ଚଳର ଅରୁଣ ବାଲ୍ମୀକିଙ୍କ ହାଜତ ମୃତ୍ୟୁ ଖବର ପାଇବା ପରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାଙ୍କ ପରିବାରକୁ ଭେଟିବା ପାଇଁ ରାଜଧାନୀ ଲକ୍ଷ୍ନୌରୁ ଆଗ୍ରା ଯାଉଥିବାବେଳେ ଲକ୍ଷ୍ନୌ ପୋଲିସ ତାଙ୍କୁ ଅଟକାଇଥିଲା। କୌଣସି ରାଜନୈତିକ ବ୍ୟକ୍ତିଙ୍କୁ ସେଠାକୁ ଯିବାକୁ ନ ଦେବା ପାଇଁ ଆଗ୍ରା ଜିଲାପାଳ ନିର୍ଦ୍ଦେଶ ଦେଇଥିବା ପୋଲିସ କହିଥିଲା। ଏନେଇ ପ୍ରିୟଙ୍କା କହିଥିଲେ, ମୁଁ ଲକ୍ଷ୍ନୌରୁ ଯେଉଁଆଡ଼େ ଗଲେ ବି ଅନୁମତି ମାଗିବି କି? ଆଗ୍ରାରେ କୌଣସି ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଛି କି, ଯେଉଁଥିପାଇଁ ମୋତେ ଅଟକାଯାଉଛି ବୋଲି ପ୍ରଶ୍ନ କରିଥିଲେ। ବହୁ ସଂଖ୍ୟକ କଂଗ୍ରେସ କର୍ମୀ ସେଠାରେ ପହଞ୍ଚି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଟୋଲ୍ ପ୍ଲାଜା ନିକଟରେ କିଛି ସମୟ ରହିବା ପରେ ପୋଲିସ ତାଙ୍କୁ ଯିବା ପାଇଁ ଅନୁମତି ଦେଇଥିଲା।

# ପଞ୍ଜାବରେ ମେଣ୍ଟ ପାଇଁ ପ୍ରସ୍ତୁତି

ଚଣ୍ଡିଗଡ଼/ନୂଆଦିଲ୍ଲୀ,୨୦।୧୦

### ଅମରିନ୍ଦରଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କଲା ଭାଜପା

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ନୂଆ ଦଳ ଗଠନ କରିବାକୁ ଯାଉଛନ୍ତି। ଆନ୍ଦୋଳନରତ ଚାଷୀଙ୍କ ସମସ୍ୟାର ସମାଧାନ କଲେ ଭାଜପା ସହ ମେଣ୍ଟ କରିବେ ବୋଲି ଅମରିନ୍ଦର ଟୁଇଟ୍ କରିବାର ଦିନକ ପରେ ତାଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟକୁ ଗ୍ରହଣ କରିଛି ଗୈରିକ ଦଳ।

ପଞ୍ଜାବ ଷ୍ଟ୍ରଙ୍ଗମ୍ୟାନ କ୍ୟାପଟେନ ଅମରିନ୍ଦରଙ୍କୁ କଂଗ୍ରେସ କୋଣଠେସା କରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ କହିଥିଲା। ଅମରିନ୍ଦର ଏବେ ରାଜନୀତିରେ ନୂଆ ଇନିଂସ ଆରମ୍ଭ କରିବା ପାଇଁ ଦଳ ଗଠନ ନେଇ ଘୋଷଣା କରିଛନ୍ତି। ଭାଜପା ମଧ ତାଙ୍କ ସହ ମେଣ୍ଟ କରି ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ରାଜି ହୋଇଛି। ଏନେଇ ଭାଜପାର ପଞ୍ଜାବ ପ୍ରଭାରୀ ଦୁଷ୍ୟନ୍ତ ଗୌତମ ବୁଧବାର କହିଛନ୍ତି, ଅମରିନ୍ଦରଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟକୁ ଗ୍ରହଣ କରାଯାଇଛି। ତାଙ୍କ ସହ ମେଣ୍ଟ କରିବା ପାଇଁ ଆମେ ଆଗ୍ରହୀ। ଦେଶର ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିବା ଦଳ ସହ ମେଣ୍ଟ ପାଇଁ ଦ୍ୱାର ଖୋଲା ରଖିଛୁ। ପାର୍ଲାମେଣ୍ଟାରି ବୋର୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ତେବେ କୃଷକଙ୍କ ମଙ୍ଗଳ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। ଉପଯୁକ୍ତ



ଅମରିନ୍ଦର ସିଂ

ସମୟରେ ଆମେ ଏହି ପ୍ରସଙ୍ଗରେ ଆଲୋଚନା କରି ସମାଧାନ କରିବୁ। ପ୍ରକାଶ ଯେ ନିଜ ପୂର୍ବତନ କ୍ୟାବିନେଟ ସହଯୋଗୀ ତଥା ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜୋତ୍ ସିଂ ସିଦ୍ଧୁଙ୍କ ଯୋଗୁ ୭୯ ବର୍ଷୀୟ ଅମରିନ୍ଦରଙ୍କୁ ଅପମାନିତ ହୋଇ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା। ଏହା ପରେ ସେ ନୂଆ ରାଜନୈତିକ ଦଳ ଗଠନ ନେଇ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସେ କଂଗ୍ରେସ ଛାଡ଼ି ନାହାନ୍ତି।





ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭାଜପା ଓ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ଭାଜପା, କଂଗ୍ରେସ

### ମମିତା ହତ୍ୟା ଘଟଣା

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଉଭୟ ଭାଜପା ଓ କଂଗ୍ରେସ ପକ୍ଷରୁ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଭେଟି ଦାବିପତ୍ର ଦିଆଯାଇଛି।

ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଇବା ସହିତ ସେମାନେ ହିଂସା ଏବଂ ଦ୍ୱେଷର ଶିକାର ହେଉଛନ୍ତି । ଆଦିବାସୀବର୍ଗଙ୍କୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଅପମାନ ଏବଂ ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ଶାସକ ବିଜେଡିର ଅସହିଷ୍ଣୁତା ଏବଂ ରାଜନୈତିକ ହିଂସାପରାୟଣ ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି ମଧ ଭାଜପା ଅଭିଯୋଗ କରିଛି। ସେହିପରି ରାଜ୍ୟରେ ମହିଳା ନିର୍ଯାତନା ଓ ହିଂସାକାଣ୍ଡ ଦିନକୁ ଦିନ ବୃଦ୍ଧି ପାଇଚାଲିଛି । ଶାସକ ବିଜେଡିର ନେତା, ମନ୍ତ୍ରୀ, ବିଧାୟକ ଓ ଏମ୍‌ପିଙ୍କ ଛତ୍ରଛାୟା ତଳେ ରହି ଅପରାଧୀମାନେ ନିର୍ଭୟରେ ଅପରାଧ ଭିଆଇ ଚାଲୁଛନ୍ତି । ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ ଆସୁଥିବା ବେଳେ ତାଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ଗିରଫ କରାଯାଉ ବୋଲି ଭାଜପା ଦାବି କରିଛି। ଏହି ୨ଟି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପକରି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଭାଜପା ପକ୍ଷରୁ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। । ଏହି ଭିନ୍ନ ଭିନ୍ନ ୨ଟି ପ୍ରସଙ୍ଗରେ ବୁଧବାର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧିମଣ୍ଡଳ ରାଜ୍ୟପାଳଙ୍କୁ ଭେଟିଥିଲେ।

ଅପରପକ୍ଷେ, ମମିତାଙ୍କ ହତ୍ୟା ଘଟଣାରେ ବୁଧବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଏକ ୮ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଘଟଣାରେ ରାଜନୈତିକ ଏବଂ ପ୍ରଶାସନର ଚାପ ଏଡାଇବା ନିମନ୍ତେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ କରାଯିବାକୁ କଂଗ୍ରେସ ଦାବି କରିଛି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବରଖାସ୍ତ କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ପୀଡ଼ିତା ପରିବାର ନ୍ୟାୟ ପାଇପାରିବେ ବୋଲି ସ୍ମାରକପତ୍ର ମାଧ୍ୟମରେ ରାଜ୍ୟପାଳଙ୍କୁ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।



ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଆଗରେ ବିକ୍ଷୋଭ।

### ମନ୍ତ୍ରୀଙ୍କୁ ବହିଷ୍କାର ନକଲେ ସନ୍ଦେହ ସୃଷ୍ଟି ହେବ: ନିରଞ୍ଜନ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ଉତ୍ତରପ୍ରଦେଶ ଲଖିମ୍‌ପୁର ଖେରୀ ଘଟଣାରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ପ୍ରଧାନମନ୍ତ୍ରୀ ଘଣ୍ଟ ଘୋଡ଼େଇଲା ଭଳି ନ କରି ମୁଖ୍ୟମନ୍ତ୍ରୀ ମମିତା ମେହେର ହତ୍ୟା ଘଟଣାରେ ସମ୍ପୃକ୍ତ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଇସ୍ତଫା ଦେବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଅଥବା ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ । ନ ହେଲେ ଏ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କର ସମ୍ପୃକ୍ତିଥିବା ସାଧାରଣ ଲୋକଙ୍କର ସନ୍ଦେହ ସୃଷ୍ଟି ହେବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

କଳାହାଣ୍ଡି ଜିଲା ମହାଲିଙ୍ଗର ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଭଳି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପଲବ୍ଧି କରନ୍ତୁ। ଆଇନ ଅନୁଯାୟୀ ଘଟଣାରେ ସମ୍ପୃକ୍ତ ଦୋଷୀ ବିରୋଧରେ ମୁଖ୍ୟମନ୍ତ୍ରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ଦାବି କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ମମିତାଙ୍କୁ ଷଡ଼ଯନ୍ତ୍ରପୂର୍ଣ୍ଣ ହତ୍ୟା ଖବର ଶୁଣି ସେ ବ୍ୟଥିତ। ସ୍କୁଲ ମାଲିକ ଗୋବିନ୍ଦ ସାହୁ ଏହି ହତ୍ୟାକାଣ୍ଡର ମୁଖ୍ୟ ସୂତ୍ରଧର। ପୀଡ଼ିତାଙ୍କ ପରିବାର ତରଫରୁ ତାଙ୍କ ବିରୋଧରେ ଯେଉଁ ସବୁ ସଙ୍ଗୀନ ଅଭିଯୋଗ ଅଣାଯାଉଛି, ଏହା ଆହୁରି କଷ୍ଟଦାୟକ। ଏହି ବେସରକାରୀ ଶିକ୍ଷାନୁଷ୍ଠାନ ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ ଚାଲୁଛି। ଏହି ଘଟଣାରେ ରାଜ୍ୟ ଶାସକ ଦଳ ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ନେଇ ଗଣମାଧମରେ ପ୍ରକାଶ ପାଉଥିବା ଉଦ୍‌ବେଗଜନକ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପୀଡ଼ିତା ପରିବାର ନ୍ୟାୟ ପାଇବେ: ବିଜେଡି



ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ (ବାମ)।

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ସମ୍ବେଦନଶୀଳ ଆପରାଧିକ ମାମଲାକୁ ନେଇ ଭାଜପା ରାଜନୀତି କରୁଛି ଓ ବିନା ପ୍ରମାଣରେ ବିଜେଡି ନେତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଛି। ଏପରିକି ଜଘନ୍ୟ ମାମଲାରେ ପୀଡ଼ିତା କିମ୍ବା ସେମାନଙ୍କ ପରିବାରକୁ ନ୍ୟାୟ ମିଳୁ ବୋଲି ଭାଜପା ଚାହୁଁ ନ ଥିବା ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରମିଳା କହିଛନ୍ତି, ମମିତା ମେହେରଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ। ଏହି ଘଟଣାରେ ଆମେ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଉକ୍ତ ମାମଲାରେ ଅଭିଯୁକ୍ତମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବାସହ ପୀଡ଼ିତା ପରିବାର ନ୍ୟାୟ ପାଇବେ । ଏନ୍‌ଆଇଏରେ କାର୍ଯ୍ୟ କରିଥିବା ଜଣେ ଅଭିଜ୍ଞ ପୋଲିସ ଅଧିକାରୀ ଏହି ମାମଲାର ମନିଟରିଂ କରୁଛନ୍ତି । ତେବେ ୨୦୧୩ରୁ ଓଡ଼ିଶା ଭାଜପା ପ୍ରତ୍ୟେକ ଆପରାଧିକ ମାମଲାକୁ ସମ୍ବେଦନଶୀଳ କରିବା ସହିତ ଏହାକୁ ନେଇ ଶସ୍ତା ରାଜନୀତି କରୁଛି। ଉତ୍ତରପ୍ରଦେଶରେ କୃଷକଙ୍କୁ ହତ୍ୟା କରାଯାଇଥିବା ମାମଲାରେ ଭାଜପା ମନ୍ତ୍ରୀଙ୍କ ପୁଅଙ୍କ ସମ୍ପୃକ୍ତ ଥିଲା । ଜାତୀୟ ଆକ୍ରୋଶ ଓ ସମାଲୋଚନା ପରେ ତାଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ରାଜ୍ୟ ଭାଜପା ଚୁପ୍ ରହିଲା । ରାଜ୍ୟ ଭାଜପାର ଦୋମୁହାଁ ନୀତି ଏବଂ ପୀଡ଼ିତ ଓ ସେମାନଙ୍କ ପରିବାର ପ୍ରତି ସହାନୁଭୂତିର ଅଭାବ ବିଷୟ ଏଥିରୁ ଜଣାପଡୁଛି। ବର୍ତ୍ତମାନର ଘଟଣା ଏକ ଶିକ୍ଷାନୁଷ୍ଠାନ ସହିତ ଜଡ଼ିତ ଯେଉଁଠି ଶହ ଶହ ଛାତ୍ର ଅଧ୍ୟୟନ କରନ୍ତି। ମିଥ୍ୟା ତଥା କୁତ୍ସିତ ଅଭିଯୋଗ କରି ଭାଜପା ଏହି ପ୍ରସଙ୍ଗରେ ରାଜନୀତୀକରଣ ନ କରୁ। କେନ୍ଦ୍ରୀୟ ମନ୍ତ୍ରୀଙ୍କ ସମେତ ଭାଜପା ନେତାଙ୍କ ବହୁ ଫଟୋ ଓଡ଼ିଶାରେ ଅନେକ ଆପରାଧିକ ମାମଲାରେ ଜଡ଼ିତ ଅଭିଯୁକ୍ତଙ୍କ ସହ ରହିଛି ବୋଲି ପ୍ରମିଳା କହିଛନ୍ତି।

# ନବୀନ ନିବାସ ଆଗରେ ବିକ୍ଷୋଭ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ପୃକ୍ତି ରହିଥିବା କଂଗ୍ରେସ ଅଭିଯୋଗ କରିଛି। ମୁଖ୍ୟ ଅଭିଯୁକ୍ତ ସ୍କୁଲ ସଭାପତି ଗୋବିନ୍ଦ ସାହୁ ପୋଲିସ ହେପାଜତରୁ ଫେରାର ହୋଇ ଗିରଫ ହେବା ପଛରେ ମନ୍ତ୍ରୀଙ୍କ ହାତ ଥିବା ଅଭିଯୋଗ ହେଉଛି। ଏନେଇ ବିରୋଧୀ ଦଳ ପକ୍ଷରୁ ମନ୍ତ୍ରୀ ମିଶ୍ରଙ୍କୁ ପଦରୁ ବହିଷ୍କାର ସହ ଘଟଣାର ସିବିଆଇ ତଦନ୍ତ କରିବା ଦାବି ଜୋର୍ ଧରୁଛି। ଏହାକୁ କେନ୍ଦ୍ରକରି ବୁଧବାର ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ନବୀନ ନିବାସ ଆଗରେ କଳା ପତାକା ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ନବୀନ ନିବାସ ସମ୍ମୁଖରେ ପହଞ୍ଚିଥିଲେ। ମନ୍ତ୍ରୀଙ୍କୁ ବହିଷ୍କାର ଦାବିରେ ନାରାବାଜି କରିବା ସହ କଳା ପତକା ଦେଖାଇ ବିରୋଧ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ସେଠାରେ ଉପସ୍ଥିତ ପୋଲିସ ଲେଙ୍କାଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀଙ୍କୁ ଅଟକ ରଖିଥିଲା। ଲେଙ୍କା କହିଛନ୍ତି, ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଅଭିଯୁକ୍ତ ତା'ର ସାମ୍ରାଜ୍ୟ ବିସ୍ତାର କରିଥିବା ବହୁ ପ୍ରମାଣ ମିଳିଲାଣି। ଯେହେତୁ ମିଶ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଅଛନ୍ତି। ସେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ତୁରନ୍ତ ମନ୍ତ୍ରୀ ମଣ୍ଡଳରୁ ମିଶ୍ରଙ୍କୁ ବହିଷ୍କାର କରାଯାଉ। ଏଥିସହ ଘଟଣାର ନିରପେକ୍ଷ ତଦନ୍ତ ସହ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଲେଙ୍କା ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ସହ ୨୦ମନ୍ତ୍ରୀ ବାଣ୍ଟିବେ ୬.୧୧ଲକ୍ଷ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ

ବାରିପଦା ଅଫିସ,୨୦।୧୦

ଆସନ୍ତା ଶୁକ୍ରବାର ମୟୂରଭଞ୍ଜ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ଼ ବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ଏହି ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଆଦିତ୍ୟ ମହାପାତ୍ରଙ୍କଠାରୁ ଗସ୍ତସୂଚୀ ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି ଚାଲିଛି। ପୂର୍ବାହ୍ନ ୯.୪୦ମିନିଟରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ହେଲକପ୍ଟର ଯୋଗେ ଆସି ବାରିପଦା ଛଉପଡ଼ିଆ ଅସ୍ଥାୟୀ ହେଲିପ୍ୟାଡ୍‌ରେ ୧୧ଟାରେ ଅବତରଣ କରିବା ପରେ ଶହୀଦ ସ୍ମୃତିଭବନକୁ ଯିବେ। ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବେ । ଏହା ପରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହାପରେ ପୂର୍ବାହ୍ନ ୧୧ଟା୨୯ମିନିଟରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ଼ ବଣ୍ଟନର ଶୁଭାରମ୍ଭ କରିବେ। ୧୧ଟା ୪୦ମିନିଟରେ ମୁଖ୍ୟମନ୍ତ୍ରୀ ଡିଜିଟାଲ ମାଧ୍ୟମରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିବା ପରେ ମୁଖ୍ୟମନ୍ତ୍ରୀ ୧୧ଟା ୫୦ରେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି।

ଜିଲାରେ ୬ଲକ୍ଷ ୧୧ହଜାରରୁ ଊର୍ଦ୍ଧ୍ୱ ଜଣଙ୍କୁ କାର୍ଡ଼ ବଣ୍ଟନ କରାଯିବାକୁ ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ହାତରୁ ୪ଟି ସବଡିଭିଜନରୁ ଆସିଥିବା ୮ଜଣ ସ୍ମାର୍ଟ କାର୍ଡ଼ ଗ୍ରହଣ କରିବେ। ଏହି ସ୍ମାର୍ଟକାର୍ଡ଼ ବଣ୍ଟନ କାର୍ଯ୍ୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଜିଲାର ୨୬ଟି ବ୍ଲକ, ୨ଟିଏନ୍‌ଏସି ଓ ୨ଟିମ୍ୟୁନିସିପାଲଟିରେ ଏକ ସଙ୍ଗେ ଶୁଭାରମ୍ଭ ହେବ। ଏନେଇ ୨୦ଜଣମନ୍ତ୍ରୀ, ୩ରାଜ୍ୟ ସଭା ସଦସ୍ୟ, ୨ବିଧାୟକ, ଜଣେ ଉପଦେଷ୍ଟା ଓ ଜଣେ ଯୋଜନାବୋର୍ଡ଼ ସଦସ୍ୟ ଉପସ୍ଥିତ ରହି କାର୍ଡ଼ବଣ୍ଟନ ଆରମ୍ଭ କରିବେ। ବଡ଼ସାହି ବ୍ଲକରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବହଳଦା ବ୍ଲକରେ ମନ୍ତ୍ରୀ ପଦ୍ମିନୀ ଦିଆନ, ବାଙ୍ଗିରିପୋଷି, ଶାମାଖୁଣ୍ଟା ଓ ବିଶୋଇରେ ମନ୍ତ୍ରୀ ସୁଦାମ ମାରାଣ୍ଡି, ବାରିପଦାରେ ମନ୍ତ୍ରୀ ସୁଶାନ୍ତ ସିଂ, ବେତନଟୀରେ ମନ୍ତ୍ରୀ ନବ କିଶୋର ଦାସ, ବିଜାତଳାରେ ମନ୍ତ୍ରୀ ଜଗନ୍ନାଥ ସର୍କାର, ଗୋପବନ୍ଧୁନଗରରେ ମନ୍ତ୍ରୀ ଅରୁଣ କୁମାର ସାହୁ, ଜାମଦାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଯଶିପୁରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କପ୍ତିପଦାରେ ମନ୍ତ୍ରୀ ଟୁକୁନି ସାହୁ, କରଞ୍ଜିଆରେ ମହିଳା ଓ ଶିଶୁକଲ୍ୟାଣ ବିଭାଗର ଉପଦେଷ୍ଟା ସୁଲତା ଦେଓ ଏବଂ ବିଧାୟିକା ବାସନ୍ତୀ ହେମ୍ବ୍ରମ, ଖୁଣ୍ଟା ଓ ଉଦଳା ଏନଏସିରେ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ, କୁଳିଅଣାରେ ରାଜସଭ୍ୟା ସଦସ୍ୟ ସସ୍ମିତ ପାତ୍ର, କୁସୁମୀରେ ମନ୍ତ୍ରୀ ପଦ୍ମନାଭ ବେହେରା, ମୋରଡ଼ା ଓ ଶୁଳିଆପଦାରେ ବିଧାୟକ ରାଜକିଶୋର ଦାସ, ରାଇରଙ୍ଗପୁରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରରୁଆଁରେ ମନ୍ତ୍ରୀ ରଘୁନନ୍ଦନ ଦାସ, ରାସଗୋବିନ୍ଦପୁରରେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ, ସାରସକଣାରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶୁକ୍ଳିରେ ମନ୍ତ୍ରୀ ପରମାନନ୍ଦ ନାଏକ, ଠାକୁରମୁଣ୍ଡାରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ତିରିଂରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଉଦଳାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବାରିପଦା ମ୍ୟୁନିସିପାଲଟିରେ ମନ୍ତ୍ରୀ ପ୍ରତାପ ଜେନା, ରାଇରଙ୍ଗପୁର ମ୍ୟୁନିସିପାଲଟିରେ ମନ୍ତ୍ରୀ ସମୀର ରଞ୍ଜନ ଦାସ ଓ କରଞ୍ଜିଆ ଏନଏସିରେ ରାଜ୍ୟ ଯୋଜନାବୋର୍ଡ଼ ସଦସ୍ୟ ରାମଚନ୍ଦ୍ର ପଣ୍ଡା ଯୋଗଦେଇ ୪/୫ଦିନ ଧରି ସେମାନେ କାର୍ଡବଣ୍ଟନ କାର୍ଯ୍ୟ ତୁଲାଇବେ ବୋଲି ସୂଚନା ମିଳିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୨୫,୯୭,୦୯୭ | ୪୯,୩୨,୬୮୬ | ୨୧,୯୮,୬୧,୭୭୭ |
| ଭାରତ | ୩,୪୧,୨୨,୯୨୦ | ୪,୫୨,୭୯୬ | ୩,୩୪,୮୨,୨୧୯ |
| ଓଡ଼ିଶା | ୧୦,୩୬,୫୩୨ | ୮୨୯୬(+୫୩) | ୧୦,୨୩,୮୪୯ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରାଙ୍କ ପରଲୋକ

- ବାଚସ୍ପତି, ମୁଖ୍ୟମନ୍ତ୍ରୀଙ୍କ ଶୋକ
- ମାଲକାନଗିରି ଜିଲାରେ ଶୋକର ଛାୟା

ମାଲକାନଗିରି, ୨୦।୧୦(ଡି.ଏନ୍.ଏ.)

ଓଡିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରାଙ୍କ ବୁଧବାର ଭୁବନେଶ୍ୱର ସ୍ଥିତି ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ଅସୁସ୍ଥତା ଯୋଗୁ ଗତ କିଛି ଦିନ ହେବ ସେ ଏମ୍ସରେ ଚକିତ୍ସିତ ହେଉଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋରାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ କରି କହିଛନ୍ତି ଯେ ଓଡିଶା ବିଧାନଭାର ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରଙ୍କ ଦେହାନ୍ତ ବିଷୟ ଜାଣି ମୁଁ ଦୁଃଖିତ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହିତ ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଦୋରାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।ସେ ସ୍ୱର୍ଗତ ଆତ୍ମାର ସଦସଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଛନ୍ତି।



ଦୋରାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଜଣାପଡ଼ିବା ପରେ ମାଲକାନଗିରି ଜିଲାରେ ଶୋକର ଛାୟା ଖେଳିଯାଇଛି। ଦୋରା ଛାତ୍ରାବସ୍ଥାରୁ ସମାଜସେବାରେ ନିଜକୁ ଜଡିତ ରଖିଥିଲେ। ସେ ଜନତା ଦଳରେ ଯୋଗଦେଇ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରୁ ୧୯୭୭ରୁ ୧୯୮୦ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ୧୯୯୦ରୁ ୧୯୯୫ ଏବଂ ୨୦୦୪ରୁ ୨୦୦୯ ମଧ୍ୟରେ ୨ଥର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି-ଭାଜପା ମେଣ୍ଟ ସରକାରରେ ସେ ଉପ ବାଚସ୍ପତି ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ମୃତ୍ୟୁରେ ଜିଲାରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଜିଲା ଜଣେ ଅଗ୍ରଣୀ ନେତା ଏବଂ ସାମାଜିକ କର୍ମୀଙ୍କୁ ହରାଇଲା ବୋଲି ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ପୂର୍ବତନ ବିଧାୟକ ମାନସ ମାଡକାମି, ମୁକୁନ୍ଦ ସୋଢ଼ି ପ୍ରମୁଖ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ସ୍ୱର୍ଗତ ଦୋରା ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସହଧର୍ମିଣୀ ମଧ୍ୟ ସେହି ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

# ଜୁଆରେ ହାରି ବନ୍ଧା ପଡ଼ିଲେ ମହାପ୍ରଭୁ

ପୁରୀ ଅଫିସ, ୨୦।୧୦

ଶ୍ରୀମନ୍ଦିରରେ ବୁଧବାର କୁମାର ପୂର୍ଣ୍ଣିମା ନୀତି ପାଳିତ ହୋଇଛି। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଜୁଆଖେଳରେ ହାରି ମହାଲକ୍ଷ୍ମୀଙ୍କ ନିକଟରେ ୭ଦିନ ପାଇଁ ବନ୍ଧାପଡ଼ିଛନ୍ତି। ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ପରେ ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀମଦନ ମୋହନ ମହାଲକ୍ଷ୍ମୀ ମନ୍ଦିରର ଜଗମୋହନରେ ବିଜେ କରିଥିଲେ। ସେଠାରେ ଜୁଆଖେଳ ହୋଇଥିଲା। ନୀତି ସହ ସଂପୃକ୍ତ ସେବାୟତମାନେ ଶ୍ରୀଦେବୀ (ମହାଲକ୍ଷ୍ମୀ) ଓ ଶ୍ରୀମଦନ ମୋହନଙ୍କୁ ଜୁଆ ଖେଳାଇଥିଲେ। ଏହି



ଖେଳରେ କଉଡ଼ି, ସକଟା, ସୁନା କଉଡ଼ି ପ୍ରଭୃତି ବ୍ୟବହୃତ ହୋଇଥିଲା। ଶ୍ରୀମଦନମୋହନ ଜୁଆଖେଳରେ ହାରିବା ପରେ ରତ୍ନସିଂହାସନକୁ ବିଜେ କରିଥିଲେ। ସନ୍ଧ୍ୟାଧୂପ ପରେ ମଇଲମ ହୋଇ ଶ୍ରୀଜୀଉମାନଙ୍କୁ ଚନ୍ଦନ ଲାଗି କରାଯାଇଥିଲା। ବଡସିଂହାର ବେଶ ବଢ଼ି ଭୋଗ ପରେ ଗର୍ଭଗୃହ ରତ୍ନସିଂହାସନ ତଳେ ପଶାପାଲି ପଡ଼ିଥିଲା। ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁ ଜୁଆ ଖେଳିଥିଲେ। ଏଥିରେ ମହାପ୍ରଭୁ ହାରିଯାଇଥିଲେ। ଫଳରେ ସେ ମହାଲକ୍ଷ୍ମୀଙ୍କ ନିକଟରେ ବନ୍ଧା ପଡ଼ିଥିଲେ।

# ଝାଡ଼ଖଣ୍ଡ ଜଜ୍ ହତ୍ୟା ମାମଲାରେ ସିବିଆଇର ଚାର୍ଜଶିଟ୍

ନୂଆଦିଲ୍ଲୀ, ୨୦।୧୦

ଝାଡ଼ଖଣ୍ଡର ବିଚାରପତିଙ୍କ ଉପରେ ଅଟୋରିକ୍ସା ମଡ଼ାଇ ହତ୍ୟା କରାଯିବା ଘଟଣାରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି। ଗତ ଜୁଲାଇ ୨୮ରେ ଅଟୋରିକ୍ସା ଡ୍ରାଇଭର ଓ ହେଲ୍ପର ଧାନବାଦର ଜିଲା ଜଜ୍ ଉତ୍ତମ ଆନନ୍ଦ (୪୯)ଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି। ସିସିଟିଭି ଫୁଟେଜରୁ ଏହା ଉଦ୍ଦେଶ୍ୟମୂଳକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ଘଟଣାର ଦିନକ ପରେ ଡ୍ରାଇଭର ଲଖନ ବର୍ମା ଓ ତାଙ୍କ ସହଯୋଗୀ ରାହୁଲ ବର୍ମାଙ୍କୁ ଗିରଫ କରାଯାଇଥିଲା। ସେମାନେ ଭୁଲ୍ ତଥ୍ୟ ଦେବା ସହ ପ୍ରମାଣ ଲୁଚାଇଥିବା ଅଭିଯୋଗଫର୍ଦ୍ଦରେ ଦର୍ଶାଯାଇଛି। ଅଭିଯୁକ୍ତଙ୍କୁ ନେଇ ଅପରାଧ ଦୃଶ୍ୟ ପୁନଃ ପ୍ରସ୍ତୁତ କରିବା, ସିସିଟିଭି ଫୁଟେଜ ଯାଞ୍ଚ, ୩ଡି ଅନୁଧ୍ୟାନ ଓ ଫୋରେନ୍‌ସିକ ତଥ୍ୟ ପ୍ରମାଣରୁ ଜଜ୍ ଉତ୍ତମଙ୍କୁ ଜାଣିଶୁଣି ଅଟୋ ଧକ୍କା କରାଇ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା ବୋଲି ଗତ ସପ୍ତାହରେ ସିବିଆଇ ଝାଡ଼ଖଣ୍ଡ ହାଇକୋର୍ଟଙ୍କୁ ଜଣାଇଥିଲା।



ବିଚାରପତି ଉତ୍ତମ ଆନନ୍ଦ






**ଆଜିର ମନ୍ତବ୍ୟ**

ଭଗବାନ୍ ବୁଦ୍ଧ ଭାରତର ସମ୍ବିଧାନ ପାଇଁ ପ୍ରେରଣା। ତ୍ରିରଙ୍ଗାରେ ଥିବା ଧର୍ମଚକ୍ର ଦେଶକୁ ଆଗେଇନେବା ଲାଗି ବାଟ କଢ଼ାଏ। -**ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅର୍ପିତା
ପରିବାରବର୍ଗ


କୃଷ୍ଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚିଲିକାରେ ବଢ଼ୁଛି ବିଦେଶୀ ପକ୍ଷୀଙ୍କ ସମାଗମ



**ବାଲୁଗାଁ,୨୦।୧୦ (ଡି.ଏନ୍.ଏ.)**

ବାୟୁମଣ୍ଡଳକୁ ଶୀତ ସ୍ପର୍ଶ ନ କରୁଣୁ ଏସିଆର ସର୍ବବୃହତ ଲବଣାକ୍ତ ହ୍ରଦ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଛି। ଗତ ୨ସପ୍ତାହରୁ ବୁଧବାର ସୁଦ୍ଧା ସମଗ୍ର ଚିଲିକାକୁ ପ୍ରଥମ ପର୍ଯ୍ୟାୟରେ ୬୨ପ୍ରଜାତିର ୨୨ହଜାରରୁ ଉର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ସୂତ୍ରରୁ ଜଣାଯାଇଛି। ସେଥିମଧ୍ୟରୁ ନଳବଣରେ ୫୫ପ୍ରଜାତିର ମୋଟ ୫,୧୨୭ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ସ୍ଥାନୀୟ ଦେଶୀ ପକ୍ଷୀ ମଧ୍ୟ ସମାଗମ ହୋଇଛନ୍ତି। ସର୍ବାଧିକ ସଂଖ୍ୟାରେ ଉଡ଼୍ସ୍ୟାଣ୍ଡ ପାଇପର୍ ୩୦୦, ଇରାସିଆନ୍ ଇୟୁଜିୟନ ୩୦୦, ପ୍ଲୋଭର ୨୮୦, ନର୍ଦନ ପିଣ୍ଟେଲ୍ ୨୫୦, ସୋଭଲର ୨୦୦, କମନକୁଟ୍ ୧୪୦, କମନ୍ ରେଡ୍ସ୍ଟାର୍କ୍ ୧୨୦, ଗୋଲଡେନ ପ୍ଲୋଭର ୧୦୦ଏବଂ ଚିଲିକାକୁ ଶୋଭା ବର୍ଦ୍ଧନ କରୁଥିବା ଆକର୍ଷଣୀୟ ଗ୍ରେଟର ଫ୍ଲେମିଙ୍ଗୋ (ଏରା ପକ୍ଷୀ) ଆଦି ପ୍ରଜାତିର ସ୍ୱଳ୍ପ ସଂଖ୍ୟା ପକ୍ଷୀଙ୍କ ଆଗମନ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହାବ୍ୟତୀତ ଅବଶିଷ୍ଟ ପକ୍ଷୀ ବାହାର ଚିଲିକା ତଥା ଅନ୍ୟାନ୍ୟ ରେଞ୍ଜ ଟାଙ୍ଗି, ସାତପଡ଼ା, ଚିଲିକା ଓ ରମ୍ଭା ଆଦି ଅଞ୍ଚଳରେ ଦୃଷ୍ଟିଗୋଚର ହୋଇଛନ୍ତି।

ପ୍ରାୟତଃ ଅକ୍ଟୋବର ପହିଲାରୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। କିନ୍ତୁ ଚଳିତବର୍ଷ ଶୀତ ଆଗମନରେ ବିଳମ୍ବ ହେବା ସତ୍ତ୍ୱେ ତୃତୀୟ ସପ୍ତାହ ସୁଦ୍ଧା ଚିଲିକାକୁ ପକ୍ଷୀ ଆସିଯାଇଛନ୍ତି। ବରଫାବୃତ୍ତ ଅଞ୍ଚଳ ସାଇବେରିଆ, ରୁଷିଆ, କାଜାଖସ୍ତାନ, ଲଦାଖ, ମଙ୍ଗୋଲିଆ, ଆମେରିକା, କାନାଡା ଆଦି ରାଷ୍ଟ୍ରାଞ୍ଚଳରୁ ପ୍ରବଳ ହିମପ୍ରବାହ ଓ ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ପକ୍ଷୀମାନେ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାକୁ ଆସନ୍ତି। ବିଶେଷକରି ପକ୍ଷୀମାନେ ନଳବଣ ଏବଂ ଟାଙ୍ଗି ରେଞ୍ଜ୍ ଅଧୀନ ମଙ୍ଗଳାଯୋଡ଼ି ଅଞ୍ଚଳରେ ରୁହନ୍ତି।

ଅନ୍ୟପକ୍ଷେ ପକ୍ଷୀଙ୍କ ଆଗମନ ହେତୁ ଶିକାରୀମାନେ ସକ୍ରିୟ ହୋଇପଡ଼ିଥିବା ବେଳେ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସଜାଗ ହୋଇଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ୨୧ଟି କ୍ୟାମ୍ପ ଓ ସ୍ଥଳପଥରେ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ ଗଠନ କରାଯାଇଛି। ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୧ଟି କ୍ୟାମ୍ପ, ବାଲୁଗାଁ ରେଞ୍ଜର ନଳବଣରେ ୪ଟି, ସାତପଡ଼ାରେ ୨ଟି, ରମ୍ଭା ୨ ଓ ଚିଲିକାରେ ୧ଟି କ୍ୟାମ୍ପ ପାଇଁ ବ୍ୟବସ୍ଥା ହୋଇଛି। ଭ୍ରାମ୍ୟମାଣ ସ୍କ୍ୱାଡ ଦଳ ବାଲୁଗାଁଠାରୁ ଟାଙ୍ଗୀ ମଧ୍ୟରେ ସ୍ଥଳଭାଗରେ ବିଭିନ୍ନ ଢାବା ଓ ହୋଟେଲ ଆଦି ଅଞ୍ଚଳରେ ଚଢ଼ାଉ କରିବେ। ଜଳପଥରେ ପ୍ରତ୍ୟେକ କ୍ୟାମ୍ପରେ ଗୋଟିଏ ଲେଖାଏ ଯନ୍ତ୍ରଚାଳିତ ବୋଟ୍ ସମେତ ଜଣେ ବନପାଳ କିମ୍ବା ବନରକ୍ଷୀ ଏବଂ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ୩ଜଣ ଲେଖାଏ ସଦସ୍ୟ ସାମିଲ ହୋଇଛନ୍ତି। ଏଥିସହ ଚିଲିକା ତଟବର୍ତ୍ତୀ ଗ୍ରାମରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ସଚେତନମୂଳକ କାର୍ଯ୍ୟକ୍ରମ କରାଯିବ। ଗତବର୍ଷ ପକ୍ଷୀ ଶିକାର ଘଟଣାରେ ୭ଟି ମାମଲା ରୁଜୁ କରାଯାଇ ୧୫ଜଣଙ୍କୁ ଗିରଫ ସହ ୫୦ରୁ ଉର୍ଦ୍ଧ୍ୱ ମୃତ ପକ୍ଷୀ ଜବତ ହୋଇଥିଲା। ତେବେ ଗତବର୍ଷ ବିଭାଗୀୟ ଗଣନା ଅନୁଯାୟୀ ସମଗ୍ର ଚିଲିକାକୁ ୧୯୦ ପ୍ରଜାତିର ମୋଟ ୧୨ଲକ୍ଷ ୪୨ହଜାର ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ପାଗ ଅନୁକୂଳ ଥିବାବେଳେ ଆଗକୁ ଶୀତ ବଢ଼ିଲେ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ଶରତ ଚନ୍ଦ୍ର ମିଶ୍ର ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନ୍ତୁରୀ ରାଣୀ,**
**ହସିଲା କାନ୍ଦିଲା ନ ହୁଏ ଜାଣି।**

ହସିଲା ବେଳେ ହେଉ ଅବା କାନ୍ଦିଲା ବେଳେ ହେଉ ଦାନ୍ତୁରୀର ଦାନ୍ତ ସବୁବେଳେ ବାହାରକୁ ବାହାରିଥାଏ। ସେ ହସୁଛି କି କାନ୍ଦୁଛି ତାହା ହଠାତ୍ ଜଣାପଡ଼ି ନ ଥାଏ ବା ସ୍ପଷ୍ଟ ରୂପେ ବାରି ହୋଇ ନ ଥାଏ। ପରୋକ୍ଷରେ ମୁହଁରୁ ମନର ଭାବ ଜାଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଃଖ କହିବାକୁ ମା' ନାହିଁ**
**ସୂତା କାଟିବାକୁ ଠା ନାହିଁ।**

ସନ୍ତାନ ପାଇଁ ମା' ହେଉଛି ଦ୍ୱିତୀୟ ଈଶ୍ୱର। ସ୍ନେହ, ମମତା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ପାଖରେ ମା' ଥିଲେ ସନ୍ତାନ ନିଜକୁ ସୁରକ୍ଷିତ ମନେକରିଥାଏ। ମା' ହେଉଛି ସୁଖଦୁଃଖର ସାଥୀ। ସୂତା କାଟିବାକୁ ସ୍ଥାନର ଅଭାବ ଭଳି ମା' ନ ଥିଲେ ସାହା ନ ମିଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମମିତା ମେହେର ହତ୍ୟା ଘଟଣା | କଳାହାଣ୍ଡି ବନ୍ଦ ପାଳନ



ଭବାନୀପାଟଣାଠାରେ ଭାଜପା ପକ୍ଷରୁ ରାସ୍ତାରୋକୋ କରାଯାଇଛି।

**ବାନୀପାଟଣା,୨୦।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାର ସିବିଆଇ ତଦନ୍ତ, ତାଙ୍କ ପରିବାରକୁ ନ୍ୟାୟ ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ବୁଧବାର ଭାଜପା ପକ୍ଷରୁ କଳାହାଣ୍ଡି ବନ୍ଦ ପାଳନ କରାଯାଇଛି। କିଛି ସ୍ଥାନରେ ସାମାନ୍ୟ ଅପ୍ରତୀକର ପରିସ୍ଥିତିକୁ ଛାଡ଼ିଦେଲେ ଜିଲାରେ ବନ୍ଦ ପାଳନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ରହିଥିଲା। ସକାଳ ୬ଟାରୁ ଦୋକାନବଜାର ସହ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଭବାନୀପାଟଣା ସହର କଲେଜ ଛକ, ଘୋଡାଘାଟ ଛକ ଓ ନକଟିଗୁଡା ଛକରେ ଭାଜପା କର୍ମୀମାନେ ରାସ୍ତାରୋକୋ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ଗୃହରାଷ୍ଟ୍ର ମନ୍ତ୍ରୀ ସମ୍ପୃକ୍ତ ରହିଥିବାରୁ ତଦନ୍ତ ପ୍ରଭାବିତ ହେବା ସମ୍ଭାବନା ରହିଛି। ତେଣୁ ନୈତିକତା ଦୃଷ୍ଟିରୁ ଗୃହରାଷ୍ଟ୍ର ମନ୍ତ୍ରୀ ମିଶ୍ର ଇସ୍ତଫା ଦିଅନ୍ତୁ, ନଚେତ ରାଜ୍ୟ ସରକାର ତାଙ୍କୁ ତୁରନ୍ତ ବହିଷ୍କାର କରନ୍ତୁ ବୋଲି କର୍ମୀମାନେ ନାରାବାଜି କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ଦାଶ, ଜିଲା ସଭାନେତ୍ରୀ ନିରୁପମା ନାଏକ, ଜିଲା ଯୁବ ସଭାପତି ବିଜୟଦେବ ସାହୁ, ଜିଲା ଉପସଭାନେତ୍ରୀ ବିନିତା ଦାଶ, ନଗର ସଭାନେତ୍ରୀ, ଗୀତାଞ୍ଜଳି ସାହୁ, ସାଧାରଣ ସମ୍ପାଦିକା ଶୋଭାଙ୍ଗିନୀ ପାତ୍ର, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଓମପ୍ରକାଶ ମିଶ୍ର, ନବରଙ୍ଗପୁର ଜିଲା ପ୍ରଭାରୀ ହିମାଂଶୁ ଶେଖର ପଣ୍ଡା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିପ୍ଜ୍ୟୋତି ମୁଣ୍ଡ, ଜିଲା ସାଧାରଣ ସମ୍ପାଦକ ଯୁଗୋଳ ପୋଢ଼, ଜିଲା ଉପସଭାପତି ବଦ୍ରି ନାରାୟଣ ପଟ୍ଟନାୟକ ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ହତ୍ୟା ପୂର୍ବରୁ ଗାତ ...

ଏହି ସମୟରେ ଘଟଣା ସମ୍ପର୍କରେ ଅଧିକ ତଦନ୍ତ, ସିନ୍ ରିକ୍ରିଏଶନ ଏବଂ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେନେଇ ପୋଲିସ ତଦନ୍ତ କରିବ। ମମିତା ହତ୍ୟା ଘଟଣାର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି କରି ବଲାଙ୍ଗୀରଠାରୁ ଆରମ୍ଭ କରି ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ବିକ୍ଷୋଭ ଜାରି ରହିଛି। ଏପରି କି ଭାଜପା ଓ କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି।

ମମିତାଙ୍କୁ ହତ୍ୟା କରିବାର ୨ଦିନ ପୂର୍ବରୁ ଅର୍ଥାତ୍ ଗତ ୬ତାରିଖରେ ନିର୍ମାଣାଧୀନ ଷ୍ଟାଡିୟମ ପରିସରରେ ଜେସିବି ଦ୍ୱାରା ୮ଫୁଟ ଗଭୀର ଗାତ ଖୋଳାଯିବା ଏବଂ ସେଥିରେ ସ୍କୁଲ୍‌ର କାର୍ଡବୋର୍ଡ ଓ ଆବର୍ଜନା ପକାଯାଇ ରଖାଯିବା ଘଟଣାରୁ ଏହା ଏକ ସୁଚିନ୍ତିତ ଏବଂ ଯୋଜନାବଦ୍ଧ ଅପରାଧ ବୋଲି ଜଣାପଡ଼ିଛି। ତେବେ ଏତେବଡ଼ ଘଟଣା ଘଟାଇବାରେ ଗୋବିନ୍ଦ ଏକାକୀ ସମର୍ଥ କି ତାଙ୍କୁ ଏଥିରେ ଅନ୍ୟ କେଉଁମାନେ ସହଯୋଗ କରିଛନ୍ତି, ତାକୁ ନେଇ ସବୁଠି ଚର୍ଚ୍ଚା ଜୋର ଧରିଛି। ଏନେଇ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାରଙ୍କୁ ପଚାରିବାରେ ଘଟଣାକୁ ସବୁଦିଗରୁ ତର୍ଜମା କରାଯାଇ ତଦନ୍ତ କରାଯାଉଛି। ଏପରି କି ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗୋବିନ୍ଦଙ୍କୁ ମଧ୍ୟ ରିମାଣ୍ଡରେ ଅଣାଯାଇଛି। ସମଗ୍ର ଘଟଣାର ତଦନ୍ତ ପାଇଁ ୯ଟି ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇଛି। ମାଟି ତଳୁ ଉଦ୍ଧାର ହୋଇଥିବା ଦଗ୍ଧ ମୃତଦେହର ଅଂଶବିଶେଷକୁ ଫରେନ୍ସିକ୍ ଲ୍ୟାବ୍‌କୁ ପଠାଯାଇଛି। ଏପରି କି ଡିଏନ୍ଏ ପରୀକ୍ଷା ନିମନ୍ତେ ମମିତାଙ୍କ ମା'ବାପାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି ବୋଲି ଡିଆଇଜି ଦୀପକ କହିଛନ୍ତି। ସୂଚନାଯୋଗ୍ୟ, ମମିତାଙ୍କୁ ଗତ ୮ତାରିଖରେ ଅପହରଣ କରାଯାଇଥିବା ଏବଂ ଉକ୍ତ ଘଟଣାରେ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ପରିବାର ପକ୍ଷରୁ ଗତ ୧୩ ତାରିଖରେ ସିନ୍ଧେକେଲା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଉକ୍ତ ଘଟଣାରେ ଏକ ଅପହରଣ ମାମଲା(ନଂ.୯୭/୨୦୨୧) ରୁଜୁ କରି ୧୪ତାରିଖରେ ଗୋବିନ୍ଦଙ୍କୁ ଆଣି ପଚରାଉଚରା କରିଥିଲା। ଟିଟିଲାଗଡ଼ ବାରାକ୍‌ରେ ରଖାଯାଇଥିବାବେଳେ ଗତ ରବିବାର ରାତିରେ ଗୋବିନ୍ଦ ପୋଲିସକୁ ଚକ୍‌ମା ଦେଖାଇ ଫେରାର ହୋଇଯାଇଥିଲେ। ୪୨ଘଣ୍ଟା ପରେ ମଙ୍ଗଳବାର ଅପରାହ୍ନରେ ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବୁଢ଼ୀପଦର ଗ୍ରାମ ନିକଟ ଏକ ଆଖୁ କିଆରି ଭିତରୁ ଗୋବିନ୍ଦଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ଗୋବିନ୍ଦଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଉତ୍ତମ ସମ୍ପର୍କ ଥିବାରୁ ଗୋବିନ୍ଦଙ୍କୁ ପୋଲିସ ଜାଣିଶୁଣି ଛାଡ଼ି ଦେଇଥିବାନେଇ ଅଭିଯୋଗ ହୋଇଥିଲା। ମିଶ୍ର ଗୃହ ବିଭାଗର ମନ୍ତ୍ରୀ ହୋଇଥିବାରୁ ଘଟଣାର ନିରପେକ୍ଷ ତଦନ୍ତ ହୋଇପାରିବ ନାହିଁ, ତେଣୁ ସେ ଇସ୍ତଫା ଦେବାକୁ ବିରୋଧୀ ବିକ୍ଷୋଭ ଜାରି ରଖିଛନ୍ତି।

## କାର୍ ଭିତରୁ ମିଳିଛି କେଶ, ଚାବିରିଙ୍ଗ୍, ପାଉଜି, ଜାର

**ବଲାଙ୍ଗୀର ଅଫିସ, ୨୦।୧୦:** ମମିତା ମେହେରଙ୍କୁ ଯେଉଁ କାର୍‌ରେ ଗୋବିନ୍ଦ ଅପହରଣ କରି ହତ୍ୟା କରିଥିଲେ ସେଥିରୁ ସାଇଣ୍ଟିଫିକ୍ ଟିମ୍‌କୁ କିଛି ଲମ୍ବା କେଶ, ଏକ ପାଉଜି, ଚାବିରିଙ୍ଗ୍ ଓ ଏକ ପ୍ଲାଷ୍ଟିକ୍ ଜାର୍ ମିଳିଛି। ଏହାସହ କାର ଭିତର ପଛ ସିଟ୍‌ର ରେଗ୍‌ଜିନ୍ ଚିରିଯାଇଥିବା ଦେଖାଯାଇଛି।

## ପ୍ରଥମ ପୃଷ୍ଠାରୁ...

ମମିତାଙ୍କୁ ତଣ୍ଟି ଚିପିଲାବେଳେ ଧସ୍ତାଧସ୍ତିରୁ କାର୍ ଭିତରେ ପାଉଁଜି, କେଶ, ଚାବିରିଙ୍ଗ୍ ପଡିଥିବା ଅନୁମାନ କରାଯାଉଛି। ମମିତାଙ୍କୁ ଜାଳିପୋଡିବା ବେଳେ ଅଭିଯୁକ୍ତ ଏହି ଜାର୍‌ର ପେଟ୍ରୋଲ ବ୍ୟବହାର କରିଥିବା ଅନୁମାନ କରାଯାଉଛି।

## ଉଦ୍‌ବେଗ ପ୍ରକାଶ କଲେ ...

ଏଥିସହିତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ମୃତ ଅଧ୍ୟକ୍ଷାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ଏନ୍‌ସିଡବ୍ଲ୍ୟୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅଭୟଙ୍କୁ ମଧ୍ୟ ଜଣାଇଛନ୍ତି। ନିର୍ଦ୍ଧାରିତ ସମୟରେ ଏହି ଘଟଣାର ତଦନ୍ତ ଶେଷ କରି ଯଥାଶୀଘ୍ର ପଦପେକ୍ଷ ସମ୍ପର୍କରେ ଜଣାଇବାକୁ ସେ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ଓଡ଼ିଶା ରାଜ୍ୟ ମହିଳା କମିଶନ (ଓଏସ୍‌ଡବ୍ଲ୍ୟୁସି) ମଧ୍ୟ ଗୁରୁତର ସହ ନେଇଛନ୍ତି। କମିଶନ ଅଧ୍ୟକ୍ଷା ମିନତୀ ବେହେରା ଘଟଣା ସମ୍ପର୍କରେ କଳାହାଣ୍ଡି ଓ ବଲାଙ୍ଗୀର ଏସ୍‌ପିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। କମିଶନ ଅଧ୍ୟକ୍ଷା କହିଛନ୍ତି ଯେ ଆସନ୍ତା ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଉଭୟ ଜିଲାର ଏସ୍‌ପିଙ୍କୁ କୁହାଯାଇଛି। ଘଟଣାରେ ଜଡ଼ିତ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ ଯେଉଁମାନେ ସମ୍ପୃକ୍ତ ଥିବେ ଆଇନ ଅନୁଯାୟୀ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋଷୀଙ୍କୁ ନିଶ୍ଚିତ ଦଣ୍ଡ ମିଳିବ ବୋଲି ସେ କହିଛନ୍ତି। ସ୍କୁଲ ଅଧ୍ୟକ୍ଷାଙ୍କ ହତ୍ୟା ଘଟଣାକୁ ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ବିରୋଧୀ କଂଗ୍ରେସ ଓ ଭାଜପା ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଥିବା ବେଳେ ଏଥିରେ ସମ୍ପୃକ୍ତ ଥିବା ଶିକ୍ଷ ତଥା ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ରାଜ୍ୟ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବାକୁ ଦାବି କରିଛନ୍ତି।

## ପେଟ୍ରୋଲ ୩୬, ଡିଜେଲ...

ସେହିଭଳି ଜଗତ୍‌ସିଂହପୁରରେ ପେଟ୍ରୋଲ ୧୦୬.୮୪ ଏବଂ ଡିଜେଲ ୧୦୩.୨୪ ଟଙ୍କା ଛୁଇଁଛି। ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ପ୍ରାୟ ୩୫ ପଇସା ବଢ଼ିଛି। ଦିଲ୍ଲୀରେ ପେଟ୍ରୋଲ ସର୍ବୋଚ୍ଚ ସ୍ତର ୧୦୬.୧୯ ଟଙ୍କା ଥିବା ବେଳେ ମୁମ୍ବାଇରେ ଏହା ୧୧୨.୧୧ ଟଙ୍କା ରହିଛି। ଏହି ୨ ସହରରେ ଡିଜେଲ ଦର ଯଥାକ୍ରମେ ୧୦୨.୮୯ ଏବଂ ୯୪.୯୨ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ରାଜସ୍ଥାନର ଗଙ୍ଗାନଗରରେ ପେଟ୍ରୋଲ ୧୧୮.୨୩ ଟଙ୍କା ଏବଂ ଡିଜେଲ ୧୦୯.୦୪ ଟଙ୍କା ଛୁଇଁଛି। ଓଡ଼ିଶା ସମେତ ମଧ୍ୟପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଗୁଜରାଟ, ମହାରାଷ୍ଟ୍ର, ଛତିଶଗଡ଼, ବିହାର,କେରଳ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ଗୋଆ ଏବଂ ଲଦାଖ ଭଳି ସ୍ଥାନରେ ପେଟ୍ରୋଲ ୧୦୦ ଟଙ୍କା ପାର କରିଛି। ରାଜ୍ୟଗୁଡ଼ିକ ସ୍ତରରେ ଭାଟ୍ ଭିନ୍ନତା ଯୋଗୁ ଦେଶ ମଧ୍ୟରେ ତେଲ ଦର ଭିନ୍ନ ରହୁଛି। ଅନ୍ତର୍ଜାତୀୟ ବଜାରରେ ବୁଧବାର ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୮୪.୪୩ ଡଲାର ଛୁଇଁଛି। ଗତ ୭ ବର୍ଷ ମଧ୍ୟରେ ବ୍ରେଣ୍ଟର ଏହା ରେକର୍ଡ ସ୍ତର। ଗୋଟିଏ ମାସ ତଳେ ଏହା ୭୩.୯୨ ଡଲାର ସ୍ତରରେ ଥିଲା। ଭାରତ ଏହାର ଇନ୍ଧନ ଆବଶ୍ୟକତା ପୂରଣ ଲାଗି ପ୍ରାୟ ୮୦% ଅଶୋଧିତ ତେଲ ବିଦେଶରୁ ଆମଦାନୀ କରୁଛି। ଏଣୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବଢ଼ିଲେ ଏହାର ପ୍ରଭାବ ଦ୍ରୁତ ଭାବେ ଭାରତ ବଜାର ଉପରେ ପଡୁଛି।

## ଆଗ୍ରାରେ ହାଜତ ...

ମଙ୍ଗଳବାର ଆଗ୍ରାର ତାଜ୍ ଗଞ୍ଜ ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଥିଲା। ପୋଲିସର କହିବା ହେଲା, ଅରୁଣ ନିଜ ପରିଚୟ ଲୁଚାଇବାକୁ ଯାଇ ମୁଣ୍ଡନ ହୋଇଥିଲେ। ଜେରା ବେଳେ ସେ ନିଜ ଦୋଷ ସ୍ୱୀକାର କରିବା ସହ ଚୋରି ଟଙ୍କା ଘରେ ରଖିଥିବା କହିଥିଲେ। ମଙ୍ଗଳବାର ରାତିରେ ପୋଲିସ ଚୋରି ଟଙ୍କା ଜବତ କରି ଆଣିବା ପାଇଁ ତାଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ୧୫ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହା ପୂର୍ବରୁ ହଠାତ୍ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିଯାଇଥିଲା। ଅଭିଯୁକ୍ତଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଆଗ୍ରା ଏସ୍‌ଏସ୍‌ପି ମୁନିରାଜ ଜି କହିଛନ୍ତି। ଅନ୍ୟପକ୍ଷେ ମୃତକ ଅରୁଣଙ୍କ ପରିବାର ଲୋକେ ତାଙ୍କ ମୃତ୍ୟୁକୁ ନେଇ ପୋଲିସ ବିରୋଧରେ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ବାଲ୍ମୀକି ସମୁଦାୟର ଲୋକେ ଅରୁଣଙ୍କ ଘର ବାହାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତାଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ ନ ହେଲେ ସମୁଦାୟର ନେତାମାନେ ମହର୍ଷି ବାଲ୍ମୀକି ଜୟନ୍ତୀ ପାଳନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଆପଣଙ୍କ ପାଇଁ ଦିନଟି ବହୁତ ଭଲରେ ଭଲରେ ବିତିବ ଏବଂ ଯାହା ଚାହୁଁଛନ୍ତି ତାହା ପାଇବେ। ଶତ୍ରୁମାନେ ଚେଷ୍ଟାକରି ଥକିଯିବେ ସିନା କିଛି କ୍ଷତି କରିପାରିବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗର ହାତ ଆପଣଙ୍କ ପାଖକୁ ଲମ୍ବି ଆସିବ। ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** - ମନ ଭିତରେ ଯାହା ଥାଉନା କାହିଁକି ମୁହଁରେ କଅଁଳ କଥା କହି କାମ ହାସଲ କରିପାରିବେ। ବନ୍ଧୁମାନଙ୍କ ସମର୍ଥନ କାମକୁ ଆଗକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। କର୍ମକ୍ଷେତ୍ରରୁ ଫେରନ୍ତା ବାଟ ସମସ୍ୟାବହୁଳ ହୋଇପାରେ।

**ମିଥୁନ** - ଆର୍ଥିକ ଉନ୍ନତି ମନୋବଳକୁ ବୃଦ୍ଧି କରିବ ଏବଂ ଅର୍ଥବଳରେ ଅସାଧ ସାଧନର ରାସ୍ତା ଉନ୍ମୁକ୍ତ ହେବ। କାର୍ଯ୍ୟବ୍ୟସ୍ତତା ହେତୁ ମୁଣ୍ଡବ୍ୟଥା ସହ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। ରେଷ୍ଟୁରାଣ୍ଟ, ମିଲ୍ସ ହୋଟେଲ, ଫାଷ୍ଟଫୁଡ୍ ଛୋଟ ଦୋକାନୀ ଆଜି ଲାଭବାନ ହେବେ। ଗୃହ,ଭୂମି,ଗାଡ଼ିମୋଟର ସମ୍ପର୍କୀୟ ସମସ୍ୟା ଆସିବାର ଆଶଙ୍କା ରହିଛି।

**କର୍କଟ** - ଆଜି ଅଯଥା ଲଘୁ କ୍ରୋଧ ପ୍ରକାଶ କରି ଆତ୍ମୀୟଙ୍କ ବିରାଗଭାଜନ ହେବେ। ଉପସ୍ଥିତ ବୁଦ୍ଧି ପ୍ରୟୋଗକରି ପରିସ୍ଥିତିକୁ ସମ୍ଭାଳି ନେବେ। ଗତକାଲିର ନିଷ୍ପତ୍ତିକୁ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ତଥାପି ଆଲୋଚନା, ବ୍ୟବସାୟ, ଯାତ୍ରା ପ୍ରଭୃତି ଯେକୌଣସି କ୍ଷେତ୍ରରେ ମଧ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ସିଂହ** - କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ପ୍ରଗାଢ଼ ଚେଷ୍ଟା କରିପାରନ୍ତି। ଅଧୁରା କାମକୁ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ସାମୟିକ ଅସୁସ୍ଥତା ଦେଖାଦେଇପାରେ।

**କନ୍ୟା** - ଆଜି ଆପଣ ଏକାଧାରରେ ଅର୍ଥ, ସମ୍ମାନ, ବନ୍ଧୁମିଳନ ଓ ସାମାଜିକ ପ୍ରତିଷ୍ଠାର୍ଜନ କରିବେ। ବିଭିନ୍ନ ପାରିବାରିକ ଦୁଶ୍ଚିନ୍ତାରେ ମନକୁ ଆନ୍ଦୋଳିତ କରିପାରନ୍ତି। ଅଧିକାଂଶ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଧର୍ମାନୁଷ୍ଠାନ କିମ୍ବା ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

**ତୁଳା** - ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିବ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାରର ଗୋଳମାଳିଆ ପରିସ୍ଥିତିକୁ ସମ୍ଭାଳି ନେବେ। ଦିନଭରି କାର୍ଯ୍ୟବ୍ୟସ୍ତତା ଯୋଗୁ ସାମାନ୍ୟ ବିଶ୍ରାମ କିମ୍ବା ଲଘୁ ଭୋଜନର ଅବସର ପାଇବେ ନାହିଁ। ଘର ସାଜସଜ୍ଜା କିମ୍ବା ମରାମତି କାମରେ ବ୍ୟୟବୃଦ୍ଧି ଘଟିପାରେ।

**ବିଛା** - ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହୋଇପାରେ। ଆଜି ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ପ୍ରତି ସତର୍କ ରୁହନ୍ତୁ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ କିମ୍ବା ନିଜ ପରିସରରେ ବନ୍ଧୁବର୍ଗ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ସାହାଯ୍ୟ,ସହଯୋଗର ପ୍ରତିଶ୍ରୁତି ବନ୍ଧୁଙ୍କଠାରୁ ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** - ଆପଣଙ୍କ ଭୁଲ୍ ନିଷ୍ପତ୍ତି ଓ ବିବାଦୀୟ ମନ୍ତବ୍ୟ ପରିବେଶ ଓ ପରିସ୍ଥିତିକୁ ଗମ୍ଭୀର କରିଦେଇପାରେ। ପରିବାର ସଦସ୍ୟ ଆପଣଙ୍କୁ ଭୁଲ୍ ଭାବିପାରନ୍ତି। କାମଗୁଡ଼ିକ ଠିକ୍ ଭାବେ ହେବାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହେବ। ବ୍ୟବସାୟ ଓ ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରପାରିବେ।

**ମକର** - ଆଜିର ଯାତ୍ରା ସମୟରେ ସ୍ଥାନ, କାଳ, ପାତ୍ର ଅନୁଯାୟୀ କଥାର ବ୍ୟତିକ୍ରମ ବିବାଦର ସୂତ୍ରପାତ କରିବ। ସ୍ୱାସ୍ଥ୍ୟରେ ଉନ୍ନତି ଯୋଗୁ ଆଶ୍ୱସ୍ତି ଅନୁଭବ କରିବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍, ସଭାସମିତି ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**କୁମ୍ଭ** - ସମସ୍ୟା ଲାଗି ରହୁଥିଲେ ମଧ କାମଟିକୁ ସମ୍ପନ୍ନ କରି ପାରିବେ ନାହିଁ କିମ୍ବା ଛାଡ଼ି ପାରିବେ ନାହିଁ। ପରୋକ୍ଷରେ ଶତ୍ରୁତା କରୁଥିବା ବ୍ୟକ୍ତି ଅସୁବିଧାରେ ପକାଇପାରନ୍ତି। ହଠାତ୍ ଯାତ୍ରା କରିବାକୁ ମନସ୍ଥକରି ବାଟରୁ ଫେରି ଆସିବାକୁ ପଡ଼ିପାରେ। ବାଣିଜ୍ୟ, ପରିବହନ, ମାଲିମକଦ୍ଦମା କିମ୍ବା ନିର୍ମାଣକାର୍ଯ୍ୟ ସମସ୍ୟାବହୁଳ ହୋଇପାରେ।

**ମୀନ** - ଆପଣଙ୍କ ନିରପେକ୍ଷ ବିଚାରଧାରା ଜନାଦୃତ ସହ ସାମାଜିକ ପ୍ରତିଷ୍ଠା ପ୍ରଦାନରେ ସହାୟକ ହେବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜକୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଈର୍ଷା କରୁଥିବା ଲୋକମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9776974912. D-21938

5Acre land of one patch near Khurda available for sale. Contact: 6371643578, 7655053781. D-21983

ମାସିକ ମାତ୍ର **7431/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 7978998868. D-71711

ଭୁବନେଶ୍ୱର-ପୁରୀ ମଙ୍ଗଳପୁର NH Side ଘରବାରି Boundary, Electricity, Park, Temple, Security 30ft. ରାସ୍ତାଥାଇ Sqft- 650/- Plot ମିଳୁଛି - **8117084862.** D-717 23

ଆପଣ ଭୁବନେଶ୍ୱରରେ ଘରକରିବା, ପ୍ଲଟ୍ କିଣିବାକୁ ଚାହୁଛନ୍ତି କି ? ସୁନ୍ଦରପଦାରେ sqft. 1500/-, 1000/-, 400/-, କାଟେଗୀରେ - 650/- ଦିଆଯାଉଛି। 9938016295. D-71724

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-ରେ** ମିଳୁଛି। **9437033320.** D-71705




Ashirvaad Saloon and SPA get good massage for your health tha best therapy. 7077181074. D-71801

Newly open SPA positively health benefit with Expert. Contact: 7749976301. D-71187

Refreshing your mind, your body with tha best therapy at Lotus SPA. 8018891951. D-71802

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Refreshing your mind and body with the best therapy. 7873794731. D-71180

**AFFIDAVIT**

By virtue of an affidavit before Executive Magistrate, Cuttack on date 11.10.2021 my surname has been changed from Chandan Kumar Majhi to Chandan Kumar Parida, S/o Uttamananda Majhi. Henceforth, I shall be known as Chandan Kumar Parida for all purposes. D-22010

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଆଇସିଏସ୍‌ଇ, ଆଇଏସ୍‌ସି ସେମିଷ୍ଟର-୧ ସ୍ଥଗିତ

ଭୁବନେଶ୍ୱର, ୨୦।୧୦(ବ୍ୟୁରୋ): କାଉନସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକଜ୍‌ମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ସେମିଷ୍ଟର-୧କୁ ସ୍ଥଗିତ ରଖାଯାଇଛି। ନଭେମ୍ବର-ଡିସେମ୍ବରରେ ଏହି ପରୀକ୍ଷା ହୋଇଥାନ୍ତା। ତେବେ ପରୀକ୍ଷା ସ୍ଥଗିତ ହେବାର କାରଣ ଆମ ନିୟନ୍ତ୍ରଣରେ ନ ଥିବା ସିଆଇଏସ୍‌ସିଇର ଚିଫ୍ ଏକ୍‌ଜିକ୍ୟୁଟିଭ୍ ତଥା ସେକ୍ରେଟେରୀ ଗେରୀ ଆରାଥନ କହିଛନ୍ତି। ଆଇସିଏସ୍‌ଇ ଦଶମ ସେମିଷ୍ଟର-୧ ନଭେମ୍ବର ୧୫ରୁ ଡିସେମ୍ବର ୬ ଏବଂ ଆଇଏସ୍‌ସି ଦ୍ୱାଦଶ ସେମିଷ୍ଟର-୧ ନଭେମ୍ବର ୧୫ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଏହି ଏହି ପରୀକ୍ଷାକୁ ସ୍ଥଗିତ କରାଯାଇଛି। ଖୁବ୍‌ଶୀଘ୍ର ପରିବର୍ତ୍ତିତ ତାରିଖ ଘୋଷଣା କରାଯିବ ବୋଲି କାଉନ୍‌ସିଲ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ସିଆଇଏସ୍‌ସିଇ ୨୦୨୧-୨୨ ବୋର୍ଡ ପରୀକ୍ଷାକୁ ଦୁଇଟି ସେମିଷ୍ଟରରେ ବିଭକ୍ତ କରିଛନ୍ତି। ତେବେ ପ୍ରଥମ ସେମିଷ୍ଟର ଅନ୍‌ଲାଇନ୍‌ରେ ହେବ। କିନ୍ତୁ ଦ୍ୱିତୀୟ ସେମିଷ୍ଟର ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ୍‌ରେ ହେବ, ତାହା ସେତେବେଳର କରୋନା ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ସିଆଇଏସ୍‌ସିଇ ପକ୍ଷରୁ ପୂର୍ବରୁ କୁହାଯାଇଥିଲା।

### ବନ୍ଧୁକ, ଭୁଜାଲି ଦେଖାଇ ଲୁଟ୍

ବିନିକା,୨୦।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବିନିକା-ସିଂଘିଯୁବା ମୁଖ୍ୟରାସ୍ତା ମଧ୍ୟବର୍ତ୍ତୀ ବିଶାଳପାଲି ଛକ ନିକଟରେ ବୁଧବାର ବନ୍ଧୁକ ଓ ଭୁଜାଲି ଦେଖାଇ ଦୁଇ ବାଇକ୍ ଆରୋହୀଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ସିଂଘିଯୁବାର ମାଲିକ ସାହୁ ଓ ତାଙ୍କ ସ୍ତ୍ରୀ ଏକ ବାଇକ୍‌ରେ ଉଲୁଣ୍ଡା ଥାନା କୁଶମୁଳୀ ଗାଁରୁ ଗାଁକୁ ଫେରୁଥିଲେ। ସେମାନଙ୍କ ସହ ସମ୍ପର୍କୀୟ ବରଗଡ ଜିଲା ଅତାବିରା ଥାନା ପତ୍ରାପାଲି ଗାଁର ଦେବାଶିଷ ସାହୁ ଓ ସିଂଘିଯୁବା ଗାଁ ଟଙ୍କଧର ସାହୁ ଅନ୍ୟ ଏକ ବାଇକ୍‌ରେ ସିଂଘିଯୁବାକୁ ଫେରୁଥିଲେ। ତେବେ ମାଲିକ ତାଙ୍କ ସ୍ତ୍ରୀଙ୍କର ସୁନାଗହଣା, ନଗଦ ଟଙ୍କା ଓ ଦାମୀ ଲୁଗାପଟା ଭର୍ତ୍ତି ବ୍ୟାଗକୁ ଦେବାଶିଷ ଏବଂ ଟଙ୍କଧର ଆସୁଥିବା ବାଇକ୍‌ରେ ଥୋଇଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ବିଶାଳପାଲି ଛକ ନିକଟରେ ଦେବାଶିଷ ଓ ଟଙ୍କଧର ଆସୁଥିବା (ନମ୍ବର ଓଡି୧୭ଡବ୍ଲ୍ୟୁ ୬୭୭୯) ବାଇକ୍‌କୁ କଳାରଙ୍ଗର ଏକ ବଜାଜ ପଲସର ବାଇକ୍‌ରେ ଆସିଥିବା ଦୁର୍ବୃତ୍ତମାନେ ଅଟକାଇଥିଲେ। ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ବ୍ୟାଗ ଓ ବାଇକ୍ ଚାବି ମାଗିଥିଲେ। ଉଭୟ ପ୍ରତିବାଦ କରିବାରୁ ମାଡ ମାରିବା ସହିତ ବ୍ୟାଗ ଓ ଚାବି ନେଇ ଫେରାର ହୋଇ ଯାଇଥିଲେ। ଖବରପାଇ ବିନିକା ଥାନା ଏଏସ୍‌ଆଇ ଗୋବର୍ଦ୍ଧନ ନାଇକ ଓ ପୋଲିସ ଟିମ୍ ପହଞ୍ଚି ତଦନ୍ତ କରିଥିଲେ।

# ଅଧା ବୁଲାଇ ପର୍ଯ୍ୟଟକଙ୍କୁ ଛାଡ଼ିଦେଲା ବ୍ୟାଟେରି ଗାଡ଼ି

■୨୫ବଙ୍ଗୀୟ ପର୍ଯ୍ୟଟକଙ୍କ ନନ୍ଦନକାନନ ଗେଟ୍ ଆଗରେ ଧାରଣା

■ଥାନା ଦ୍ୱାରସ୍ଥ ହେବା ପରେ ଫେରିପାଇଲେ ଟଙ୍କା

ବାରଙ୍ଗ,୨୦।୧୦(ଡି.ଏନ୍.ଏ.)

ନନ୍ଦନକାନନର ବ୍ୟାଟେରି ଚାଳିତ ଗାଡ଼ିକୁ ନେଇ ବୁଧବାର ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୨୫ଜଣ ବଙ୍ଗୀୟ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିବାବେଳେ ଏକକାଳୀନ ବ୍ୟାଟେରି ଅଟୋରେ ଯିବା ଓ ସଫାରି ବୁଲିବା ପାଇଁ ଟିକେଟ କାଟିଥିଲେ। କିନ୍ତୁ ଅଧା ବୁଲାଇ ଗାଡ଼ି ଚାଳକ ଛାଡ଼ିଦେବାରୁ ପର୍ଯ୍ୟଟକ ଆଉ ଫେରିପାରିଲେନି। ଏପରିକି ଟିକେଟ ଟଙ୍କା ନ ଫେରାଇ ଗାଡ଼ି କାଉଣ୍ଟର ବନ୍ଦ କରି ଚାଳକ ପଳାଇଥିବାବେଳେ ଗାଇଡ୍ କାଉଣ୍ଟର ମଧ୍ୟ ବନ୍ଦ ହୋଇଯାଇଥିଲା। ଫଳରେ ଟଙ୍କା ଫେରିପାଇବା ପାଇଁ ନନ୍ଦନକାନନ ଗେଟ ଆଗରେ ସନ୍ଧ୍ୟାରେ ପର୍ଯ୍ୟଟକମାନେ ଧାରଣାରେ ବସିଥିଲେ। ପ୍ରାୟ ଘଣ୍ଟାଏ କାଳ ବସିବାପରେ ନନ୍ଦନକାନନର କୌଣସି ଅଧିକାରୀ ନ ଆସିବାରୁ ବାଧ୍ୟହୋଇ ନନ୍ଦନକାନନ ଥାନାରେ ଅଭିଯୋଗ କରିବା ପରେ ଗାଇଡ୍ କାଉଣ୍ଟର ଦାୟିତ୍ୱରେ ଥିବା ଗାଇଡ୍‌ମାନେ ଥାନାକୁ ଯାଇ ଟଙ୍କା ଫେରାଇବା ପରେ ରାତି ୭ଟାରେ ପର୍ଯ୍ୟଟକମାନେ ଫେରିଥିଲେ।

ସୂଚନା ଅନୁଯାୟୀ, ଅପରାହ୍ନ ୪ଟାରେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳରୁ ଅଧିକ ନିକାର ଓ ସୁନତା କରାଲ ପରିବାର ଏବଂ ସମ୍ପର୍କୀୟଙ୍କ ସହ ନନ୍ଦନକାନନ ବୁଲିବାକୁ ଆସିଥିଲେ। ଗାଇଡ୍ କାଉଣ୍ଟରରେ ଗାଇଡ୍ ମାଧ୍ୟମରେ ବୁଲିବାପାଇଁ ଟଙ୍କା ପୈଠକରି ଗାଇଡ୍ ଚିତ୍ତରଞ୍ଜନ ବେହେରାଙ୍କ ସହ ବୁଲିଥିଲେ। ଚିତ୍ତରଞ୍ଜନଙ୍କ କଥାରେ ପର୍ଯ୍ୟଟକମାନେ ବ୍ୟାଟେରି ଗାଡ଼ିରେ ବୁଲିବା ପାଇଁ ରାଜି ହୋଇ କାଉଣ୍ଟରରୁ ଏକକାଳୀନ ମୁଣ୍ଡପିଛା ୧୪୦ଟଙ୍କାରେ ଟିକେଟ କରି ଗାଡ଼ିରେ ଯାଇଥିଲେ। ରେପ୍‌ଟାଇଲ ପାର୍କ ଯାଏଁ ଯାଇଥିବା ଗାଡ଼ି ସେମାନଙ୍କୁ ଛାଡିଦେବା ସହ ଜନ୍ତୁ ଦେଖିଆସିବାପରେ ଅନ୍ୟ ଅଟୋରେ ଯାଇପାରିବେ କହି ଚାଲିଯାଇଥିଲା। ପାର୍କ ବୁଲି ପର୍ଯ୍ୟଟକ ଫେରିବାବେଳେ ଗାଇଡ୍ କି ଅନ୍ୟ ଗାଡ଼ି ମଧ୍ୟ ନ ଥିଲା। ପ୍ରାୟ ଅଧଘଣ୍ଟା ଅପେକ୍ଷା ପରେ ଖାଲି ଆସୁଥିବା ଏକ ବ୍ୟାଟେରି ଗାଡ଼ିରେ ଆସିବାକୁ ପର୍ଯ୍ୟଟକମାନେ କହିଥିଲେ। ହେଲେ ଟିକେଟ ନ ଥିବାରୁ ନେଇ ହେବ ନାହିଁ ବୋଲି ଚାଳକ କହିଥିଲେ। ସେମାନେ ବହୁ କହିବା ପରେ ମଧ୍ୟ ଚାଳକ ନ ଶୁଣି ଚାଲିଯାଇଥିଲେ। ପର୍ଯ୍ୟଟକମାନେ ଅସନ୍ତୁଷ୍ଟ ହୋଇ କାଉଣ୍ଟରକୁ ଆସିବାବେଳେ ବନ୍ଦ ଥିବାରୁ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଏହାସତ୍ତ୍ୱେ କୌଣସି ଅଧିକାରୀ ଧାରଣାସ୍ଥଳକୁ ନ ଆସିବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ନନ୍ଦନକାନନ ଥାନାଧିକାରୀ ଗାଇଡ ବୁକିଂ କାଉଣ୍ଟରଙ୍କୁ ଜଣାଇବା ପରେ ଗାଇଡମାନେ ଆସି ପର୍ଯ୍ୟଟକଙ୍କୁ ଟଙ୍କା ଫେରାଇଥିଲେ।



ନନ୍ଦନକାନନ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ପର୍ଯ୍ୟଟକ।

### ବାଂଶପାଣି ଷ୍ଟେଶନରେ ତୁମୁଳକାଣ୍ଡ ଘଟଣା: ୫ ଗିରଫ

ଯୋଡ଼ା,୨୦।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଷ୍ଟେଶନରେ ବ୍ୟାପକ ଭଙ୍ଗାରୁଜା ଓ ଆରପିଏଫ କର୍ମଚାରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଯୋଡ଼ା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ସେମାନେ ହେଲେ ବାଂଶପାଣି ନାରୁ ହଟିଂର ଗୋବିନ୍ଦ ପାତ୍ର, ଭଞ୍ଜ ହଟିଂର ଲାଲା ପାତ୍ର, ରାଧା ହଟିଂର ରାଜା ମହାରଣା, ସୁଶାନ୍ତ ନାୟକ ଓ ଶମ୍ଭୁନାଥ ପାତ୍ର। ଅଭିଯୁକ୍ତଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୧୬୯/୨୦୨୧) ରୁଜୁ ହୋଇଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୨ ତାରିଖ ରାତିରେ ସ୍ଥାନୀୟ ଜଣେ ଯୁବକଙ୍କ ମୃତ୍ୟୁକୁ କେନ୍ଦ୍ର କରି ଅଞ୍ଚଳବାସୀ ଷ୍ଟେଶନରେ ଭଙ୍ଗା ରୁଜା କରିବା ସହିତ ୫ଜଣ ଆରପିଏଫ ଯବାନଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆରପିଏଫ ଯବାନ ସମଶେର କୁମାର ସିଂଙ୍କ ମୃତ୍ୟୁ ଘଟିଥିଲା।


ପୁରୀ: କୁମାର ପୂର୍ଣ୍ଣିମା ଅବସରରେ ଶ୍ରୀସୁଦର୍ଶନଙ୍କୁ ତିନି ଆଶ୍ରମ ବିଜେ କରାଯାଉଛି।

# ମହାପ୍ରଭୁଙ୍କ ରାଧାଦାମୋଦର ବେଶ

## ଶ୍ରୀସୁଦର୍ଶନଙ୍କ ତିନି ଆଶ୍ରମ ବିଜେ

ପୁରୀ ଅଫିସ, ୨୦।୧୦

ଶ୍ରୀମନ୍ଦିରରେ ବୁଧବାର କୁମାର ପୂର୍ଣ୍ଣିମା ନୀତି ପାଳିତ ହୋଇଛି। ଭୋରରୁ ଶ୍ରୀମନ୍ଦିର ଦ୍ୱାରଫିଟା ହୋଇ ମଙ୍ଗଳ ଆରତି କରାଯାଇଥିଲା। ଅବକାଶ ଓ ଦୈନନ୍ଦିନ ନୀତି ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ସଜ୍ଜିତ ହୋଇଥିଲେ। ଏହାପରେ ଗୋପାଳବଲ୍ଲଭ, ସକାଳଧୂପ, ବାଲଧୂପ, ଭୋଗମଣ୍ଡପ ଓ ଅନ୍ୟ ନୀତି ପରେ ଦ୍ୱିପ୍ରହର ଧୂପ ହୋଇଥିଲା। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀସୁଦର୍ଶନଙ୍କୁ ପ୍ରଦାନ କରିଥିଲେ। ଦଇତାପତି ସେବକମାନେ ରତ୍ନସିଂହାସନରୁ ଶ୍ରୀସୁଦର୍ଶନଙ୍କୁ ଜଗମୋହନକୁ ବିଜେ କରାଇଥିଲେ। ସେଠାରେ ରୁନ୍ଧାକାର୍ଯ୍ୟ ଓ ବିଭିନ୍ନ ନୀତି ପରେ ବିମାନବଡୁ ସେବକମାନେ ଶ୍ରୀସୁଦର୍ଶନଙ୍କୁ ବଡ଼ଦାଣ୍ଡ ଦେଇ ଲବଣିଖିଆ ପନ୍ତି ଘର ନିକଟକୁ ନେଇଥିଲେ। ପନ୍ତି ଶେଷ ପରେ ଶ୍ରୀସୁଦର୍ଶନ ଅଙ୍ଗିରା ଆଶ୍ରମକୁ ବିଜେ କରିଥିଲେ। ସେଠାରେ ପାରମ୍ପରିକ ନୀତି ସାରି ଭୃଗୁ ଆଶ୍ରମ ଓ ହରଚଣ୍ଡୀ ସାହି ଦେଇ ପଣ୍ଡୁ ଆଶ୍ରମରେ ବିଜେ କରିଥିଲେ। ପନ୍ତି ପରେ ହରଚଣ୍ଡୀ ସାହି ବାରବାଟୀ ଜାଗା ଦେଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ପହଞ୍ଚିଥିଲେ। ଦ୍ୱାର ନିକଟରେ ପତିମହାପାତ୍ର ବନ୍ଦାପନା କରିଥିଲେ। ଏହାପରେ ରତ୍ନସିଂହାସନରେ ବିଜେ କରିଥିଲେ। ଏହାପରେ ରତ୍ନସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମହାସ୍ନାନ କରାଯାଇଥିଲା। ବେଶ ବଢ଼ିବା ପରେ ସନ୍ଧ୍ୟା ଆଳତି ବଢ଼ି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନ ଚାରିବାଡ଼ରେ ୪ ପୂଜାପଣ୍ଡା ସନ୍ଧ୍ୟାଧୂପ ମଣୋହୀ କରାଇଥିଲେ। ଏହାପରେ ଅନ୍ୟାନ୍ୟ ନୀତି ସମାପନ ହୋଇଥିଲା।

# ଅଭିଯୁକ୍ତଙ୍କ କଥାରେ ରହୁନି ତାଳମେଳ

## ମନୀଷ ଅନୁରାଗ ହତ୍ୟା ମାମଲା

■ ଆଜି ସରିବ ରିମାଣ୍ଡ ଅବଧି

■ହୋଇ ନ ପାରେ ସିନ୍ ରିକ୍ରିଏଶନ

ଭୁବନେଶ୍ୱର,୨୦।୧୦(ବ୍ୟୁରୋ)

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଦାସ ହତ୍ୟା ମାମଲାରେ ୩ ଅଭିଯୁକ୍ତଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ପଚରଉଚରା କରୁଛି ଇନ୍‌ଫୋସିଟି ଥାନା ପୋଲିସ। ଗୁରୁବାର ରିମାଣ୍ଡ ଅବଧି ସରୁଥିବାବେଳେ ପୋଲିସ ହାତରେ ମାତ୍ର ଆଉ ଗୋଟିଏ ଦିନ ରହିଛି। ତେଣୁ ଯେ କୌଣସି ଉପାୟରେ ଅଭିଯୁକ୍ତଙ୍କ ମୁହଁରୁ ପୂରା ଘଟଣାର ଚିଟ୍ଟାକିଣ୍ଟି ବାହାର କରିବାକୁ ପୋଲିସ ଚେଷ୍ଟା କରୁଛି। ହେଲେ ଅଭିଯୁକ୍ତଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଛି। ଏଯାଏ ମୁଖ୍ୟ ଅଭିଯୁକ୍ତ କିଏ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଅନେକ ପ୍ରଶ୍ନର ଉତ୍ତର ପୋଲିସ ପାଇଁ ରହସ୍ୟ ହୋଇ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

୩ ଅଭିଯୁକ୍ତ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ରାଜନଗରର ଅମ୍ରିତ ପ୍ରୀତମ ବିଶ୍ୱାଳ, କନ୍ଧମାଳ ଜିଲା ଫୁଲବାଣୀ ଟାଉନ ଥାନା ଅମଲାପଡ଼ାର ଦୀନେଶ କୁମାର ମହାପାତ୍ର ଓରଫ ଲିଟୁ ଓ ପିଅନପଡ଼ାର ମୃତ୍ୟୁଞ୍ଜୟ ମିଶ୍ର ଓରଫ ମୁନାଙ୍କୁ ଘନ ଘନ ଜେରା କରାଯାଉଛି। କେତେବେଳେ ଜଣଜଣ କରି ତ ଆଉ କେତେବେଳେ ସାମ୍ନାସାମ୍ନି ଜେରା କରୁଛି। ତେବେ ଦୀନେଶ, ମୃତ୍ୟୁଞ୍ଜୟ ଭୁବନେଶ୍ୱରରେ ନୂଆ ଥିବାରୁ ଉଭୟେ ରାସ୍ତାଘାଟ ବିଶେଷ ଜାଣିନାହାନ୍ତି। ଅମ୍ରିତ ଜାଣିଥିଲେ ସୁଦ୍ଧା ସେଦିନ ରାତିରେ ସମସ୍ତେ ନିଶାସକ୍ତ ଥିଲେ। ତେଣୁ କେଉଁଠି ଠେଲାପେଲା ହେଲା କିପରି ହେଲା ସେମାନେ କେହି କିଛି କହିପାରୁ ନାହାନ୍ତି। ଫଳରେ ହତ୍ୟାକାଣ୍ଡରେ ପ୍ରମାଣ ଯୋଗାଡ କରିବା ପୋଲିସ ପାଇଁ କାଠିକର ପାଠ ହୋଇଛି। ଯଦି କେହି ପ୍ରତ୍ୟକ୍ଷଦର୍ଶୀ ଥାଆନ୍ତେ, ହୁଏତ ପୋଲିସ ପାଇଁ ସହଜ ହୋଇପାରିଥାନ୍ତା। କେବଳ ଅଭିଯୁକ୍ତଙ୍କୁ ଓଦା ଡ୍ରେସରେ ଦେଖିଥିବା ଜଣେ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିଙ୍କ ବୟାନକୁ ପୋଲିସ ରେକର୍ଡ କରିଛି। ଏହା ହତ୍ୟାର ଦୃଢ଼ ପ୍ରମାଣ ହୋଇ ନ ଥିବାରୁ ପୋଲିସ ସିନ୍ ରିକ୍ରିଏଶନ କରିବାକୁ ଯୋଜନା କରିଥିଲା। କିନ୍ତୁ ଅଭିଯୁକ୍ତମାନେ କିଛି ସ୍ପଷ୍ଟ କହିପାରୁ ନ ଥିବାରୁ ସିନ୍ ରିକ୍ରିଏଶନ କରାଯିବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅପରପକ୍ଷରେ ବ୍ୟବଚ୍ଛେଦର ବୃତ୍ତାନ୍ତ ରିପୋର୍ଟ, ଭିସେରା ଓ ଡାଏଟମ୍ ରିପୋର୍ଟ ମଧ୍ୟ ପୋଲିସକୁ ମିଳିପାରି ନାହିଁ। ଏ ସମସ୍ତ ରିପୋର୍ଟ ଚାର୍ଜସିଟ୍‌ରେ ବଳିଷ୍ଠ ତଥ୍ୟ ଭାବରେ ଧରାଯାଉଥିବାରୁ ପୋଲିସ ତାହାକୁ ଅପେକ୍ଷା କରିଛି।

ଗତ ୯ ତାରିଖ ଅପରାହ୍ଣ ୫ଟାରେ ମନୀଷଙ୍କୁ ଅଭିଯୁକ୍ତ ଅମ୍ରିତ ଫୋନ କରି ଡାକିବା ସହ ୨ସାଙ୍ଗ ମୃତ୍ୟୁଞ୍ଜୟ ଓ ଦୀନେଶଙ୍କ ସହ ଏକ ବ୍ୟାଚଲର ପାର୍ଟିରେ ଯିବାକୁ କହି କାରରେ ନେଇଥିଲେ। ବିଳମ୍ବିତ ରାତିରେ ପାତ୍ରପଡ଼ାସ୍ଥିତ ସାଉଥ ସିଟି ହୋଟେଲ ଆଣ୍ଡ ବାର୍‌ରେ ବିଲ୍ ଦେବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ମନୀଷ ମା’ଙ୍କୁ ଫୋନ୍ କରି ଅନ୍‌ଲାଇନରେ ୮ହଜାର ଟଙ୍କା ମଗାଇ ବିଲ୍ ଦେଇ ରାତି ୩ଟା ୨୯ରେ ହୋଟେଲରୁ ଏକାକୀ ବାହାରିଯାଇଥିଲେ। ଅଭିଯୁକ୍ତମାନେ ବାଟରେ ତାଙ୍କ ସହ ଧସ୍ତାଧସ୍ତି କରିଥିଲେ। ମନୀଷଙ୍କର ମୃତ୍ୟୁ ଘଟିବାରୁ ଅଭିଯୁକ୍ତମାନେ ମୃତଦେହକୁ ପୋଖରୀରେ ଫିଙ୍ଗିଦେଇଥିଲେ।


ମନୀଷ ଅନୁରାଗ ଦାସ

# ୧୦ ମହିଳା ସମେତ ୬୨ ଜୁଆଡ଼ି ଗିରଫ

ବ୍ରହ୍ମପୁର ଅଫିସ,୨୦।୧୦

କୁମାରପୂର୍ଣ୍ଣିମାରେ ପରମ୍ପରା ନାଁରେ ଗଞ୍ଜାମ ଜିଲାରେ ଅଧିକାଂଶ ଘରେ ଜୁଆଖେଳ ହୋଇଥାଏ। ବିଭିନ୍ନ ଲୋକଙ୍କ ପାଇଁ ଅର୍ଥ ଉପାର୍ଜନର ମାଧ୍ୟମ ପାଲଟିଛି ଏହି ଖେଳ। ସହର ତଥା ଆଖପାଖ ଅଞ୍ଚଳରେ ଜୁଆଡ଼ିମାନେ ଲୁଚାଛପା ଜୁଆ ଖେଳରେ ମାତିଛନ୍ତି। ବ୍ରହ୍ମପୁର ବଡବଜାର, ବୈଦ୍ୟନାଥପୁର, ଗୋଷାଣୀନୂଆଗାଁ ଓ ସଦର ଥାନା ଅଞ୍ଚଳରେ ଚାଲିଥିବା ବିଭିନ୍ନ ଜୁଆ ଆଡ୍ଡାରେ ପୋଲିସ ଟିମ୍ ମଙ୍ଗଳବାର ରାତିରେ ଚଢ଼ାଉ କରିଛି। ୧୦ ମହିଳା ଜୁଆଡ଼ିଙ୍କ ସମେତ ୬୨ ଜୁଆଡ଼ିଙ୍କୁ ଗିରଫ କରିଛି। ସେହିପରି ଘଟଣାସ୍ଥଳରୁ ୧ ଲକ୍ଷ ୫ ହଜାର ୭୧୯ ଟଙ୍କା ଜବତ କରିଛି।

# କ୍ୟାସ୍‌ଭ୍ୟାନ୍‌ରୁ ଟଙ୍କା ଲୁଟ୍ ଘଟଣା: ଆଉ ୩ ଗିରଫ

## ବ୍ୟବହୃତ କାର୍, ବାଇକ୍ ଓ ମୋବାଇଲ ଜବତ

ଆଠଗଡ଼, ୨୦।୧୦(ସ୍ୱ.ପ୍ର.)

କଟକ ଜିଲା ଆଠଗଡ଼ ଥାନା ଅଞ୍ଚଳରେ ଗତ ୧୦ ତାରିଖରେ କ୍ୟାସଭ୍ୟାନରେ ଟଙ୍କା ଏଟିଏମ୍‌ରେ ଭର୍ତ୍ତି ପାଇଁ ଯାଉଥିଲା। ଭ୍ୟାନରୁ ଟଙ୍କା ଲୁଟ୍ ଘଟଣାରେ ପୂର୍ବରୁ ୩ ଅଭିଯୁକ୍ତ ଗିରଫ ହୋଇଥିଲେ। ଏଥିରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଭୁବନେଶ୍ୱରରୁ ଗିରଫ କରିଛି। ଭୁବନେଶ୍ୱର ନନ୍ଦନବିହାରସ୍ଥିତ ସାଇ ରେସିଡେନ୍ସି ହୋଟେଲରେ ଓୟୋ ରୁମ ମଧ୍ୟରେ ୩ ଅଭିଯୁକ୍ତ ଲୁଚି ରହିଥିଲେ। ସେମାନେ ବାହାର ରାଜ୍ୟକୁ ଚାଲିଯିବାକୁ ମସୁଧା କରିଥିବା ବେଳେ ଧରାପଡିଛନ୍ତି। ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ପୁରୁଣା କଟକ ଥାନା ଅନ୍ତର୍ଗତ ଉପରକଟା ଗାଁର ପୁଅ କ୍ଷୀରୋଦ ନାଏକ ଓରଫ ଯାଦବ(୨୪) ଓ ସେହି ଥାନା ଅନ୍ତର୍ଗତ କରଞ୍ଜକଟା ଗାଁର ରଜତ କୁମାର ବେହେରା ବୋଲି ଜଣାପଡିଛି। ସେହିପରି ହୋଟେଲ ମଧ୍ୟରେ ସୁରକ୍ଷା ଦେଇ ଏଭଳି ଡକାୟତି ପାଇଁ ଷଡଯନ୍ତ୍ର କରିବା ଅଭିଯୋଗରେ ନନ୍ଦନକାନନ ଥାନା ଅନ୍ତର୍ଗତ ଗଣ୍ଡରପୁର ଗାଁର ତଥା ନନ୍ଦନବିହାରସ୍ଥିତ ସାଇ ରିସର୍ଟ ହୋଟେଲର ମାଲିକଙ୍କ ପୁଅ ବ୍ରହ୍ମାନନ୍ଦ ସେନାପତି ଓରଫ ଟିକି(୨୪)ଙ୍କୁ ଗିରଫ କରାଯାଇଛି। ଲୁଟ୍‌ରେ ବ୍ୟବହୃତ କାର ନଂ. ଓଡି ୩୩ ବି ୦୯୦୯, ବାଇକ୍ ନଂ. ଓଡି ୦୨ ଟି ୫୯୮୬ ଓ ୩ ମୋବାଇଲ ଫୋନ, ମୁମ୍ବାଇ ଯିବା ପାଇଁ ରେଳ ଟିକଟ ଜବତ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ଲୁଟ୍ ଘଟଣାର ମାଷ୍ଟର ମାଇଣ୍ଡ ଆଠଗଡ଼ ଥାନା ଅରଖପାଟଣା ଗାଁର ବିବେକାନନ୍ଦ ନାୟକ, ସହଯୋଗୀ ହରେକୃଷ୍ଣ ସ୍ୱାଇଁ, ଜାଲିଦେବ କଅଁର ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥାଇ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲରେ ଥିଲେ। ୩ ମାସ ତଳେ ଜେଲରୁ ବାହାରି ସାହି ରେସିଡେନ୍ସିରେ ଯୋଜନା ପ୍ରସ୍ତୁତ କରିଥିଲେ। ଏଟିଏମ୍‌କୁ ଟଙ୍କା ନେଉଥିବା ଗାଡ଼ିର ଗତିବିଧିକୁ ଲକ୍ଷ୍ୟ କରି ଗତ ୧୦ ତାରିଖରେ ୩ ଦଳରେ ବିଭକ୍ତ ହୋଇ ଲୁଟ୍ କରିଥିଲେ। ପୂର୍ବରୁ ବିବେକାନନ୍ଦ, ହରେକୃଷ୍ଣ, ଜାଲିଦେବଙ୍କୁ ପୋଲିସ ଗିରଫ କରି ବ୍ୟବହୃତ କାରକୁ ଜବତ କରି ଆଠଗଡ଼ ଥାନା ନଂ. ୨୧୮/୨୧ରେ ମାମଲା ରୁଜୁ କରିଥିଲା। ବୁଧବାର ସମ୍ପୃକ୍ତ ମାମଲା ସଂଶ୍ଳିଷ୍ଟ ଅନ୍ୟ ୩ ଜଣଙ୍କୁ ଗିରଫ ପରେ ଦଫା ୩୯୫,୩୯୭, ଆର୍ମ ଆକ୍ଟ ୨୫/୨୭ରେ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡ଼ା ଖବରଦାତା ସମ୍ମିଳନୀରେ କହିଛନ୍ତି।

# କଙ୍ଗାରୁକୋର୍ଟକୁ ନେଇ ଉତ୍ତେଜନା

■ପେଟ୍ରୋଲ ପମ୍ପ କର୍ମଚାରୀ,ତାଙ୍କ ବାପାଙ୍କୁ ମାଡ଼

■ଭିଡିଓ ଭାଇରାଲ ପରେ ତାତିଲେ ଲୋକେ

■ପେଟ୍ରୋଲ ପମ୍ପ ମାଲିକଙ୍କ ଘର ଉପରକୁ ଢେଲା ମାଡ଼,ଭଙ୍ଗାରୁଜା


ପଟ୍ଟାମୁଣ୍ଡାଇ,୨୦।୧୦(ସ୍ୱ.ପ୍ର.)

୨ଲକ୍ଷ ଟଙ୍କା ଚୋରିକୁ ନେଇ ବସିଥିଲା କଙ୍ଗାରୁ କୋର୍ଟ । ଏଥିରେ ପଟ୍ଟାମୁଣ୍ଡାଇ ସାହୁପଡା ପେଟ୍ରୋଲ ପମ୍ପର କର୍ମଚାରୀ ସ୍ମୃତିରଞ୍ଜନ ନାଥ ଓ ତାଙ୍କ ବାପା ଗଙ୍ଗାଧର ନାଥଙ୍କୁ ନିସ୍ଥୁକ ମାଡ଼ ମରାଯାଇଥିଲା। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ ବୁଧବାର ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏଭଳି ଅମାନବୀୟ, ଅସାମ୍ବିଧାନିକ ଓ ବେଆଇନ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଥାନରେ ଅଟକ ରଖି ପଚାରାଉଚରା କରୁଛି । ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି ।

ବୁଧବାର ସେହି ଭିଡିଓ ଭାଇରାଲ୍ ପରେ ସ୍ଥାନୀୟ ବଡପଡା, କାଠିଆପଡା, ବଡମୋହନପୁର, ସାନମୋହନପୁର, ସାହୁପଡା, ତିଗିରିଆ, ଅରଡପଲ୍ଲୀ, ସାନଜରିଆ ଆଦି ଗ୍ରାମର ଶତାଧିକ ସ୍ତ୍ରୀ,ପୁରୁଷ ରାଜରାସ୍ତାକୁ ଓହ୍ଲାଇଥିଲେ । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରିଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ ଉତ୍ତେଜିତ ଲୋକମାନଙ୍କୁ ଆୟତ୍ତ କରିବା କଷ୍ଟକର ହୋଇପଡିଥିଲା। ସେମାନେ ସାହୁପଡା ନିକଟରେ ଥିବା ପେଟ୍ରୋଲ ପମ୍ପକୁ ଢେଲାପଥର ମାଡ଼ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍‌ପି ହରେଶ ଚନ୍ଦ୍ର ପାଣ୍ଡେ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଆଇଆଇସି ତପନ କୁମାର ରାଉତ, ରାଜନଗର ଆଇଆଇସି ତପନ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଉତ୍ତ୍ୟକ୍ତ ଲୋକେ ପୋଲିସ କଥାକୁ ଗ୍ରହଣ ନ କରି ତେଲ ଟାଙ୍କି ମାଲିକ ଅଶୋକ ପତିଙ୍କ ଘର ଉପରକୁ ଢେଲା ମାଡ କରିବା ସହିତ ତାଙ୍କ କାରକୁ ଭଙ୍ଗାରୁଜା କରିଥିଲେ । ଏହି ଘଟଣାର ଅନ୍ୟତମ ସହଯୋଗୀ ଟ୍ରାକ୍ଟର ଡ୍ରାଇଭର କୁନୁ ମଣ୍ଡଳଙ୍କ ଘରେ ଉତ୍ତ୍ୟକ୍ତ ଲୋକମାନେ ପଶିବାକୁ ଉଦ୍ୟମ କରୁଥିଲେ । ସେମାନଙ୍କୁ ଘଉଡାଇବା ପାଇଁ ପୋଲିସକୁ ବାଧ ହୋଇ ଲାଠି ଚାଳନା କରିବାକୁ ପଡିଥିଲା । ପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ବିଜୟନଗର ସରପଞ୍ଚ ସୋମନାଥ ତ୍ରିପାଠୀ, ବଳିପାଳ ସରପଞ୍ଚ ପଞ୍ଚାନନ ସ୍ୱାଇଁ, ବଳିପାଳ ସମିତିସଭ୍ୟାଙ୍କ ସ୍ୱାମୀ ତାପସ ପ୍ରଧାନ, ବିଜୟନଗର ଗ୍ରାମର ସୁଜିତ ବିଶ୍ୱାଳ, ପେଟ୍ରୋଲ ପମ୍ପ ମାଲିକ ଅଶୋକ ପତିଙ୍କ ୨ ପୁଅ ଅରୁଣ ପତି ଓ ଅନିରୁଦ୍ଧ ପତିଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଏହି ମାମଲାରେ ସମ୍ପୃକ୍ତ ଥିବା ବଡମୋହନପୁର ସରପଞ୍ଚ ରବୀନ୍ଦ୍ର ବେହେରା, ପେଟ୍ରୋଲ ପମ୍ପର ଅନ୍ୟତମ ମାଲିକ ସୁନାକର ରାଉତ ଓ ତାଙ୍କ ପୁଅ ଜୟ ପ୍ରକାଶ ରାଉତ ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ଫେରାର ହୋଇଯାଇଥିବା ଜଣାପଡିଛି । ପ୍ରମାଣସିଦ୍ଧ ଅଭିଯୋଗ ଓ ତଦନ୍ତ ପରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ରାଉତ ପ୍ରକାଶ କରିଛନ୍ତି। କଙ୍ଗାରୁ କୋର୍ଟରେ ଦଣ୍ଡିତ ପେଟ୍ରୋଲ ପମ୍ପ କର୍ମଚାରୀ ସ୍ମୃତିରଞ୍ଜନ ଓ ତାଙ୍କ ବାପା ଗଙ୍ଗାଧରଙ୍କୁ ପୋଲିସ ଥାନାକୁ ଆଣି ତାଙ୍କ ଠାରୁ ବୟାନ ରେକର୍ଡ କରିଛି ।

ସୂଚନାଯୋଗ୍ୟ, ଗଙ୍ଗାଧର ଏକ ହସ୍ପିଟାଲରେ ସୁଇପର ଭାବେ କାମ କରନ୍ତି । ଅଭିଯୁକ୍ତମାନେ ତାଙ୍କୁ ସେଠାରୁ ଉଠାଇ ଆଣି ମାଡ ମାରିଥିବା ଅଭିଯୋଗ ହୋଇଥିଲା । ସେହିପରି ସ୍ମୃତିରଞ୍ଜନ ଟଙ୍କା ଚୋରି କଥା ନ ମାନିବାରୁ ତାଙ୍କୁ ବିଦ୍ୟୁତ୍ କରେଣ୍ଟ ଲଗାଯିବା ସହିତ ଟଙ୍କା ଚୋରି କରିଥିବା ମାନିବାକୁ ବାଧ କରାଯାଇଥିଲା ।


ଉତ୍ତ୍ୟକ୍ତ ଲୋକମାନଙ୍କୁ ପୋଲିସ ଆୟତ କରିବାକୁ ଚେଷ୍ଟା କରୁଛି ।

### ଦୁଇଦିନରେ ୧୨ଜଣଙ୍କୁ ଡେଙ୍ଗୁ

ବ୍ରହ୍ମପୁରଅଫିସ,୨୦।୧୦: ଜିଲାରେ ଦିନକୁ ଦିନ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ପୁଣିଥରେ ଗତ ଦୁଇ ଦିନରେ ଦୁଇ ଶିଶୁ ସମେତ ୧୨ ଜଣଙ୍କ ରକ୍ତ ନମୁନା ପଜିଟିଭ ଆସିଛି। ସେମାନଙ୍କ ମଧ୍ୟରୁ ୪ ଜଣ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ହୋଇଥିବା ବେଳେ ଛତ୍ରପୁରର ୩ ଜଣ, ଦୁଇ ଜଣ ଚିକିଟି ବ୍ଲକର ଓ ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି, ହିଞ୍ଜିଳିକାଟୁ ବ୍ଲକର ଜଣେ ଲେଖାଏ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ଡେଙ୍ଗୁ ପଜିଟିଭ ରୋଗୀମାନେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ଏଯାବତ ୧୮୨ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇ ସାରିଲେଣି।


**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ. ELS-ANGL-OT-21-22-02

| | |
|---|---|
| କାର୍ଯ୍ୟର ନାମ : | ତିନି ବର୍ଷ ସମୟାବଧି ନିମନ୍ତେ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ / TRS / ଅନୁଗୋଳ ଙ୍କ କାର୍ଯ୍ୟାଳୟ ବ୍ୟବହାର ନିମନ୍ତେ ଗୋଟିଏ ହାଲୁକା ସଡ଼କ ଗାଡ଼ି ଟାଟା ସୁମୋ / ବୋଲେରୋ ନନ୍-ଏସି କିମ୍ବା ଅନୁରୂପ ଭଡ଼ା ସୂତ୍ରରେ ନେବା । |
| ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : | 14,07,782.72, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ. |
| ବିଡ୍ ଆରମ୍ଭ ହେବା ତାରିଖ : | ତା.25.10.2021ରିଖ, |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | ତା.08.11.2021ରିଖ 1500 ଘଟିକାରେ । |

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୋଳ

PR-476/M/21-22

“ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। – ଶ୍ରୀମା



# ଅଡୁଆରେ ବାଇଡେନ୍



ଏଲିଜାବେଥ୍ ଡ୍ରିୟୁ

୨୦୨୦ରେ ଜୋ ବାଇଡେନ୍ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ସହ କଡ଼ା ମୁକାବିଲାର ସମ୍ମୁଖୀନ ହୋଇ ବିଜୟ ଲାଭ କରିଥିଲେ। ଈଶ୍ୱରଙ୍କ କୃପାରୁ ଏହି ବିଜୟ ହେଲା ସତ, କିନ୍ତୁ କଂଗ୍ରେସର ଉଭୟ ସଦନରେ ଡେମୋକ୍ରାଟ୍ ଓ ରିପବ୍ଲିକାନ୍ ସାଂସଦଙ୍କ ସଂଖ୍ୟା ମଧ୍ୟରେ ବ୍ୟବଧାନ ଖୁବ୍ କମ୍ ରହିବାରୁ ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେଲା। ସେ ସମ୍ପୂର୍ଣ୍ଣ ଅକଳରେ ରହିଗଲେ। ଏବେ ବିଲ୍ ପାସ୍ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ପ୍ରଶ୍ନ ଉଠୁଛି, ଏହି ସ୍ଥିତିକୁ ମୁକାବିଲା କରି ଆଗକୁ ବଢ଼ିଲେ ତାଙ୍କ ପାରିବାପଣିଆକୁ ସାବ୍ୟସ୍ତ କରି ୨୦୨୪ରେ ନିର୍ବାଚନକୁ ପ୍ରଭାବିତ କରିବାକୁ ସମର୍ଥ ହୋଇ ପାରିବେ ତ। ତାଙ୍କ ସହ ସିନେଟ୍‌ରେ ୫୦–୫୦ ଭୋଟ ରହିଲା। ଏଥିରେ ଉପ ରାଷ୍ଟ୍ରପତି କମଲା ହାରିସଙ୍କ ନିର୍ଣ୍ଣାୟକ ଭୋଟ ବି ସାମିଲ। ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଭୋଟ ବ୍ୟବଧାନ ୮ ରହିଲା। ଏଣୁ ଜଣେ ଡେମୋକ୍ରାଟିକ ସିନେଟ୍‌ର ଏବଂ ୪ ଜଣ ଡେମୋକ୍ରାଟିକ ରିପ୍ରେଜେଣ୍ଟେଟିଭ ବାଇଡେନ୍‌ଙ୍କ ଯେ କୌଣସି ପ୍ରସ୍ତାବକୁ ରୋକି ଦେଇପାରିବେ। ଏହା ସତ୍ତ୍ୱେ, ସାମାଜିକ ତଥା ପାରିବାରିକ ବିକାଶ ଓ ସୁରକ୍ଷା ସମ୍ପର୍କିତ ଏବଂ ପରିବେଶଗତ ଯୋଜନା ସହ ବାଇଡେନ୍ ଅନେକ ଯୋଜନାର ପ୍ରସ୍ତାବ ରଖିଛନ୍ତି। ଏହା ମଧ୍ୟରୁ ଅଧିକାଂଶ ଯୋଜନା ଲୋକପ୍ରିୟ। ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ବାଇଡେନ୍ ନିକଟରେ ରିପବ୍ଲିକାନ୍‌ଙ୍କ ଅପେକ୍ଷା ଡେମୋକ୍ରାଟ୍‌ଙ୍କ ଅଧିକ ସମର୍ଥନ ରହିଛି। ଏହା ମଧ୍ୟ ଆମେରିକା ଲାଗି ବେଶି ଦରକାର, କାରଣ ଅକ୍ଟୋବର ୩୧ରେ ଗ୍ଲାସ୍‌ଗୋରେ ହେବାକୁ ଥିବା ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କେପ୍୨୬)ରେ ବାଇଡେନ୍ ଅଂଶଗ୍ରହଣ କରିବେ। ଏହି କାରଣରୁ ସମ୍ଭବତଃ ବାଚସ୍ପତି ନାନ୍ସି ପଲୋସି କଂଗ୍ରେସ ପାଇଁ ‘ହ୍ୟୁମ୍ୟାନ ଇନ୍‌ଫ୍ରାଷ୍ଟ୍ରକଚର/ କ୍ଲାଇମେଟ’ ବିଲ୍ ପାସ୍ କରିବାର ସମୟ ସୀମା ଅକ୍ଟୋବର ୩୧କୁ ନିର୍ଦ୍ଧାରଣ କରିଛନ୍ତି। ୩.୫ ଟ୍ରିଲିୟନ ଡଲାର ପରିମାଣର ଯେଉଁ ଯୋଜନାଗୁଡ଼ିକ ପରିକଳ୍ପନା କରିଛନ୍ତି ତାହା ସିନେଟର୍‌ଙ୍କୁ ଅଧିକ ମନେ ହେଉଛି।

ଏହି ଯୋଜନା ୧୦ ବର୍ଷ ପାଇଁ କରାଯାଇଛି ଓ ଏହାପାଇଁ ବର୍ଷକୁ ୩୫୦ ବିଲିୟନ ଡଲାର ଦରକାର ପଡ଼ିବ। ଏହି ପରିମାଣ ଏତେ ଚିନ୍ତାଜନକ ନୁହେଁ ବୋଲି ବୁଝାଇବାରେ ବିଫଳ ହେଲେ। ପୂର୍ବରୁ ପ୍ୟାକେଜ୍‌ର ଅଟକଳ ୬ରୁ ୧୦ ଟ୍ରିଲିୟନ ଡଲାର ମଧ୍ୟରେ ରହିଥିଲା। ପ୍ରାୟତଃ ବାମପନ୍ଥୀ ସମର୍ଥକ ସିନେଟର ବର୍ନି ସ୍ୟାଣ୍ଡର ସିନେଟ ବଜେଟ କମିଟିର ଚେୟାରମ୍ୟାନ ରହିଥିବାରୁ ଏହା ହୋଇଥିଲା। ଏହା ତୁଳନାରେ ବର୍ତ୍ତମାନ ୩.୫ ଟ୍ରିଲିୟନ ବଜେଟ ପରିମାଣ ଚଳନୀୟ। ବାସ୍ତବରେ ସିନେଟରେ ୫୦ ଜଣ ଡେମୋକ୍ରାଟିକ୍ ସିନେଟର ରହିଛନ୍ତି। ଏଭଳି ବଜେଟକୁ ମୋଟ ସିନେଟରଙ୍କ ମଧ୍ୟରୁ ଅତିକମ୍‌ରେ ଦୁଇ ଜଣ ସମର୍ଥନ କରୁ ନ ଥିବା ବିଷୟକୁ ବାଇଡେନ୍ ଓ ତାଙ୍କ ସହଯୋଗୀମାନେ ଅଣଦେଖା କରୁଥିଲେ କି? ପଶ୍ଚିମ ଭର୍ଜିନିଆର ଡେମୋକ୍ରାଟିକ ସିନେଟର ଜୋ ମ୍ୟାନ୍‌ଚିନ ଯେ କି ରିପବ୍ଲିକାନ୍‌କୁ ସମର୍ଥନ କରିଆସୁଛନ୍ତି ସେ ଏଭଳି ସ୍ଥିତିରୁ ବାଇଡେନଙ୍କୁ ମୁକାଳିପାରିବେ ବୋଲି ବିଶ୍ୱାସ କରାଯାଏ। ସେ ୨୦୧୮ରେ ପଶ୍ଚିମ ଭର୍ଜିନିଆର ୩.୩ ପ୍ରତିଶତ ପଏଣ୍ଟରେ ବିଜୟୀ ହୋଇଥିଲାବେଳେ ୨୦୧୬ରେ ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ସେଠାରୁ ୪୨ ପଏଣ୍ଟ ପାଇଥିଲେ। ମ୍ୟାନଚିନ୍ ଜଣେ ରକ୍ଷଣଶୀଳ ଡେମୋକ୍ରାଟିକ ସିନେଟର ଭାବେ ଜଣାଶୁଣା। ଯଦି ଡେମୋକ୍ରାଟିକ ଦଳ ସିନେଟକୁ ନିୟନ୍ତ୍ରଣ କରି ରଖେ, ତେବେ ଦଳ ପୁଣି ୨୦୨୪ରେ ନିର୍ବାଚିତ ହେବ ବୋଲି ତାଙ୍କ ଉପରେ ଭରସା ରଖିଛି।

ଆରିଜୋନାର ଡେମୋକ୍ରାଟ୍ ସିନେଟର କ୍ରିଷ୍ଟେନ ସିନେମା ଭୋଟ ଉପରେ ବି ଭରସା ନାହିଁ। ତାଙ୍କ ସିନେଟ ସହଯୋଗୀଙ୍କ ପାଇଁ ଏହା ଏକ ରହସ୍ୟ। ଏକଦା ସେ ଥିଲେ ଜଣେ ଦୃଢ ବାମପନ୍ଥୀ, ଏବେ କିନ୍ତୁ ଦକ୍ଷିଣପନ୍ଥୀ ଚିନ୍ତାଧାରାକୁ ଆସିଛନ୍ତି ଓ ବିଲ୍‌କୁ ବିରୋଧ କରିଛନ୍ତି। ପୁନଶ୍ଚ ଏହି ଦୁଇ ଡେମୋକ୍ରାଟ୍ ନେତାଙ୍କୁ ଅଧିକ ବିରକ୍ତ କଲେ ସେମାନେ ଅନ୍ୟ କିଛି କରିବା ସମ୍ଭାବନା ରହିଛି ବୋଲି ବିଚାର କରିବାକୁ ପଡ଼ିବ। ସିନେମାଙ୍କ ପ୍ରତି ହ୍ୱାଇଟ ହାଉସ୍‌ର ଅସହିଷ୍ଣୁତା ବୃଦ୍ଧି ପାଉଛି। ଯଦିଓ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ସହ ତତ୍‌କାଳୀନ ଉପ ରାଷ୍ଟ୍ରପତି ଭାବେ ବାଇଡେନ୍ କାର୍ଯ୍ୟ କରିଛନ୍ତି ତଥାପି ସେ ଓବାମାଙ୍କ ସ୍ୱାସ୍ଥ୍ୟସେବା ଯୋଜନାରୁ କିଛି ଶିକ୍ଷା କରିନାହାନ୍ତି। ଓବାମା ଏବଂ ତାଙ୍କ ସହଯୋଗୀମାନେ ତାଙ୍କ ପ୍ରସ୍ତାବରେ କ’ଣ ରହିଛି ତାହା ବୁଝାଇପାରି ନଥିଲେ। ଫଳରେ ଏହାକୁ ‘ଡେଥ୍ ପ୍ୟାନେଲ’ ବା ‘ସୋସିଆଲାଇଜଡ୍ ମେଡିସିନ’ କହି କଟାକ୍ଷ କରିବାକୁ ରିପବ୍ଲିକାନ୍‌ମାନେ ସୁଯୋଗ ପାଇଥିଲେ। ସେହିଭଳି ଏବେ ଅଧିକାଂଶ ଲୋକ ୩.୫ ଟ୍ରିଲିୟନର ବାଇଡେନ୍‌ଙ୍କ ପ୍ୟାକେଜରୁ କ’ଣ ବୁଝୁଛନ୍ତି? ଅତି ଧନୀ ଓ ବ୍ୟବସାୟୀଙ୍କ ଉପରେ ଟିକସ ବଢାଇ ଏହି ପ୍ୟାକେଜ ଦିଆଯିବ ବୋଲି ରାଷ୍ଟ୍ରପତି କହୁଛନ୍ତି। କିନ୍ତୁ କେହି ଏହାକୁ ସ୍ୱୀକାର କରୁ ନାହାନ୍ତି।

ସାମାଜିକ ମଙ୍ଗଳ– ଜଳବାୟୁ ଯୋଜନାକୁ ଏକ ରିକନ୍‌ସିଲେସନ ବିଲ୍ (ଉଭୟଦଳର ବୁଝାମଣାରେ ପାସ୍ ହେବାକୁ ଥିବା ବିଲ୍) ଭାବେ ବିଚାର କରାଯାଉଛି। କାରଣ ଏହାକୁ ଏକ ସିନେଟ୍ ପ୍ରକ୍ରିୟାରେ ପାସ୍ କରାଯିବ, ଯେଉଁଥିରେ କୌଣସି ବାଧା ଦୂର କରିବା ଲାଗି ୬୦ ଭୋଟ ବଦଳରେ ଆହୁରି ଅଧିକ ସମର୍ଥନ ଦରକାର। ଡେମୋକ୍ରାଟ୍‌ଙ୍କ ସହ ୧୦ଟି ରିପବ୍ଲିକାନ୍ ଭୋଟ ମିଶିବାର ସମ୍ଭାବନା ନ ଥିବା ଯୋଗୁ ବୁଝାମଣା ଆବଶ୍ୟକ। ଏଣୁ ମ୍ୟାନ୍‌ଚିନ ଏବଂ ସେନେମା ଯଦି ପ୍ରସ୍ତାବିତ ବିଲ୍‌କୁ ବିରୋଧ କରନ୍ତି ଏହା ପାସ୍ ହୋଇପାରିବ ନାହିଁ। ଫଳରେ ବାଇଡେନ୍‌ଙ୍କୁ ଶକ୍ତ ଝଟ୍‌କା ଲାଗିବ। ମ୍ୟାନ୍‌ଚିନ ଜଳବାୟୁ ପରିବର୍ତ୍ତନ ବିଧେୟକ ବା ବିଶୁଦ୍ଧ ବାୟୁ ପ୍ରସ୍ତାବକୁ ବିରୋଧ କରିଛନ୍ତି। ଫଳରେ ଏହା ବିଲ୍‌ର ପୁନର୍ଲିଖନ ପାଇଁ ବାଧ୍ୟ କରିବ। ସମାନ୍ତରଭାବେ ଆଉ ଏକ ପ୍ରସ୍ତାବିତ ବିଲ୍ ନିର୍ମାଣ କିମ୍ବା ରାସ୍ତା, ପୋଲ, ସୁଡଙ୍ଗ, ବନ୍ଦର, ଜଳଉସ୍ର ମରାମତି ଭଳି ଭାରି ଭିତ୍ତିଭୂମି କାର୍ଯ୍ୟକ୍ରମ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଆଧାରିତ। ୧ ଟ୍ରିଲିୟନ ଡଲାରର ଏହି ଯୋଜନା ଉଭୟ ଦଳର ସମର୍ଥନ ହାସଲ କରିଛି। ଏହା ସପକ୍ଷରେ ୧୯ ଜଣ ରିପବ୍ଲିକାନ ସିନେଟର୍ ଭୋଟ ଦେଇଛନ୍ତି। କିଛି ନେତା ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ଏହାକୁ ଲାଗୁ କରିବାକୁ ମନା କରିଦେଇଛନ୍ତି।

ଏକାଠି ଏହି ଦୁଇ ଯୋଜନା ଉଭୟ ଦଳରେ ବିଭାଜନକୁ ବଢାଇଦେଇଛି। ଯଦିଓ ନରମପନ୍ଥୀ ରିପବ୍ଲିକାନ୍‌ଙ୍କ ସଂଖ୍ୟା ଶେଷ ହେବାକୁ ଯାଉଛି, ସେଥିପାଇଁ ଦକ୍ଷିଣପନ୍ଥୀ ଡେମୋକ୍ରାଟ୍‌ମାନେ ବିଶେଷକରି ସଂସଦରେ ପୂରା ବିଭାଜିତ ହୋଇଯାଇଛନ୍ତି। ପ୍ରାୟତଃ ସିନେଟ୍ ସଦସ୍ୟ ଭାବେ ଏବେ କୌଣସି ଦକ୍ଷିଣପନ୍ଥୀ ଡେମୋକ୍ରାଟ ନାହାନ୍ତି। ଯେଉଁମାନଙ୍କର ଏହି ବିଚାର ଥିଲା ସେମାନେ ରିପବ୍ଲିକାନ ହୋଇଗଲେ। ପ୍ରତ୍ୟେକ ସଦନରେ ଉଦାରବାଦୀ ଡେମୋକ୍ରାଟଙ୍କ ପ୍ରଭାବ ରହିଛି ଯେଉଁଥିପାଇଁ ସେମାନେ ନରମପନ୍ଥୀଙ୍କ ସହ ବୁଝାମଣା କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କିନ୍ତୁ ବାଇଡେନ୍ ଯେତେବେଳେ ସୂଚାଇ ଦେଲେ ଯେ, ଖର୍ଚ୍ଚ ପରିମାଣ କମ୍ କରିବାକୁ ଯାଉଛନ୍ତି ସେତେବେଳେ ସେମାନେ ସମାଧାନ କରିବାକୁ ଆଗ୍ରହୀ ହେଲେ। ନରମପନ୍ଥୀମାନେ ସେମାନଙ୍କ ସମ୍ଭାବ୍ୟ ବୁଝାମଣା ସମ୍ପର୍କରେ ଯାହା କହୁଛନ୍ତି ସେମାନଙ୍କ କଥାକୁ ଉଦାରବାଦୀ ଡେମୋକ୍ରାଟ୍‌ମାନେ ବିଶ୍ୱାସ କରୁ ନାହାନ୍ତି। ଏମାନଙ୍କ ମଧ୍ୟରେ ବୁଝାମଣାର ଅଭାବ ଯୋଗୁ ‘ହ୍ୟୁମ୍ୟାନ ଇନଫ୍ରାଷ୍ଟ୍ରକଚର/ କ୍ଲାଇମେଟ’ ବିଲ୍ ଆଗକୁ ବଢିପାରୁନାହିଁ। କଂଗ୍ରେସରେ ଉଭୟ ବିଲ୍ ଉପରେ ଆଲୋଚନା ହୋଇପାରୁନାହିଁ। ଏଭଳି ଅଚଳାବସ୍ଥା ରାଷ୍ଟ୍ରପତିଙ୍କ ଅସହାୟତାକୁ ପ୍ରକାଶ କରିଛି। ଏହାକୁ ଜଣେ ରାଷ୍ଟ୍ରପତିଙ୍କ ଦୁର୍ଭାଗ୍ୟ କହୁଯିବନି ତ ଆଉ କ’ଣ। ରାଷ୍ଟ୍ରପତି ବାଇଡେନ୍ ଏବେ ଅଡୁଆରେ ପଡ଼ିଥିବା ତାଙ୍କ ଟିମ୍ ଭଲ ଭାବେ ଜାଣିଛନ୍ତି। ଏହା ସହ କଂଗ୍ରେସରେ ଡେମୋକ୍ରାଟ୍‌ଙ୍କ ନିୟନ୍ତ୍ରଣ କମିଛି। କିନ୍ତୁ ଆଉ କିଛି ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଧିକ ସଙ୍କଟ ସୂଚିତ କରୁଛି। ବିଶେଷକରି ମଧ୍ୟବିତ୍ତ ବର୍ଗ ଜାଣୁଛନ୍ତି ଯେ, ସରକାର ତାଙ୍କ ସ୍ୱାର୍ଥ ଲାଗି କାର୍ଯ୍ୟ କରିବାକୁ ଅକ୍ଷମ। ଏଭଳି ଚିନ୍ତାଧାରା ୨୦୧୬ରେ ଡୋନାଲ୍ଡ ଟ୍ରମ୍ପଙ୍କୁ ବିଜୟୀ କରିଥିଲା ବୋଲି ବିଶ୍ୱାସ କରାଯାଇଥିଲା। ଆଇନଗତ ସମସ୍ୟା ରହିଥିବାରୁ ଟ୍ରମ୍ପଙ୍କ ଆଉ ଏକ ରାଷ୍ଟ୍ରପତି ଦୌଡ ଦୋଦୁଲ୍ୟମାନ ସ୍ଥିତିରେ ରହିଛି ଏବଂ ଏହି ସମସ୍ୟା ଦୂର ହୋଇ ଯଦି ସେ ପୁଣି ନିର୍ବାଚନରେ ଭବିଷ୍ୟତରେ ରାଷ୍ଟ୍ରପତି ହୁଅନ୍ତି ତେବେ ଅବାଧରେ ସମସ୍ତ କ୍ଷମତା ହାତକୁ ନେବାର ସମ୍ଭାବନା ରହିଛି। ଦୁଇ ସଂଘୀୟ କାର୍ଯ୍ୟକ୍ରମ ଯାହା ବୈଧାନିକ ପରିଣାମ ଉପରେ ନିର୍ଭର କରୁଛି ତା’ଠାରୁ ଡେମୋକ୍ରାଟ୍‌ଙ୍କ ପାଇଁ ଏହା ଅଧିକ ଜଟିଳ ପରିସ୍ଥିତି ଉପୁଜାଇବ।

**ଲେଖକ ୱାଶିଂଟନ୍‌ର ସାମ୍ବାଦିକ**

# ପରିବାର ଓ ସଂସ୍କାରିତ ବାତାବରଣ



କନିଷ୍ଠ କିଶୋର ସାହୁ

ବିଶ୍ୱର ପ୍ରତ୍ୟେକ ସଭ୍ୟତା ଓ ସଂସ୍କୃତିରେ ପରିବାର ସହ ସଂସ୍କାରର ଅଭିନ୍ନ ସମ୍ପର୍କ ରହିଛି। ଧାର୍ମିକ ଭାଷାରେ ସଂସ୍କାରକୁ ଧାର୍ମିକ କ୍ରିୟା ମାଧ୍ୟମରେ ଶରୀର ମନ ଓ ମସ୍ତିଷ୍କର ଶୁଦ୍ଧୀକରଣ ବୁଝାଯାଉଥିବା ବେଳେ ସାଧାରଣ ଅର୍ଥରେ ବ୍ୟକ୍ତିର ସାମାଜିକ ଓ ସମ୍ୟକ୍ ବ୍ୟବହାରକୁ ବୁଝା ପଡ଼ିଥାଏ। ବ୍ୟବହାରିକ ଜୀବନରେ ସଂସ୍କାର ହିଁ ବ୍ୟକ୍ତିତ୍ୱର ପରିଚାୟକ ହୋଇଥାଏ; ଯାହାର ମୂଳଦୁଆ ପରିବାରରୁ ଆରମ୍ଭ ହୁଏ।

ଗୋଟିଏ ଜନ୍ମିତ ଶିଶୁକୁ ୩ ଦିନ ହେଲାପରେ ମାଆର ଅସ୍ତିତ୍ୱ, ୯ ଦିନ ପରେ ପରିବାରର ଉପସ୍ଥିତିରେ ମାଆ ଓ ଅନ୍ୟମାନଙ୍କ ସହ ତା’ର ସମ୍ପର୍କକୁ ଅନୁଧ୍ୟାନ କରିପାରେ। ଏ ସମୟରୁ ହିଁ ସେ ନିଜର ଭାବନାକୁ ବ୍ୟକ୍ତ କରିବାକୁ ଯାଇ ବିଭିନ୍ନ ଧ୍ୱନି ବା କ୍ରନ୍ଦନର ଆଶ୍ରୟ ନିଏ। ତିନି ମାସ ହେଲା ପରେ ପାରିପାର୍ଶ୍ୱିକ ଭାଷା ଓ ଭାବନାକୁ ଗ୍ରହଣ କରିବାକୁ ଚେଷ୍ଟା କରେ। ଏ ସମୟରୁ ସେ ଭାଷା, ସଂସ୍କୃତି ଓ ପାରିବାରିକ ବ୍ୟବହାର ମାଧ୍ୟମରେ ସଂସ୍କାରର ଉପାଦାନ ଖୋଜି ବସେ। ଶିଶୁର ଏହି ସମୟରୁ ହିଁ ତା’ ଜୀବନରେ ସଂସ୍କାରର ମୂଳଦୁଆ ପଡ଼ିଥାଏ। ପରେ ତା’ର ବୟସ ବୃଦ୍ଧି ସହ ସଂସ୍କାରର ପରିସର ମଧ୍ୟ ବୃଦ୍ଧି ହୁଏ। ସେ ପରିବାରରୁ ପଡ଼ୋଶୀ, ସାଙ୍ଗ ସାଥୀ, ବିଦ୍ୟାଳୟ ତଥା ସର୍ବୋପରି ସମାଜ ସହ ଓତପ୍ରୋତ ଭାବରେ ଯୋଡ଼ିହୋଇ ସଂସ୍କାରରେ ପୂର୍ଣ୍ଣତା ଆଣେ; ଯାହା ତା’ର ବ୍ୟକ୍ତିଗତ ଆଚରଣରେ ପ୍ରତିଫଳିତ ହୋଇଥାଏ।

ଭାରତୀୟ ପରିବାରରେ ମା’ ବାପାଙ୍କୁ ଦେବତା ତୁଲ୍ୟ (ମାତୃଦେବୋ ଭବ/ପିତୃଦେବୋ ଭବ) କଳ୍ପନା କରାଯାଇଥାଏ। ତା’ ସହିତ ପରିବାରରେ ଥିବା ବୟୋଜ୍ୟେଷ୍ଠ ବା ବୃଦ୍ଧ ବ୍ୟକ୍ତିଙ୍କୁ ସେବା ଓ ଭକ୍ତି କରିବା ଏକ ଅଘୋଷିତ ପରମ୍ପରାରେ ପ୍ରତିଷ୍ଠିତ ହୋଇଛି। ସେ ଦୃଷ୍ଟିରୁ ଯଦି ମା’ ବାପା ନିଜ ବୃଦ୍ଧ ମା’ବାପାଙ୍କୁ ସେବାରେ ଅବହେଳା କରିବେ କିମ୍ବା ଉପଯୁକ୍ତ ସେବା ଶୁଶ୍ରୂଷା କରିବେ ନାହିଁ, ତା’ର ପ୍ରଭାବ ଶିଶୁଙ୍କ ଉପରେ ପଡ଼ିଥାଏ। ସେମାନେ ପରବର୍ତ୍ତୀ ଜୀବନରେ ନିଜ ମା’ ବାପାଙ୍କୁ ତଦନୁରୂପ ବ୍ୟବହାର କରିବାର ଦେଖାଯାଏ। ଯେସାକୁ ତେସା ହୋଇଥାଏ।

ଆମ ସମାଜରେ ବାରମାସକୁ ତେରପର୍ବ ପାଳିତ ହେବା ବ୍ୟତୀତ ପ୍ରତ୍ୟେକ ପରିବାରରେ ପ୍ରତ୍ୟହ ପୂଜାର୍ଚ୍ଚନା କରିବା ଏକ ସାଧାରଣ ପ୍ରଥାରେ ପ୍ରଚଳିତ ହୋଇଆସୁଛି। ପୁଣି କିଛି କିଛି ପରିବାରରେ ପ୍ରତ୍ୟହ ଭାଗବତ କିମ୍ବା ରାମାୟଣାଦି ପାଠ କରିବା ଦେଖାଯାଇଥାଏ। କେବଳ ସେତିକି ନୁହେଁ, ବିଭିନ୍ନ ପରିବାରରେ ଭାଗବତ, ରାମାୟଣ, ମହାଭାରତ ଆଦିର ବିଭିନ୍ନ ପ୍ରସଙ୍ଗ ଆଲୋଚନା କରାଯାଇଥାଏ; ଯାହା ପିଲାଙ୍କୁ ସଂସ୍କାରିତ, ଚରିତ୍ରବାନ୍ ତଥା କୁଳୀନ ରୂପେ ପ୍ରତିଷ୍ଠିତ କରାଇଥାଏ।

ବହୁ ସମୟରେ ମା’ ବାପାଙ୍କର ଇଚ୍ଛା ବା ଅନିଚ୍ଛା ସତ୍ତ୍ୱେ ପାରିବାରିକ କର୍ମ ଓ କୌଳିକ ବୃତ୍ତିରେ ପିଲାଙ୍କୁ ନିୟୋଜିତ କରାଯାଇଥାଏ। କୃଷକ ପରିବାରରେ ପିଲା ବିଭିନ୍ନ ସମୟରେ ଖେତକୁ ପଖାଳ ନେବା, ଗୁହାଳକୁ ପଘା ନେବା, ଦୁଧ ଦୁହିଁବା ସମୟରେ ବାଲ୍‌ଟି ନେବା କିମ୍ବା ଅସମୟରେ ଟର୍ଚ୍ଚ ଧରି ସହଯୋଗ କରିବା ସାଧାରଣ କଥା। ଠିକ୍ ସେହିପରି ବ୍ୟବସାୟ କରୁଥିବା ପରିବାରର ପିଲା ମଧ୍ୟ ମା’ବାପାଙ୍କୁ ବିଭିନ୍ନ ସମୟରେ ସହଯୋଗ କରି ପରିବାରର ଆର୍ଥିକ ଦିଗକୁ ଶକ୍ତ କରିଥାନ୍ତି। ଏହାଦ୍ୱାରା ପିଲା ଜୀବନ ସଂଗ୍ରାମ ସହ ସଂସ୍କାରର ସନ୍ତୁଳନ ଆଣି ଆଗେଇ ଯାଇଥାଏ।

ଯେଉଁ ପରିବାରର ମା’ ବାପା ମଦ, ବିଡ଼ି, ଭାଙ୍ଗ ଆଦି ନିଶାଦ୍ରବ୍ୟ ଗ୍ରହଣ କରୁଥିବେ କିମ୍ବା ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟ ପିଲାଙ୍କ ଜାଣତରେ କରୁଥିବେ ତା’ ହେଲେ କଥା ସରିଗଲା। ସେ କ୍ଷେତ୍ରରେ ପିଲାକୁ ନିଶାସକ୍ତ ଓ ବିପଥଗାମୀ ହେବାରେ ବେଶି ସମୟ ଲାଗିବ ନାହିଁ। ଆମ ପିଲାଛୁଆ ଓ ପରିବାର ଆମ ନିଜର। ଏମାନଙ୍କୁ ଠିକ୍ ରୂପେ ପଢ଼ିବାର ଦାୟିତ୍ୱ ମଧ୍ୟ ଆମର। ସେ ଦୃଷ୍ଟିରୁ ଆମେ ନିଜ ପରିବାର ମଧ୍ୟରେ ସଂସ୍କାରିତ ବାତାବରଣର ପ୍ରତିଷ୍ଠା କରିବା; ଯଦ୍ୱାରା ପରିବାରର ପିଲା ଛୁଆ ଭବିଷ୍ୟତରେ ଆଚରଣରେ ଶୁଦ୍ଧ, ବ୍ୟବହାରରେ ନମ୍ର ଓ ସଂସ୍କାରରେ ଅନୁକରଣୀୟ ହୋଇପାରିବେ। ବ୍ୟକ୍ତିର ପରିବର୍ତ୍ତନରେ ସମାଜର ଗତି ଓ ପ୍ରକୃତିର କାୟା ପରିବର୍ତ୍ତିତ ହେଉଥିବାରୁ ଆମକୁ ପ୍ରତ୍ୟେକ ବ୍ୟକ୍ତି ଓ ତାଙ୍କ ମାଧ୍ୟମରେ ପରିବାରକୁ ଲକ୍ଷ୍ୟ କରିବାକୁ ପଡ଼ିବ।

**ମେଣ୍ଡା, ସୁବର୍ଣ୍ଣପୁର,**
**ମୋ:୯୭୭୭୨୨୨୩୩୮**

## ଏଇ ଭାରତରେ

ବିଶ୍ୱରେ ଏବେ ଇଲେକ୍‌ଟ୍ରୋନିକ ୱେଷ୍ଟ (ଇ–ୱେଷ୍ଟ) ସୁନାମି ଦେଖିବାକୁ ମିଳିଛି। ଏହା ପରିବେଶ ଓ ପ୍ରାଣୀଙ୍କ ପାଇଁ ସଙ୍କଟ ସୃଷ୍ଟି କରୁଛି। ଏଥିରୁ ମୁକୁଳିବା ଲାଗି ଦୁଇଭାଇ ରୋହନ ଏବଂ ନୀତିନ ଗୁପ୍ତାଙ୍କ ପ୍ରୟାସ ପ୍ରଶଂସନୀୟ। ସେମାନେ ମେକାନିକାଲ ଏବଂ ହାଇଡ୍ରୋଇଲେକ୍ଟ୍ରିକାଲ ପଦ୍ଧତିରେ ଇ–ୱେଷ୍ଟରୁ ସୁନା ଓ ରୁପା ସମେତ ବିଭିନ୍ନ ଧାତୁକୁ ଏକ ସ୍ଥାୟୀ ପରିବେଶ ଉପଯୋଗୀ ପଦ୍ଧତିରେ ଅଲଗା କରୁଛନ୍ତି। ସେମାନେ ୨୦୦୭ରେ ଉତ୍ତରାଖଣ୍ଡର ରୁର୍‌କିରେ ‘ଆଟେରୋ ରିସାଇକ୍ଲିଂ’ ଆରମ୍ଭ କରି ଏହି କାର୍ଯ୍ୟ କରୁଛନ୍ତି। ଟେଲିଭିଜନ ସେଟ୍, କମ୍ପ୍ୟୁଟର ମିଟର, ପ୍ରିଣ୍ଟର, ସ୍କାନର, କି’ବୋର୍ଡ, କେବୁଲ, ସର୍କିଟ ବୋର୍ଡ, ଲ୍ୟାମ୍ପ, କାଲ୍‌କୁଲେଟର, ଫୋନ୍, ଡିଭିଡି ଆଦି ଇ–ୱେଷ୍ଟକୁ ରିସାଇକ୍ଲିଂ କରୁଛନ୍ତି। ନୀତିନ ଆଇଆଇଟି ଦିଲ୍ଲୀରୁ ବିଟେକ୍ ଡିଗ୍ରୀ ଓ ରୋହନ ଏନ୍‌ଆଇଟି ଜୟପୁରରୁ କେମିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ଇ–ୱେଷ୍ଟରୁ ୯୮% ଧାତବ ଅଲଗା କରିପାରୁଛନ୍ତି। ଏହି ଧାତବ ମଧ୍ୟରେ ରହିଛି ସୁନା, ରୁପା, ଟିଣ, ସୀସା, ତମ୍ବା, ଆଲୁମିନିୟମ, ଲିଥିୟମ, କୋବାଲ୍ଟ, ମାଙ୍ଗାନିଜ, ନିକେଲ। ଏହାଦ୍ୱାରା ଲକ୍ଷ ଲକ୍ଷ ଟନ କାର୍ବନ ନିର୍ଗମନ ମଧ୍ୟ ରୋକାଯାଇପାରୁଛି। ଏବେ ବିଶ୍ୱରେ ମାତ୍ର ୨୦% ଇ–ୱେଷ୍ଟ ରିସାଇକ୍ଲିଂ କରାଯାଉଛି। ଏଣୁ ଏହି ପଦ୍ଧତି କିମ୍ବା ଏହାଠାରୁ ଉନ୍ନତ ପଦ୍ଧତିର ଆବଶ୍ୟକତା ରହିଛି ବୋଲି କହନ୍ତି ନୀତିନ। ୨୦୨୧ ସୁଦ୍ଧା ଦୁଇ ଭାଇ ଭାରତର ବିଭିନ୍ନ ରାଜ୍ୟରେ ୬ଟି କମ୍ପାନୀ ସ୍ଥାପନ କରି ୩୦,୦୦୦ ଟନ୍ ଇ– ୱେଷ୍ଟ ରିସାଇକ୍ଲିଂ କରିବାର ଯୋଜନା କରିଛନ୍ତି।

## ଚିରନ୍ତନୀ

ଅସ୍ଫୁଟ କେଉଁ ଶିଶୁର ମଧୁର ବାଣୀ
ବାଜେ ପଥିକର ସବୁ ଇନ୍ଦ୍ରିୟ ଟାଣି
ଆସଇ ଚେତନା ଚମକି ଆଗକୁ ଧାଏଁ
ପାହାଡ଼ ପାଚେରି ଉଠିଚି ଆକାଶ ଯାଏଁ
ଲୋଡେ ଆର ପାରି ଡେଇଁଯିବା ପାଇଁ ଉଡି
ଦୂର ଗାଆଁ କୋଳେ ରବି ଯାଏ ଧୀରେ ବୁଡ଼ି। –(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | | 9 | |
| 4 | | 1 | | | | | | |
| 3 | 7 | | | | | | | 8 |
| | | | 2 | 5 | | 4 | 6 | |
| | | | 9 | | | | 2 | |
| | 8 | | | | | | | 9 |
| 9 | | | | | | 7 | | 4 |
| 7 | | | | | 5 | 2 | | 3 |
| | 1 | | 3 | | | | | |


ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 9 | 5 | 7 | 3 | 2 | 8 | 1 |
| 1 | 2 | 7 | 4 | 9 | 8 | 3 | 5 | 6 |
| 8 | 5 | 3 | 6 | 1 | 2 | 4 | 7 | 9 |
| 2 | 6 | 5 | 9 | 3 | 7 | 1 | 4 | 8 |
| 3 | 7 | 1 | 2 | 8 | 4 | 6 | 9 | 5 |
| 4 | 9 | 8 | 1 | 6 | 5 | 7 | 3 | 2 |
| 7 | 1 | 2 | 3 | 5 | 9 | 8 | 6 | 4 |
| 5 | 8 | 6 | 7 | 4 | 1 | 9 | 2 | 3 |
| 9 | 3 | 4 | 8 | 2 | 6 | 5 | 1 | 7 |

ଗତକାଲିର ଉତ୍ତର

# ପୁଞ୍ଜିପତିଙ୍କ ପାଇଁ ସତର୍କଘଣ୍ଟି



ଇପ୍ସିତା ମହାନ୍ତି

ଧନୀ ଓ ଗରିବଙ୍କ ମଧ୍ୟରେ ବଢୁଥିବା ତାରତମ୍ୟ ଯୋଗୁ ଅର୍ଥନୀତିଜ୍ଞ ହିଁ ନୁହନ୍ତି, ସମାଜବିଜ୍ଞାନୀମାନେ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। କରୋନା ସଙ୍କଟ ହେତୁ ସାମାଜିକ ସ୍ଥିତି ବିଗିଡ଼ିଯାଇ ବର୍ତ୍ତମାନ ଏହି ସମସ୍ୟା ଆହୁରି ସଙ୍ଗିନ ହୋଇ ଉଠିଛି। ସମ୍ପ୍ରତି ଯୁବ ପିଢ଼ିଙ୍କ ମଧ୍ୟରେ ବେକାରି ସଂଖ୍ୟା ବୃଦ୍ଧି ପାଇଚାଲିଛି। ପୁଣି ଜୀବିକା ପାଇଁ ଆଜି ବହୁ ଲୋକଙ୍କୁ ସଂଘର୍ଷ କରିବାକୁ ପଡୁଛି। ଜନସଂଖ୍ୟାର ଏକ ସିଂହଭାଗ ଲୋକଙ୍କ ମଧ୍ୟରେ ବସା ବାନ୍ଧୁଥିବା କ୍ରୋଧର ସ୍ଫୁଲିଙ୍ଗ ଯେକୌଣସି ସମୟରେ ଅରାଜକତାର ରୂପ ନେଇପାରେ। ଏଭଳି ଆଶଙ୍କାରେ ବିଶ୍ୱର ଧନିକ ଶ୍ରେଣୀ ଆଜି ଭୟଭୀତ।

କେବଳ ୧୦ଜଣ ଧନୀଙ୍କ ପାଖରେ ଆଜି ଯେତିକି ପୁଞ୍ଜି ଗଚ୍ଛିତ ଅଛି, ତାହା ୩୫୦ କୋଟି ଲୋକ ଅର୍ଥାତ୍ ଅର୍ଦ୍ଧେକ ବିଶ୍ୱ ଜନସଂଖ୍ୟାର ସମ୍ପତ୍ତିଠାରୁ ବି ଅଧିକ ହେବ। ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତରେ ଖରବପତି ବା ଟ୍ରିଲିୟନେୟାରଙ୍କ ସଂଖ୍ୟା ଦଶଗୁଣ ବୃଦ୍ଧି ପାଇଛି। ଦୁନିଆର ଏକ ତୃତୀୟାଂଶ ଧନୀ ଆଜି ଏହି ଦେଶରେ ଅଛନ୍ତି, ଯେଉଁଠି ପାଖାପାଖି ୫୦କୋଟି ଲୋକ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି। ମୁଠାଏ ଖାଇବା ପାଇଁ ପ୍ରତିଦିନ ସେମାନେ ସଂଘର୍ଷ କରୁଛନ୍ତି। ତଥ୍ୟ ଅନୁସାରେ ବର୍ତ୍ତମାନ ଭାରତରେ ୧୧୧ଜଣ ଖରବପତି ଏବଂ ୪ଲକ୍ଷରୁ ଅଧିକ କୋଟିପତି ରହିଛନ୍ତି। ରେ ଡେଲିଓ, ମାର୍କ କ୍ୟୁବାନ୍, କ୍ଲାଉସ୍ ସ୍ୱାବ୍ ଭଳି ଦୁନିଆର ଖରବପତିଗଣ କେବେ ଗରିବଙ୍କୁ ସାହାଯ୍ୟ କରିଥିବା ଜଣାଯାଇନାହିଁ। ଅବଶ୍ୟ ଇତିହାସରୁ ସେମାନେ ଶିକ୍ଷା ପାଇଛନ୍ତି ଯେ ଏଭଳି ପରିସ୍ଥିତି ଅସନ୍ତୋଷକୁ କ୍ରୋଧରେ ପରିଣତ କରିପାରେ। ତଥାପି ବେଳ ହୁଁ ସେମାନେ ଏ ବିଷୟରେ ଆଦୌ ସଜାଗ ହେଉନାହାନ୍ତି; ଯେଉଁଥିପାଇଁ ବର୍ତ୍ତମାନ ସେମାନେ କେବଳ ଶଙ୍କାଗ୍ରସ୍ତ ନୁହନ୍ତି ବରଂ ଚିନ୍ତିତ ମଧ୍ୟ। ପ୍ରାଚୀନ ସାମାଜିକ ତଥା ଅର୍ଥନୈତିକ ଇତିହାସର ବିଶାରଦ, ପ୍ରଫେସର ୱାଲ୍ଟର ସ୍କେନଡେଲ୍ କହିଛନ୍ତି ଯେ– ଅସମାନତା ବିସ୍ଫୋରକ ସ୍ଥିତିରେ ପହଞ୍ଚି ଗଲେ ଧନୀ ବ୍ୟକ୍ତିଙ୍କ ସ୍ୱାର୍ଥ ରକ୍ଷା କରିବା ସରକାରଙ୍କ ପାଇଁ ବାଧ୍ୟତାମୂଳକ ହୋଇଯାଏ। ଏହାର ସ୍ୱାଭାବିକ ପରିଣାମ ଗରିବଙ୍କ ଦମନ ସଦୃଶ ହୋଇଥାଏ। ସ୍କେନଡେଲ୍‌ଙ୍କ କହିବା ଅନୁସାରେ ଏହି ଅସମାନତାର ପରିସମାପ୍ତି କେବଳ ମହାମାରୀ, ଯୁଦ୍ଧ, ସରକାରଙ୍କ ପତନ କିମ୍ବା ବିପ୍ଳବ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ପୃଥିବୀ ପୃଷ୍ଠରେ ବହୁବାର ଏଭଳି ଘଟଣା ଘଟିଛି। ଇତିହାସରେ ମଧ୍ୟ ଏହା ଉଲ୍ଲେଖ ରହିଛି।

ଉଦାରୀକରଣ ଏବଂ ଜଗତୀକରଣର ଅର୍ଥନୈତିକ ନୀତି ଦ୍ୱାରା ୧୯୯୦ ଦଶକ ପରେ ଦୁନିଆରେ ପୁଞ୍ଜିସାମ୍ରାଜ୍ୟର ଦ୍ରୁତ ବିସ୍ତାର ଘଟିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଅଭିବୃଦ୍ଧିର ବୃହତ୍ତର ଅଂଶ ଅଳ୍ପ କିଛି ହାତଗଣତି ଲୋକଙ୍କ ପାଖରେ ଠୁଳ ହୋଇ ଚାଲିଲା। କେବଳ ୧୦ଜଣ ଧନୀଙ୍କ ପାଖରେ ବିଶ୍ୱ ଜନସଂଖ୍ୟାର ଅଧାରୁ ଅଧିକ ସମ୍ପତ୍ତି ଠୁଳ ହେବା କୌଣସି ପ୍ରକାରେ ଆକସ୍ମିକ ନ ଥିଲା। ବିଶ୍ୱ ସ୍ତରରେ ଏଥିପାଇଁ ଉଚିତ ନୀତି ପ୍ରସ୍ତୁତ ହୋଇଥିଲା ଏବଂ ଭାରତ ପରି ଅଣ–ବିକଶିତ ଦେଶକୁ ମଧ୍ୟ ଏହା ଅନୁସରଣ କରିବାକୁ ବାଧ୍ୟ କରାଯାଇଥିଲା। ଏହି ଉଦ୍ଦେଶ୍ୟରେ ପ୍ରଥମେ ଗେଟ୍ (ଶୁଳ୍କ ଏବଂ ବାଣିଜ୍ୟ ଉପରେ ସାଧାରଣ ଚୁକ୍ତିନାମା) ଦ୍ୱାରା ବିଭିନ୍ନ ଦେଶ ମଧ୍ୟରେ ବାଣିଜ୍ୟିକ କାରବାର ପାଇଁ ନିୟମ ପ୍ରସ୍ତୁତ ହୋଇଥିଲା। ଏହାକୁ ଭିତ୍ତିକରି ୧୯୯୪–୯୫ରେ ବିଶ୍ୱ ବାଣିଜ୍ୟିକ ସଂଗଠନ ପ୍ରତିଷ୍ଠା କରାଗଲା। ସମୟକ୍ରମେ ଏଭଳି ଅନେକଗୁଡ଼ିଏ ନୂତନ ନିୟମ ତିଆରି ହୋଇଚାଲିଲା; ଯାହାର ଉଦ୍ଦେଶ୍ୟ ଥିଲା ଯେ କୌଣସି ପରିସ୍ଥିତିରେ ସମ୍ପନ୍ନ ଓ ବିକଶିତ ପ୍ରତିଷ୍ଠାନ ସହ ଦେଶର ପୁଞ୍ଜି ବୃଦ୍ଧି କରିବା ଏବଂ ଧନୀମାନଙ୍କ ପାଇଁ ଲାଭଦାୟକ ନୀତି ପ୍ରସ୍ତୁତ କରିବା। ଏହି କାରଣରୁ ଦୁନିଆରେ ଅର୍ଥନୈତିକ ଅସମାନତା କ୍ରମଶଃ ବୃଦ୍ଧି ପାଇଚାଲିଲା।

ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଅସମାନତାର ସମସ୍ୟା ବହୁଳ ଦେଶ। ଏଠି କେବଳ ଏକ ପ୍ରତିଶତ ଲୋକଙ୍କ ପାଖରେ ୫୫ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ବା ପୁଞ୍ଜି ଗଚ୍ଛିତ ଅଛି। ୨୦୧୭–୧୮ରେ ୭୩୦୦ ଜଣ ବ୍ୟକ୍ତି ଅରବପତିଙ୍କ ଗୋଷ୍ଠୀରେ ନୂତନ ଭାବେ ସାମିଲ ହୋଇଥିଲେ। ଏଥିଯୋଗୁ ଦେଶରେ ଧନୀଙ୍କ ସଂଖ୍ୟା ୩ଲକ୍ଷ ୫୦ହଜାରକୁ ଅତିକ୍ରମ କରିଯାଇଥିଲା। ଏହି ଗୋଷ୍ଠୀଙ୍କ ମୋଟ ସମ୍ପତ୍ତିର ପରିମାଣ ୭.୭ ଟ୍ରିଲିୟନରେ ପହଞ୍ଚିଛି। ଏକ ଅଧ୍ୟୟନର ତଥ୍ୟ ଅନୁସାରେ ଆମ ଦେଶର ବୟସ୍କଙ୍କ ହାରାହାରି ପୁଞ୍ଜି ପ୍ରାୟ ୫ଲକ୍ଷ ୧୫ହଜାର ଟଙ୍କା ହୋଇଥିବାବେଳେ ଚାଇନାର ବୟସ୍କଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୩୫ଲକ୍ଷ ଟଙ୍କା। ଆମ ଦେଶରେ ପୁଞ୍ଜିର ଅଭିବୃଦ୍ଧି ଖୁବ୍ ଦ୍ରୁତଗତିରେ ହୋଇଛି କିନ୍ତୁ ଦେଶର ସଂଖ୍ୟାଧିକ ଜନତା ଏଥିରୁ ବଞ୍ଚିତ ହୋଇଛନ୍ତି। ତଥ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶର ୯୧ ପ୍ରତିଶତ ଲୋକଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୭.୩୫ଲକ୍ଷରୁ କମ୍ ହୋଇଥିବା ବେଳେ ୦.୬ ପ୍ରତିଶତ ଲୋକଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୭୩.୫୦ଲକ୍ଷ କିମ୍ବା ତା’ଠାରୁ ଅଧିକ ହେବ। ଏ କ୍ଷେତ୍ରରେ ଔଦ୍ୟୋଗିକ ଦୃଷ୍ଟିରୁ ବିକଶିତ ଦେଶ ଜାପାନକୁ ଏହାର ସମସ୍ତ ଶ୍ରେୟ ଯିବ। କାରଣ ବିଶ୍ୱରେ ଅସମାନତାର ସର୍ବନିମ୍ନ ହାର ଜାପାନରେ ହିଁ ଦେଖିବାକୁ ମିଳିଥାଏ। ଭାରତରେ ଜାତୀୟ ସମ୍ପତ୍ତିର ୫୫ପ୍ରତିଶତରୁ ଅଧିକ ପୁଞ୍ଜି ୧% ଲୋକଙ୍କ ପାଖରେ ଏବଂ ୬୮.୮ ପ୍ରତିଶତ ପୁଞ୍ଜି ୫% ଲୋକଙ୍କ ଦଖଲରେ ରହିଛି। ସେହିଭଳି ୭୬.୮ ପ୍ରତିଶତ ସମ୍ପତ୍ତି ମାତ୍ର ୧୦% ଲୋକଙ୍କ ପାଖରେ ଅଛି। ଅନ୍ୟପଟେ ଜାପାନର ଅର୍ଦ୍ଧେକ ଜନସଂଖ୍ୟା ନିକଟରେ ଜାତୀୟ ସମ୍ପତ୍ତିର ୪.୧%ରୁ ବି କମ୍ ସମ୍ପତ୍ତି ରହିଛି। ଅସମାନତାର ଗ୍ରାଫ୍‌ରେ ଆମେରିକା ତୁଳନାରେ ଭାରତ ଆଜି ବହୁ ଆଗକୁ ଚାଲିଯାଇଛି। ସେଠାରେ ଏକ ପ୍ରତିଶତ ଲୋକଙ୍କ ପାଖରେ ମାତ୍ର ୩୭.୩% ପୁଞ୍ଜି ରହିଛି କିନ୍ତୁ ଭାରତରେ ଏହି ସଂଖ୍ୟା ୫୫%କୁ ଅତିକ୍ରମ କରିଯିବ।

ଇତିମଧ୍ୟରେ ବିଶ୍ୱ ଅର୍ଥନୈତିକ ସଂଗଠନର ପ୍ରତିଷ୍ଠାତା–ସଭାପତି କ୍ଲାଉସ୍ ସ୍ୱାବ ମଧ୍ୟ ସାରାଦୁନିଆକୁ ସତର୍କ କରିଛନ୍ତି। ତାଙ୍କ ମତରେ ଏହି ଅସମାନତା ସମସ୍ୟା ହ୍ରାସ ନ ପାଇଲେ ବିଶ୍ୱ ସମାଜର ଅସ୍ତିତ୍ୱ ବିପଦରେ ପଡ଼ିଯିବ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଇନ୍ ଲାଗାର୍ଡ ମଧ୍ୟ ସେହି ଏକା କଥା କହିଛନ୍ତି। ଲାଗାର୍ଡଙ୍କ ମତରେ ଅଧିକାଂଶ ଦେଶରେ ବହୁତ କମ୍ ଲୋକ ଅଛନ୍ତି; ଯେଉଁମାନେ ଅର୍ଥନୈତିକ ପ୍ରଗତିର ଲାଭ ଉଠାଇ ଚାଲିଛନ୍ତି। କିନ୍ତୁ ସମାଜର ସ୍ଥିରତା ଏବଂ ସୌହାର୍ଦ୍ଦ୍ୟ ଦୃଷ୍ଟିରୁ ଏହି ପରିସ୍ଥିତିକୁ ଅଧିକ ସମୟ ପର୍ଯ୍ୟନ୍ତ ବଜାୟ ରହିବାକୁ ଅନୁମତି ଦିଆଯାଇ ପାରିବ ନାହିଁ। ବିଶ୍ୱବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଜିମ୍ ୟୋଙ୍ଗ୍ କିମ୍ ଏହି ବିଷୟରେ ବିଶ୍ୱକୁ କେବଳ ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତି। ତାଙ୍କ ମତରେ ସମାଜରେ ବଢୁଥିବା ଅସମାନତାକୁ ସମାଧାନ କରିବାରେ ଅସମର୍ଥ ବା ବିଫଳ ହେବା ହିଁ ଏକ ପ୍ରମୁଖ ସାମାଜିକ ବିଶୃଙ୍ଖଳା। ଦୀର୍ଘଦିନ ଧରି ସାଧାରଣ ଲୋକଙ୍କୁ ଅଣଦେଖା କରିଚାଲିଲେ ସାମାଜିକ ଶୃଙ୍ଖଳା ବଜାୟ ରହିପାରିବ ନାହିଁ ବୋଲି କହିବା ଅରାଜକତା ଆଡ଼କୁ ଗତି କରିବା ଛଡ଼ା ଆଉ କିଛି ନୁହେଁ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୦୬୭୯୪୦୫**

# ପାଠକ ଶ୍ରେଷ୍ଠ ବିଚାରକ

## ଯୋଗ୍ୟ ହିତାଧିକାରୀ ବଞ୍ଚିତ

ମହାଶୟ,

କେନ୍ଦ୍ର ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ଅବହେଳା କରୁଛନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ୱାଇ)ରେ ୨୦୨୨ ସୁଦ୍ଧା ଦେଶର ସବୁ ଗରିବଙ୍କୁ ପକ୍କାଘର ଯୋଗାଇଦେବାକୁ ଦୃଢ଼ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ଆବାସ ଯୋଜନାର ଘର ପ୍ରକୃତ ହିତାଧିକାରୀଙ୍କୁ ନ ଦେଇ ଦଳୀୟ କର୍ମୀ ନେତା ଓ ଚାକିରିଆଙ୍କୁ ଦିଆଯାଉଛି। ସତ୍ୟବାଦୀ ବ୍ଲକର ୨୪ ଗୋଟି ପଞ୍ଚାୟତରେ ଥିବା ଗ୍ରାମାଞ୍ଚଳରେ ଚାଳଘରେ ରହୁଥିବା ଅନେକ ଯୋଗ୍ୟ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ୨୦୧୧ ଆର୍ଥିକ ଜନଗଣନା ଓ ୨୦୧୮–୧୯ ସର୍ଭେ ତାଲିକାରେ ନାମ ଥାଇ ସୁଦ୍ଧା ସେମାନେ ବାଦ୍ ପଡୁଛନ୍ତି। ଘରେ ୨/୩ ଭାଇ ପୃଥକ୍ ବାସରେ ରହିଥିଲେ ମଧ୍ୟ ଯଦି ବାପା ଦୀର୍ଘବର୍ଷ ତଳୁ ଘର ଖଣ୍ଡେ ପାଇଛନ୍ତି କିମ୍ବା ହିତାଧିକାରୀଙ୍କ ନାଁରେ ପଟ୍ଟା ନାହିଁ ତା’ହେଲେ ତଦନ୍ତ ସମୟରେ ସେମାନଙ୍କୁ ବାଦ୍ କରି ଦିଆଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ବ୍ଲକରୁ ତଦନ୍ତ କରିବାକୁ ଆସି ପରିବାରର ମୁଖ୍ୟ ଲୋକେ ମୂଲ ମଜୁରିକୁ ଯାଇଥିବା ସମୟରେ ସେମାନଙ୍କ ନାମ ତାଲିକାରୁ କାଟି ଦେଇଥିବା ଅଭିଯୋଗ ଉଠିଛି। ପ୍ରକୃତ ଯୋଗ୍ୟ ହିତାଧିକାରୀ ପକ୍କାଘର ପାଇବାରୁ ବାଦ୍ ପଡୁଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହା ସ୍ୱାର୍ଥରେ ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ ପ୍ରଶ୍ନ ଉଠିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାୟ ୧୦୦୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଜଣାପଡ଼ିଛି।

**–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ସଂଗ୍ରାମୀଙ୍କ ସହଯୋଗୀଙ୍କୁ ଆର୍ଥିକ ସହାୟତା ମିଳୁ

ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସହଯୋଗ କରିଥିବା ବହୁ ବ୍ୟକ୍ତି ଏବେ ବି ବଞ୍ଚିଛନ୍ତି। ୧।୧।୨୦୨୧ ସୁଦ୍ଧା ଯେଉଁମାନଙ୍କର ବୟସ ୯୦ ବର୍ଷ ହୋଇଥିବ ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ସହଯୋଗୀ ଭାବେ ଘୋଷଣା କରି ମାସିକ ୫,୦୦୦ଟଙ୍କା ଦେବାର ବ୍ୟବସ୍ଥା କରନ୍ତୁ। ତାଙ୍କ ଅନ୍ତେ ତାଙ୍କ ପରିବାରର ଯେ କୌଣସି ସଦସ୍ୟଙ୍କୁ ଉକ୍ତ ପରିମାଣ ଅର୍ଥ ପ୍ରଦାନ କରିବାକୁ ସରକାରଙ୍କୁ ଅନୁରୋଧ।

**–ଚକ୍ରଧର ରାଉତ, ପଡୁଆଁ ପଦା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଡ଼ାକଡ଼ି ହେବ ସୋସିଆଲ ମିଡିଆ ନିୟମ

ନୂଆଦିଲ୍ଲୀ,୨୦।୧୦

କେନ୍ଦ୍ର ସରକାର ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଲାଗି ନୂଆ ଆଇନ ଆଣିବାକୁ ବିଚାର କରୁଛନ୍ତି। କମ୍ପାନୀଗୁଡ଼ିକ ସେମାନଙ୍କ ପ୍ଲାଟ୍‌ଫର୍ମରେ ପବ୍ଲିସ କରୁଥିବା ସମସ୍ତ କଣ୍ଟେଣ୍ଟ ଲାଗି ଉତ୍ତରଦାୟୀ କରିବାକୁ ସରକାର ଚିନ୍ତା କରୁଛନ୍ତି। ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟ ଲାଗି ଅସୁବିଧା ସୃଷ୍ଟି ହେଉଛି। ଏହାକୁ ନିୟନ୍ତ୍ରଣ କରିବା ଦିଗରେ ସରକାର ଗତ କିଛି ମାସ ମଧ୍ୟରେ କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଚଳିତ ବର୍ଷ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଲାଗି ନୂଆ ସାଇବର ଇନ୍‌ଫରମେଶନ ଟେକ୍ନୋଲୋଜି (ଆଇଟି) ନିୟମ ଲାଗୁ ହୋଇଛି।

ନୂଆ ଆଇଟି ଆଇନକୁ ବିଭିନ୍ନ କମ୍ପାନୀ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଦିଲ୍ଲୀ ହାଇକୋର୍ଟ ସମେତ ବିଭିନ୍ନ ଉଚ୍ଚ ନ୍ୟାୟାଳୟରେ ଏ ନେଇ ପିଟିଶନ ଦାଏର କରାଯାଇଛି। ଦିଲ୍ଲୀ ହାଇକୋର୍ଟଙ୍କ ସାମ୍ନାରେ ନୂଆ ଆଇଟି ଆଇନର



ପକ୍ଷ ରଖି କେନ୍ଦ୍ର ସରକାର କହିଛନ୍ତି, ପ୍ରେସ୍ ସ୍ୱତନ୍ତ୍ରତାର ଦୁରୁପଯୋଗକୁ ରୋକିବା ଏବଂ ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମରେ ଭୁଲ୍ ସୂଚନା ଉପରେ ରୋକ ଲଗାଇବା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ନାମ ଗୋପନ ରଖି ଜଣେ ସରକାରୀ ଅଧିକାରୀ କହିଛନ୍ତି, ନୂଆ ନିୟମକୁ ନେଇ ବର୍ତ୍ତମାନ କିଛି ସ୍ପଷ୍ଟ ହୋଇନାହିଁ। ଏହା ଏକ ଅଲଗା ଅଧିନିୟମ ହୋଇପାରେ କିମ୍ବା ବର୍ତ୍ତମାନର ଆଇନକୁ ସଂଶୋଧନ କରି ଉପସ୍ଥାପନ କରାଯାଇପାରେ।

ନୂଆ ଆଇନ ପ୍ରସ୍ତୁତି ଲାଗି ସରକାର ୟୁରୋପୀୟ ମଡେଲ ଉପରେ ବିଚାର କରିପାରନ୍ତି। ୨୦୨୦ ଡିସେମ୍ବରରେ ୟୁରୋପୀୟ କମିଶନ ଦ୍ୱାରା ଆସିଥିବା ଡିଜିଟାଲ ସେବା ଅଧିନିୟମର ବିଭିନ୍ନ ଦିଗକୁ ବିଚାର କରାଯାଇପାରେ। ଉଲ୍ଲେଖଯୋଗ୍ୟ, ଆମେରିକାରେ ସୋସିଆଲ ମିଡିଆ କମ୍ପାନୀଗୁଡିକ

## ଉତ୍ତରଦାୟୀ ରହିବେ କମ୍ପାନୀ

ଲାଗି କଠୋର ନିୟମ ଲାଗୁ ହେଉଛି। ସେଠାରେ ସୋସିଆଲ ମିଡିଆ ସେଲ୍ଫ ରେଗୁଲେଶନ ଭିତ୍ତିରେ ସଞ୍ଚାଳିତ ହେଉଛି। ମାତ୍ର କୌଣସି କମ୍ପାନୀ ବିରୋଧରେ ଅଭିଯୋଗ ଆସିଲେ ଉକ୍ତ କମ୍ପାନୀ ଉତ୍ତରଦାୟୀ ହୋଇଥାଏ। ଭାରତରେ ଏଭଳି ଏକ କଡ଼ାକଡ଼ି ଆଇନ ଆଣିବା ଲାଗି ଜଏଣ୍ଟ ପାର୍ଲାମେଣ୍ଟାରି କମିଟି(ଜେପିସି) ୨୦୧୯ରୁ କାମ କରୁଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ପବ୍ଲିସର୍ସ ଭାବେ ବିଚାର କରିବାକୁ କମିଟି ରିପୋର୍ଟ ଦେଇଛି। ଫଳରେ କମ୍ପାନୀଗୁଡ଼ିକ ଲାଗି ନ୍ୟାୟସଙ୍ଗତ, ନିରପେକ୍ଷ, ଉଚିତ କଣ୍ଟେଣ୍ଟ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ଏ ସମ୍ପର୍କିତ ପ୍ରସ୍ତାବିତ ବିଭିନ୍ନ ସଂଶୋଧନକୁ ଲୋକଙ୍କ ମତାମତ ଲାଗି ରଖାଯିବ ବୋଲି କୁହାଯାଇଛି।

## ସଂକ୍ଷେପରେ

### ୬.୪୯ ଲକ୍ଷ ୟୁଜର ଯୋଡ଼ିଲା ଜିଓ

ନୂଆଦିଲ୍ଲୀ,୨୦।୧୦: ଦେଶର ସର୍ବବୃହତ୍ ଟେଲିକମ୍ ସେବା ଯୋଗାଣକାରୀ କମ୍ପାନୀ ରିଲାଏନ୍ସ ଜିଓ ଅଗଷ୍ଟ ମାସରେ ୬.୪୯ ଲକ୍ଷ ୟୁଜର ଯୋଡ଼ିବାକୁ ସକ୍ଷମ ହୋଇଛି। ଏହି ସମୟରେ ଭାରତୀ ଏୟାରଟେଲ ୧.୩୮ ଲକ୍ଷ ୟୁଜର ଯୋଡ଼ିଥିବା ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ପକ୍ଷରୁ ସୂଚନା ମିଳିଛି। ଏହି ସମୟରେ ଭୋଡାଫୋନ ଆଇଡିଆ ୮.୩୩ ଲକ୍ଷ ଗ୍ରାହକଙ୍କୁ ହରାଇଛି। ଏହା ଜୁଲାଇ ତୁଳନାରେ କମ୍ ରହିଥିବା ଜଣାପଡ଼ିଛି। ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ଜିଓ ୟୁଜର୍ସ ଯୋଡ଼ିବାରେ ଆଗରେ ରହିଛି। କମ୍ପାନୀ ନିକଟରେ ଏବେ ୪୪.୩୮ କୋଟି ୟୁଜର୍ସ ରହିଛନ୍ତି। ସେହିଭଳି ଏୟାରଟେଲ ନିକଟରେ ଏବେ ୩୫.୪୧ କୋଟି , ଭୋଡାଫୋନ ଆଇଡିଆର ୨୭.୧ କୋଟି ଗ୍ରାହକ ରହିଛନ୍ତି। ଏଜିଆର୍ ଅର୍ଥ ପ୍ରଦାନ ନେଇ କମ୍ପାନୀଗୁଡ଼ିକ ସରକାର ମୋରାଟୋରିୟମ ଅବଧି ପ୍ରଦାନ କରିଥିବା ବେଳେ ଏହାର ଲାଭ ଭୋଡାଫୋନ ଆଇଡିଆ ଉଠାଇବ ବୋଲି ଜଣାପଡ଼ିଛି।

### ପ୍ରାୟ ବର୍ଷେ ପରେ ଜ୍ୟାକ୍ ମାଙ୍କ ବିଦେଶ ଗସ୍ତ



ନୂଆଦିଲ୍ଲୀ,୨୦।୧୦: ପ୍ରତିଦ୍ୱନ୍ଦ୍ୱିତା ନିୟମ ଅବମାନନା ଅଭିଯୋଗରେ ଗତ ବର୍ଷ ଆଲିବାବା ଗ୍ରୁପ୍ ଉପରେ ଚାଇନା ସରକାର କଟକଣା ଲଗାଇଥିଲେ। ଏହାର ପ୍ରାୟ ବର୍ଷେ ପରେ ଗ୍ରୁପ୍‌ର ପ୍ରତିଷ୍ଠାତା ଜ୍ୟାକ୍ ମା ବିଦେଶ ଗସ୍ତ କରିଛନ୍ତି। ଗତ ଗୋଟିଏ ବର୍ଷ ହେବ ଜ୍ୟାକ୍ ମାଙ୍କୁ କୌଣସି କାର୍ଯ୍ୟକ୍ରମରେ ପ୍ରାୟ ଦେଖିବାକୁ ମିଳୁ ନ ଥିଲା। ସେ ପ୍ରାୟ ସାମାଜିକ କାର୍ଯ୍ୟକ୍ରମ କିମ୍ବା କମ୍ପାନୀ କାର୍ଯ୍ୟକ୍ରମରେ ନଜର ଆସୁ ନ ଥିଲେ। ମାତ୍ର ସେ ବର୍ତ୍ତମାନ ୟୁରୋପ ଗସ୍ତ କରିବା ସହ ଏଗ୍ରିକଲଚର ଷ୍ଟଡି ଟୁର୍ କରିବା କାର୍ଯ୍ୟକ୍ରମ ରଖିଛନ୍ତି।

# ଟିଙ୍ଗାରି ପକ୍ଷରୁ ପ୍ରଥମ ସୋସିଆଲ ଟୋକେନ



ବାଙ୍ଗାଲୋର,୨୦।୧୦

ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ସର୍ଟ ଭିଡିଓ ଆପ୍ଲିକେଶନ ଟିଙ୍ଗାରି ପକ୍ଷରୁ ପ୍ରଥମ ସୋସିଆଲ କ୍ରିପ୍ଟୋ ଟୋକେନ 'ଗାରି'ରୁ ଶୁଭାରମ୍ଭ କରାଯାଇଛି। କମ୍ପାନୀ ଏହାର ନିଜସ୍ୱ ଏନ୍‌ଏଫ୍‌ଟି ମାର୍କେଟ ପ୍ଲେସ୍‌ରେ ଏହାକୁ ଆଣିଛି। ମୁମ୍ବାଇରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲିଉଡ୍ ଅଭିନେତା ସଲମାନ ଖାନ, ଅଭିନେତ୍ରୀ ବାଣୀ କପୁର, ସୋନାଲି ସେଗଲ୍, ଟିଙ୍ଗାରିର ସିଇଓ ସୁମିତ ଘୋଷ, ସିଓଓ ଦୀପକ ସାଲଭି, ଇଞ୍ଜିନିୟରିଂ ମୁଖ୍ୟ ବିଶ୍ୱାତ୍ମା ନାୟକ ଏବଂ ଷ୍ଟ୍ରାଟେଜି ମୁଖ୍ୟ ଆଦିତ୍ୟ କୋଠାରୀ ପ୍ରମୁଖ ଉପସ୍ଥିତ ରହି ଏହାର ଉନ୍ମୋଚନ କରିଥିଲେ। ଟିଙ୍ଗାରି ପ୍ରଥମ ସୋସିଆଲ ନେଟ୍‌ୱର୍କ ଭାବେ କ୍ରିପ୍ଟୋ ଟୋକେନକୁ ଜାରି କରିପାରିବ। ସଲମାନ ଖାନ ଏନ୍‌ଏଫ୍‌ଟି ମାର୍କେଟ ପ୍ଲେସ୍ ଏବଂ ଗାରି ଟୋକେନର ବ୍ରାଣ୍ଡ ଆମ୍ବାସାଡର ଭାବେ କାମ କରିବେ। ଟିଙ୍ଗାରି ନିକଟରେ ୧୯ ନିୟୁତ ଡଲାର ପାଣ୍ଠି ଉଠାଣ କରିଛି। ଏହା ଗାରିର ଅଭିବୃଦ୍ଧି ଦିଗରେ କାମ କରିବ। ସେହିଭଳି ଟିଙ୍ଗାରି କ୍ରିଏଟର ମନେଟାଇଜେଶନ କରିବ। ଗାରି ଟୋକେନ ବ୍ୟବହାରକୁ ଉତ୍ସାହିତ କରିବାରେ କମ୍ପାନୀ ଟୁଲ୍ ଆଣିବ ବୋଲି ସୂଚନା ଦେଇଛି।

# ରିଲାଏନ୍ସ ଜୁଏଲ୍ସର କାଶ୍ୟମ କଲେକ୍ସନ

ଭୁବନେଶ୍ୱର,୨୦।୧୦

ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ କାଶ୍ୟମ କଲେକ୍ସନ ଶୁଭାରମ୍ଭ ହୋଇଛି। ଏହି କଲେକ୍ସନଟି ବନାରସର ସମୃଦ୍ଧ ଐତିହ୍ୟ, ପରମ୍ପରା ଓ ବିଶ୍ୱାସ, ମନ୍ଦିର, ସ୍ଥାପତ୍ୟ ଆଦିର କଳା ଓ ସଂସ୍କୃତିରୁ ପ୍ରେରଣା ଲାଭ କରିଛି। ଗ୍ରାହକ ଆକର୍ଷଣୀୟ ଭେରାଇଟି ମଧ୍ୟରୁ ଅତ୍ୟନ୍ତ ସୁନ୍ଦର କଳାକୃତିର ଜୁଏଲେରି ପାଇପାରିବେ। ଏଥିରେ ଅନ୍ତର୍ଭୁକ୍ତ ରହିଛି କାଶୀ ବିଶ୍ୱନାଥ ଦୁର୍ଗା କୁଣ୍ଡ ମନ୍ଦିର, ରତ୍ନେଶ ମହାଦେବ ମନ୍ଦିର, ବିଶାଳାକ୍ଷୀ ଓ ବୁଦ୍ଧମନ୍ଦିର, ରାମନଗର କିଲା, ତୁଳସୀଘାଟ, ପୁରାତନ ଗେଟ୍‌ୱେ ଓ ଯନ୍ତରମନ୍ତର। ଏହା ସହ ବନାରସ ଶାଢ଼ି, ଗଙ୍ଗା ଆରତି, ଗଙ୍ଗାଘାଟ ଓ ଗୁଲାବି ମୀନାକାରୀ ଓ ରିପାଉସେର ଅତ୍ୟନ୍ତ ସୁନ୍ଦର ଓ ଜୀବନ୍ତ କଳାକୃତି ମଧ୍ୟ ରହିଛି। ନବରାତ୍ରି,



ଦୁର୍ଗାପୂଜା, ଦୀପାବଳି ଓ ଧନତେରସକୁ ଆହୁରି ମଜାଦାର କରିବା ପାଇଁ ତଥା ବିବାହ ଅବସରକୁ ଗ୍ରାହକମାନଙ୍କ ନିମନ୍ତେ ଅଧିକ ସ୍ୱତନ୍ତ୍ର କରିବା ପାଇଁ ବ୍ରାଣ୍ଡ ଅତ୍ୟନ୍ତ ସୁନ୍ଦର କଲେକ୍ସନର ଶୁଭାରମ୍ଭ କରିଛି। ଏହା ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସ୍ଥାପତ୍ୟ କଳାକୃତି ଓ ବନାରସର କଳାକୃତିକୁ ସୁନା ଓ ହୀରାର ସୁନ୍ଦର ନେକ୍‌ଲେସ୍, ଇୟରିଂ ଓ ଚୁଡ଼ି ଆକାରରେ ଉପସ୍ଥାପିତ କରିଛି। ଗ୍ରାହକ ଉତ୍କୃଷ୍ଟ ଓ ଲକ୍ସୁରି ସମୃଦ୍ଧ ଓପୁଲେଣ୍ଟ ଚୋକର ସେଟ୍ ଓ ସୁନ୍ଦର ନେକ୍‌ଲେସ୍ ସେଟ୍ ଓ ଚମତ୍କାର ନେକ୍‌ଲେସ୍ ସେଟ୍ ଏବଂ ଚୁଡ଼ିକୁ ବାଛିପାରିବେ। ବିଭିନ୍ନ ପ୍ରକାର ଅବସର ଓ ଭିନ୍ନ ଭିନ୍ନ ବଜେଟ ପାଇଁ ଏଠାରେ ବ୍ୟାପକ ସମ୍ଭାର ରହିଛି। ସୁନା କଲେକସନ ଡିଜାଇନରେ ଆକର୍ଷଣୀୟ ଐତିହ୍ୟ ଓ ମନ୍ଦିର କଳାକୃତିର ଜୁଏଲେରି ସହିତ ମୀନାକାରୀ କଳା, ଆଣ୍ଟିକ୍ ଓ ହଳଦିଆ ଗୋଲ୍‌ଡ ଫିନିସ୍, ଓ ଆହୁରି ମଧ୍ୟ ଅତ୍ୟନ୍ତ ସୂକ୍ଷ୍ମ ଫିଲିଗ୍ରୀ ଷ୍ଟାଇଲ୍ ଜୁଏଲେରି ହଳଦିଆ ସୁନା ଓ ଆଣ୍ଟିକ୍ ଫିନିସ୍‌ରେ ପ୍ରସ୍ତୁତ କରାଯାଇଛି।

# ଏଲ୍‌ଆଇସି ଏମ୍‌ଏଫ୍‌ର ବାଲାନ୍ସଡ୍ ଆଡଭାଣ୍ଟେଜ ଫଣ୍ଡ

ଭୁବନେଶ୍ୱର,୨୦।୧୦

ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡ୍ ପକ୍ଷରୁ ଓପନ-ଏଣ୍ଡେଡ୍ ଡାଇନାମିକ୍ ଆସେଟ୍ ଆଲୋକେଶନ ଫଣ୍ଡ, ଏଲ୍‌ଆଇସି ଏମ୍‌ଏଫ୍ ବାଲାନ୍ସଡ୍ ଆଡ୍‌ଭାଣ୍ଟେଜ୍ ଫଣ୍ଡ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୂଲ୍ୟାୟନ ଓ ଆୟ ପରିଚାଳକଙ୍କ ଭଳି ବିଭିନ୍ନ ପରିମାପର ବ୍ୟବହାରକରି ଇକ୍ୱିଟି, ଋଣ ଓ ଅର୍ଥ ବଜାର ଉପକରଣରେ ନିବେଶ କରିବ। ଗୁରୁତ୍ୱପୂର୍ଣ୍ଣ ଭାବେ ଏକ ହାଇବ୍ରିଡ୍ ସ୍କିମ୍ ଏଲ୍‌ଆଇସି ଏମ୍‌ଏଫ୍ ବାଲାନ୍ସଡ୍ ଆଡ୍‌ଭାଣ୍ଟେଜ୍ ଫଣ୍ଡ୍ ପାଇଁ ନିବେଶ ରଣନୀତି ସ୍ୱତନ୍ତ୍ର ଭାବେ 'ଫଣ୍ଡାମେଣ୍ଟାଲ ଡ୍ରାଇଭେନ୍ ମ୍ୟାଥ୍‌ମେଟିକାଲ ମଡେଲ୍' ଦ୍ୱାରା ପରିଚାଳିତ ହେବ।

# ନାଲ୍‌କୋର ଲିନ୍ ସ୍ଲରି ପ୍ରକଳ୍ପ ଉଦ୍‌ଘାଟିତ



ଭୁବନେଶ୍ୱର,୨୦।୧୦

କେନ୍ଦ୍ର ଖଣି ସଚିବ ଆଲୋକ ଟଣ୍ଡନ ଅନୁଗୋଳଠାରେ ନାଲ୍‌କୋର ଲିନ୍ ସ୍ଲରି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଖଣି ସଚିବ ଟଣ୍ଡନ, ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର ଅନୁଗୋଳଠାରେ ଅବସ୍ଥିତ ନାଲ୍‌କୋର ସ୍ମେଲଟର ଏବଂ ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପ ଗସ୍ତ କରିଥିଲେ। ଚଳିତ ଆର୍ଥିକ ବର୍ଷର ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ଉତ୍ପାଦନର ଧାର୍ଯ୍ୟ ଲକ୍ଷ୍ୟ ହାସଲ ଏବଂ ଉଲ୍ଲେଖନୀୟ ସଫଳତା ଲାଗି ଟଣ୍ଡନ ନାଲ୍‌କୋକୁ ପ୍ରଶଂସା କରିଛନ୍ତି। ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା କମ୍ପାନୀର ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପର ପାଉଁଶ ଶତପ୍ରତିଶତ ବିନିଯୋଗ ହୋଇପାରିବ। ପରିବେଶ ଅନୁକୂଳ ବାତାବରଣ ଲାଗି ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କମ୍ପାନୀର ନିଜସ୍ୱ ବିଦ୍ୟୁତ୍ ପ୍ରକଳ୍ପ ସୁପରିଚାଳନା ଲାଗି ଏହା ସହାୟକ ହୋଇପାରିବ।

## ଫୁର୍‌ସତ୍



# ବାପାଙ୍କ ଉପରେ ରାଗିଗଲେ ଜାହ୍ନବୀ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ବାସ୍ତବ ଜୀବନରେ ବହୁତ ଶାନ୍ତ ସ୍ୱଭାବର। ନିକଟରେ ଜାନବୀ ନିଜ ପରିବାର ସହ ଛୁଟି କାଟିବା ପାଇଁ ବିଦେଶ ଯାଇଥିଲେ। ଏହି ସମୟର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଛୁଟି ସାରି ସେ ଏବେ ମୁମ୍ବାଇ ଫେରିଛନ୍ତି। ନିକଟରେ ତାଙ୍କୁ ବାପା ବୋନି କପୁରଙ୍କ ସହ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଏୟାରପୋର୍ଟରେ ବାପ, ଝିଅ ଯାଉଥିବାବେଳେ କିଛି ଫଟୋଗ୍ରାଫର ବୋନି କପୁରଙ୍କୁ ମାସ୍କ କାଢିବାକୁ କହିଥିଲେ। ବାପା ମାସ୍କ କାଢିବା କ୍ଷଣି ଜାହ୍ନବୀ ତାଙ୍କ ଉପରେ ରାଗି ଗାଳି ଦେଇଥିଲେ ଏବଂ ଭୁଲ ଉପଦେଶ ନ ଦେବାକୁ ଫଟୋଗ୍ରାଫରଙ୍କୁ କହିଥିଲେ। ଏହା ପରେ ଦୁହେଁ ଏକାଠି ମାସ୍କରେ ପୋଜ ଦେଇଥିଲେ। ଜାହ୍ନବୀ ବଲିଉଡ୍‌ରେ ଡେବ୍ୟୁ କରିବା ପୂର୍ବରୁ ମା' ଶ୍ରୀଦେବୀଙ୍କର ଦେହାନ୍ତ ହୋଇଥିଲା। ସେ ଫିଲ୍ମ 'ଧଡକ' ସହିତ ବଲିଉଡରେ ଏଣ୍ଟ୍ରି କରିଥିଲେ। ଏହା ପରେ ଦର୍ଶକ 'ରୁହି' ଏବଂ 'ଗୁଞ୍ଜନ ସକ୍ସେନା' ଫିଲ୍ମରେ ତାଙ୍କୁ ପସନ୍ଦ କରିଥିଲେ। ୱାର୍କ ଫ୍ରଣ୍ଟରେ ସେ ଖୁବ ଶୀଘ୍ର 'ଗୁଡଲକ ଜେରୀ', 'ତଖ୍ତ', 'ଦୋସ୍ତାନା ୨' ଏବଂ 'ରଣଭୂମି' ଫିଲ୍ମରେ ନଜର ଆସିବେ।

# ସମୁଦ୍ର କୂଳରେ ନଗ୍ନ ଫଟୋ ଶୁଟ



**ଜେରୁଜେଲମ:** ଇସ୍ରାଏଲର ୩୦୦ ପୁରୁଷ ଏବଂ ମହିଳା ସ୍ୱେଚ୍ଛାସେବୀ ଏକ ନିଆରା ଢଙ୍ଗରେ ଫଟୋ ଶୁଟ୍ କରିଛନ୍ତି। ପରିବେଶ ବିପର୍ଯ୍ୟୟ ପ୍ରତି ଦୃଷ୍ଟି ଦେଇ ମହିଳା ଏବଂ ପୁରୁଷ ସ୍ୱେଚ୍ଛାସେବୀମାନେ ଏପରି ଉପାୟ ଅବଲମ୍ବନ କରିଛନ୍ତି। ବିନା ପୋଷାକରେ ଡେଡ୍ ସି' ବା ମୃତ ସାଗର ନିକଟରେ ସେମାନେ ଫଟୋ ଉଠାଇଛନ୍ତି। ସମସ୍ତେ ଶରୀରକୁ ଧଳା ରଙ୍ଗରେ ପେଣ୍ଟିଂ କରିଛନ୍ତି। ଏହି ସମସ୍ତ ସ୍ୱେଚ୍ଛାସେବୀ ଫଟୋ ଆମେରିକୀୟ ଫଟୋଗ୍ରାଫର ସ୍ପେନ୍ସର ଟ୍ୟୁନିକ ଉତ୍ତୋଳନ କରିଛନ୍ତି। ଟ୍ୟୁନିକ ବିଶ୍ୱର ଅନେକ ସ୍ଥାନରେ ଫଟୋ ଉଠାଇଛନ୍ତି। ସେଥିମଧ୍ୟରେ ଫ୍ରାନ୍ସର ୱାଇନ କଣ୍ଟ୍ରି, ସୁଇସ୍‌ର ଗ୍ଲାସିୟର ଏବଂ ସାଉଥ ଆଫ୍ରିକାର ତଟ ରହିଛି। ଟ୍ୟୁନିକ କହିଛନ୍ତି, 'ଇସ୍ରାଏଲ ଯାତ୍ରା ମୋ ପାଇଁ ଏକ ବଡ଼ ଅନୁଭୂତି ହୋଇଛି। ଏଠାରେ ଫଟୋ ଶୁଟ କରି ବହୁତ ଖୁସି।

# ବାହୁବଳି ମୋମୋ

**ମୁମ୍ବାଇ:** ମୋମୋ ତ ସମସ୍ତେ ଖାଇଥିବେ। ହେଲେ କେହି କେବେ ବାହୁବଳି ମୋମୋ ତିଆରି ହେବା ଦେଖି ନ ଥିବେ। ଏବେ ଏମିତି ଏକ ଭିନ୍ନ ଧରଣର ମୋମୋ ପ୍ରସ୍ତୁତ ହୋଇଛି, ଯାହାର ନାଁ ରହିଛି ବାହୁବଳି ଗୋଲ୍‌ଡ ମୋମୋ। ସୋସିଆଲ ମିଡିଆରେ ଏବେ ଏହି ମୋମୋ ଭାଇରାଲ ହେବାରେ ଲାଗିଛି। ମୁମ୍ବାଇର ଏକ ସ୍ୱତନ୍ତ୍ର ରେଷ୍ଟୁରାଣ୍ଟରେ ଏବେ ମିଳୁଛି ବାହୁବଳି ମୋମୋ। ଏମିତି ଏକ ମୋମୋ ତିଆରି କରୁଛି ମେସି ଆଡ୍ଡା ନାମକ ଏକ ରେଷ୍ଟୁରାଣ୍ଟ। ଏହି ରେଷ୍ଟୁରାଣ୍ଟ ବାହୁବଳି ମୋମୋ ତିଆରି କରୁଥିବାର ଖବର ପ୍ରଥମେ ଦିସା ନାମକ ଏକ ଫୁଡ୍ ବ୍ଲଗର ଇନଷ୍ଟାଗ୍ରାମରେ ପୋଷ୍ଟ କରାଯାଇଥିଲା। ମୋମୋଟିର ଓଜନ ୨ କିଲୋଗ୍ରାମ୍ ଏବଂ ଏହାକୁ ଖାଇବାଯୋଗ୍ୟ (ଇଡେବୁଲ୍) ସୁନା ରଙ୍ଗରେ ମଧ୍ୟ ଗାର୍ଣ୍ଣିସ୍ କରାଯାଇଛି। ସେଥିପାଇଁ ଏହି ବାହୁବଳି ମୋମୋଟିର ଦାମ୍



ରହିଛି ୧୨୯୯ଟଙ୍କା। ବାହୁବଳି ମୋମୋରେ ସୁନ୍ଦରଭାବେ ବିଭିନ୍ନ ପରିବା ସହିତ ଲହୁଣି, ମାୟୋନିଜ୍ ଆଦି ସମସ୍ତ ପ୍ରକାରର ଆବଶ୍ୟକ ସାମଗ୍ରୀ ବ୍ୟବହାର କରାଯାଇଛି। ମୋମୋକୁ ତିଆରି କରିବାର ଶୈଳୀକୁ ନେଇ ଏକ ଭିଡିଓ ପ୍ରଥମେ ସୋସିଆଲ ମିଡିଆରେ ଶେୟାର କରାଯିବା ପରେ ତାହା ଭାଇରାଲ ହେବାରେ ଲାଗିଛି। ଭିନ୍ନ ଶୈଳୀରେ ପ୍ରସ୍ତୁତ ଏହି ମୋମୋ ଖାଇବା ପାଇଁ ଲୋକଙ୍କର ଆକର୍ଷଣ ଥିବା ମଧ୍ୟ ପ୍ରତିକ୍ରିୟା ଦେଉଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VISWAJANANI FINANCE**

ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।

୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ

M.: 8280401694 (W)
M.: 8895872573

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**

2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ

ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍

ବାବା ସୁଲତାନ ମିର୍ଜା

ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି

କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।

ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ

8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



✓ ଲତିକା ଦାସ
ଏ/ଏମ୍-୨୦, ଭୀମଟାଙ୍ଗୀ ହାଉସିଂବୋର୍ଡ଼, ଭୁବନେଶ୍ୱର

ଆବିର୍ଭାବ : ୧୭.୦୩.୧୯୩୦
ତିରୋଧାନ : ୧୭.୧୦.୨୦୧୬
(ସୋମବାର, ଗର୍ଭଣା ସଂକ୍ରାନ୍ତି)

ପଞ୍ଚମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନାରେ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ପ୍ରାର୍ଥନା।

ପୁତ୍ର : ଟିଲ୍ଲୁ, ରଞ୍ଜନ, ଜଲ୍ଲୁ, ଡଲ୍ଲୁ, ବାବୁ ଓ ଫଲ୍ଗୁନା, ବୋହୂ : ବୀଣା, ବୁଲୁ, ଟିକିଲି, ବିଲ୍ଲୁ, ରୋଜି ଓ ଫେନ୍ସୁ, ନାତି : ରାଜନ, ଲିଙ୍କନ, ନାତୁଣୀ : ମନିଆ, ଟାଇନା, ଶିବାନୀ, ଶାଲିନୀ, ରୁପାନୀ, ହିମାନୀ, ସିଲ୍‌କୀ ଓ ମାନ୍ସ, ନାତୁଣିଜ୍ୱାଇଁ : ବବ୍‌ଲୁ, ପଶା, ବାପ୍ପୁ, ବିକ୍ରମ, ରାଜୀବ ଓ ଦେବୁ

D-22020

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




ସ୍ୱର୍ଗତା ହରିପ୍ରିୟା ସାମଲ

ଆବିର୍ଭାବ-ତା୦୫।୦୬।୧୯୪୭
ତିରୋଧାନ-ତା୧୧।୧୦।୨୦୨୧

ମାଆ, ତୁମ ଅନୁପସ୍ଥିତିରେ ସବୁ ଯେମିତି ନୀରବ। ଏକ ବିରାଟ ଶୂନ୍ୟତା, ଯାହା ଅପୂରଣୀୟ। ତୁମର ସ୍ନେହ ମମତା ଥିଲା ଆମର ଶକ୍ତି। ତୁମ ଦିଗ୍‌ଦର୍ଶନ ଥିଲା ଆମମାନଙ୍କର ଆଶା। ତୁମର ଡାକ କାନକୁ ଶୁଭିଯାଉଛି। ଦିଶିଯାଉଛି ତୁମର ମୁହଁ। ହେଲେ ଆଜି ଆମ ଆଖି ଅମାନିଆ ଲୁହରେ ପୂର୍ଣ୍ଣ। ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ ପରିବାର, ପୁତ୍ର- ପୁରୁଷୋତ୍ତମ, ପଞ୍ଚାନନ, ଚନ୍ଦନ, ଝିଅ- ସନ୍ଧ୍ୟାରାଣୀ ଓ ଜ୍ୱାଇଁ ବଂଶୀଧର ଏବଂ ସାମଲ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁ।

**ପ୍ରଥମ ମାସିକ ଶ୍ରାଦ୍ଧ ଉପଲକ୍ଷେ**




✓ ପ୍ରଭାତ ସୁନ୍ଦର ପାଣିଗ୍ରାହୀ

ଆବିର୍ଭାବ-୧୩।୮।୧୯୪୦
ତିରୋଧାନ- ୨୧।୯।୨୦୨୧

ତୁମେ ଛାଡିଯାଇଥିବା ତୁମର ପରିବାର, ଜ୍ୟେଷ୍ଠ ପୁତ୍ର- ଜୀତେନ, ଜ୍ୟେଷ୍ଠ ପୁତ୍ରବଧୂ- ଶୁଭଯାନୀ, କନିଷ୍ଠ ପୁତ୍ର- ରୋଷନ, କନିଷ୍ଠ ପୁତ୍ରବଧୂ- ରଶ୍ମିପ୍ରଭା, ଦୁହିତା- ସ୍ମୃତି, ଜାମାତା- ସୀମାଞ୍ଚଳ ଓ ନାତି ନାତୁଣୀ- ରୀମା, ସିତୁନ, ପପଲି, ପୀୟୂଷ, ନିତୁ ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା, ତୁମ୍ଭ ଆତ୍ମାର ସଦ୍‌ଗତି ହେଉ।

ଧ-୬୮୮୪

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**




ସ୍ୱର୍ଗତ ଲକ୍ଷ୍ମୀଧର ବାଗସିଂହ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
୨୧।୧୦।୨୦୨୧

ଆପଣଙ୍କ ଅମ୍ଳାନ ସ୍ମୃତିରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

ଶ୍ରଦ୍ଧାଞ୍ଜଳି ସହ -
ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ନାତୁଣୀବୋହୂ।

ଧ-୭୧୭୨୬

**୧୧ତମ ଶ୍ରାଦ୍ଧବାର୍ଷିକ**



✓ ଅଗାଧୁ ଚନ୍ଦ୍ର ଦାଶ(ଶିକ୍ଷକ)
ପାରିବାସୁଦେଇପୁର, ଭିଙ୍ଗାରପୁର, ବାଲିଅନ୍ତା, ଖୋର୍ଦ୍ଧା

ଆବିର୍ଭାବ: ୦୨.୦୭.୧୯୩୫
ତିରୋଧାନ: ୨୩.୧୦.୨୦୧୦

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।

D-70967

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



✓ ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ
ଏଲ୍‌କଲାସାହି, ପାରଳାଖେମୁଣ୍ଡି

ଆବିର୍ଭାବ- ୦୧।୦୮।୧୯୪୫
ତିରୋଧାନ- ୩୧।୧୦।୨୦୨୦

ଆପଣଙ୍କ କର୍ମମୟ ଜୀବନ, ତ୍ୟାଗ, ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କ ହୃଦୟକୁ ସର୍ବଦା ଉଦ୍‌ବୁଦ୍ଧ କରିଆସିଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ- ଜ୍ୟୋସ୍ନାରାଣୀ ଷଡ଼ଙ୍ଗୀ, ପୁତ୍ର- ବାଇଲୁ, ପିଣ୍ଟୁ, ପୁତ୍ରବଧୂ- ମାମା, ବୁନି, ଝିଅ- ମଞ୍ଜୁ, ଜ୍ୱାଇଁ- ସୁନୀଲ, ନାତି- ବାପୁନ, ନାତୁଣୀ- ମାମାଲି, ମାମୁନି, ବନ୍ଧୁ ଓ ପରିବାରବର୍ଗ।

ଧ-୨୨୦୨୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ଅକ୍ଟୋବର ୨୧/୨୦୨୧ Dhenkanal, Thursday, October 21/ 2021

# ଦ୍ୱିତୀୟ ଅଭ୍ୟାସ ମ୍ୟାଚ ଜିତିଲା ଭାରତ

**ଦୁବାଇ,୨୦।୧୦**

ଦ୍ୱିତୀୟ ତଥା ଅନ୍ତିମ ଅଭ୍ୟାସ ମ୍ୟାଚ୍‌ରେ ୧୩ଟି ବଲ ବାକି ଥାଇ ଭାରତ ୮ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏଥିସହ ଭାରତ ବିଶ୍ୱକପ୍ ପୂର୍ବରୁ ତା'ର ପ୍ରସ୍ତୁତି ଜୋରଦାର କରିଛି। ଏହାପୂର୍ବରୁ ଭାରତ ପ୍ରଥମ ୱାର୍ମଅପ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୭ ଉଇକେଟରେ ପରାସ୍ତ କରିଥିଲା। ବୁଧବାର ସ୍ଥାନୀୟ ଆଇସିସି ଏକାଡେମୀରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଛକା ମାରି ଭାରତକୁ ଜିତାଇଥିଲେ। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ

**ଟି୨୦ ବିଶ୍ୱକପ୍**

ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୭.୫ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ରୋହିତ ଶର୍ମା ଭାରତର ନେତୃତ୍ୱ ନେଇଥିଲେ। ୧୫୩ ରନ ଆଭରେଜ ଟାର୍ଗେଟର ପିଛା କରି ଭାରତ ଭଲ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଦୁଇ ଓପନର ଲୋକେଶ ରାହୁଲ ଓ ରୋହିତ ୫୬ ବଲରୁ ୬୮ ରନ ସଂଗ୍ରହ କରିଥିଲେ। ୩୧ ବଲରୁ ୨ ଚୌକା ଓ ୩ ଛକା ସହ ୩୯ ରନକରି ରାହୁଲ ଡେଭିଡ୍ ୱାର୍ନରଙ୍କୁ କ୍ୟାଚ୍ ଦେଇ ଆଷ୍ଟନ ଅଗରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ୪୧ ବଲରୁ ୫ ଚୌକା ଓ ୩ ଛକା ସହ ଦ୍ରୁତ ୬୦ ରନକରି ରୋହିତ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବ ୩୮ ରନ (୨୭ ବଲ, ୫ ଚୌକା, ୧ ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୪ (୮ ବଲ, ୧ ଛକା) ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଅଗର ଦଳ ତରଫରୁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଅଷ୍ଟ୍ରେଲିଆ ମାତ୍ର ୧୧ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ଶିକାର ହୋଇଥିଲା। ୱାର୍ନର ୧, ଅଧିନାୟକ ଆରୋନ ଫିଞ୍ଚ୍ ୮ ରନ ଓ ମିଚେଲ ମାର୍ଶ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ୱାର୍ନର ଓ ମାର୍ଶଙ୍କୁ ରବିଚନ୍ଦ୍ରନ ଅଶ୍ୱିନ ଆଉଟ କରିଥିବା ବେଳେ ଫିଞ୍ଚ୍ ଜାଡେଜାଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ତେବେ ଷ୍ଟିଭେନ ସ୍ମିଥ ୫୭ ରନ (୪୮ ବଲ, ୭ ଚୌକା), ଗ୍ଲେନ ମ୍ୟାକ୍ସୱେଲ ୩୭ (୨୮ ବଲ, ୫ ଚୌକା) ରନ କରି ଯଥାକ୍ରମେ ଭୁବନେଶ୍ୱର କୁମାର ଓ ରାହୁଲ ଚହରଙ୍କ ଦ୍ୱାରା ଆଉଟ ହୋଇଥିଲେ। ୨୫ ବଲରୁ ୪ ଚୌକା ଓ ୧ ଛକା ସହ ମାର୍କସ ଷ୍ଟୋଇନିସ ୪୧ ରନକରି ଅପରାଜିତ ରହିବା ସହ ଦଳର ସ୍କୋରକୁ ଦେଢଶହ ରନ ପାର କରାଇଥିଲେ। ମାଥ୍ୟୁ ୱେଡ ୪ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଅଭିଜ୍ଞ ଭୁବନେଶ୍ୱର, ଜାଡେଜା ଓ ଚହର ଗୋଟିଏ ଲେଖାଏ ଉଇକେଟ ନେଇଥିବା ବେଳେ ଅଶ୍ୱିନ ୨ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ରୋହିତ ଶର୍ମା।

## ବୋଲିଂ କଲେ କୋହଲି

**ଦୁବାଇ,୨୦।୧୦**

ଦ୍ୱିତୀୟ ୱାର୍ମ-ଅପ୍‌ରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଭାରତର କିଛି ସମସ୍ୟାର ସମାଧାନ ହୋଇଛି। ବ୍ୟାଟିଂ କ୍ରମରେ ପରୀକ୍ଷାନିରୀକ୍ଷା ସଫଳ ହୋଇଛି। ବୋଲିଂରେ ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଫର୍ମକୁ ଫେରିଛନ୍ତି ଓ ସ୍ପିନରମାନେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ତେବେ ଷଷ୍ଠ ବୋଲର ସ୍ଥାନ ନେଇ ଥିବା ସମସ୍ୟା ଭାରତୀୟ ଟିମ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଷଷ୍ଠ ବୋଲର ଭାବେ ଏହି ମ୍ୟାଚ୍‌ରେ ନିୟମିତ ଅଧିନାୟକ ବିରାଟ କୋହଲି ବୋଲିଂ କରିବାକୁ ଆସିଥିଲେ। କୋହଲି ୨ ଓଭର ମିଡିୟମ ପେସ୍ ବୋଲିଂ କରି ବେଶ୍ କଞ୍ଜୁସ ସାବ୍ୟସ୍ତ ହୋଇଥିଲେ। ସେ ମାତ୍ର ୧୨ ରନ ବ୍ୟୟ କରିଥିଲେ। ରୋହିତ ନେତୃତ୍ୱ ନେଇଥିବା ବେଳେ କୋହଲି ବୋଲିଂ କରିବାକୁ ପଡିଆରେ ପ୍ରବେଶ କରିଥିଲେ। ତେବେ ଷଷ୍ଠ ବୋଲର ଭାବେ କୋହଲିଙ୍କ ଉପରେ ଭରସା କରିବା ଠିକ୍ ହେବ ନାହିଁ ବୋଲି ମ୍ୟାନେଜମେଣ୍ଟ ଅବଗତ ଥିବ। ଅନ୍ତିମ ୫ ଓଭରରେ ଭାରତ ୫୮ ରନ ବ୍ୟୟ କରିଥିଲା। ତେଣୁ ଡେଥ୍ ଓଭରରେ ପ୍ରଦର୍ଶନ ଆହୁରି ଭଲ କରିବାକୁ ହେବ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏପର୍ଯ୍ୟନ୍ତ ବୋଲିଂ କରି ନ ଥିବାରୁ ଅତିରିକ୍ତ ବୋଲିଂ ବିକଳ୍ପକୁ ନେଇ ସମସ୍ୟା ଜାରି ରହିଛି। ବିଶ୍ୱକପ୍ ଆରମ୍ଭ ବେଳକୁ ହାର୍ଦ୍ଦିକ ବୋଲିଂ କରିବାକୁ ପ୍ରସ୍ତୁତ ହୋଇଯିବେ ବୋଲି ରୋହିତ ଆଶା ପ୍ରକାଶ କରିଛନ୍ତି। ରବିବାର ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। କୋହଲିଙ୍କ ସମେତ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କୁ ବିଶ୍ରାମ ଦିଆଯାଇଥିଲା।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୨୦ ଓଭରରେ ୧୫୨/୫ (ଷ୍ଟିଭେନ ସ୍ମିଥ- ୫୭, ମାର୍କସ ଷ୍ଟୋଇନିସ୍- ୪୧, ଗ୍ଲେନ୍ ମ୍ୟାକ୍ସୱେଲ- ୩୭, ଅଶ୍ୱିନ- ୨/୮, ଭୁବନେଶ୍ୱର- ୧/୨୭, ଜାଡେଜା- ୧/ ୩୫, ରାହୁଲ ଚହର- ୧/୧୭)। ଭାରତ ୧୭.୫ ଓଭରରେ ୧୫୩/୨(ରୋହିତ ଶର୍ମା- ୬୦, ଲୋକେଶ ରାହୁଲ- ୩୯, ସୂର୍ଯ୍ୟକୁମାର ଯାଦବ- ୩୮*, ହାର୍ଦ୍ଦିକ ପାଣ୍ଡ୍ୟା- ୧୪*, ଆଷ୍ଟନ ଅଗର- ୧/୧୪)।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ଅକ୍ଟୋବର ୨୧/୨୦୨୧ (୮+୮ପୃଷ୍ଠା) | Dhenkanal, Thursday, October 21/2021 | ପୃଷ୍ଠା-୧

# ଓରେଡା ଉପରେ ପୁଣି ଭରସା

## ସୌରଶକ୍ତିଚାଳିତ ପାନୀୟ ଜଳ ପ୍ରକଳ୍ପ

**ଗ୍ରାମାଞ୍ଚଳ ଲୋକଙ୍କୁ ସୁବିଧାରେ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ଅନେକ ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ କରିଛନ୍ତି। ଏଥିପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି(ଓରେଡା) ଜରିଆରେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଛି। ଓରେଡ଼ା ନଳକୂପରେ ସୌରଶକ୍ତି ଚାଳିତ ପମ୍ପ ସଂଯୋଗ କରି ପ୍ରକଳ୍ପ ସମ୍ପନ୍ନ କରିବାର ଅଳ୍ପ ଦିନ ମଧ୍ୟରେ ସେଗୁଡ଼ିକ ପ୍ରାୟ ଅଚଳ ହୋଇଯାଇଛି। ଏ ନେଇ ଆକାଉଣ୍ଟାଣ୍ଟ ଜେନେରାଲ ଆପତ୍ତି ଉଠାଇଛନ୍ତି। ଏହାସତ୍ତ୍ୱେ ଓରେଡାକୁ ପୁନର୍ବାର ନୂଆ ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ଏବଂ ମରାମତି ପାଇଁ ଦାୟିତ୍ୱ ଦିଆଯାଇଛି। ଏଭଳି ଅନୁକମ୍ପା ଯୋଗୁ ଗ୍ରାମାଞ୍ଚଳ ଲୋକେ ପାନୀୟ ଜଳ ପ୍ରକଳ୍ପକୁ କେବଳ ଦେଖିରହିବେ, ପାଣି ପାଇପାରିବେ ନାହିଁ।**



ଯାଜପୁର ଜିଲା ଜେନାପୁର ରଘୁନାଥପୁର ଗ୍ରାମରେ ଥିବା ସୋଲାର ଏନର୍ଜି ଟ୍ୟୁବ୍‌ୱେଲ୍।

**ଯାଜପୁର ଅଫିସ,୨୦।୧୦**

ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପର ମରାମତି ଏବଂ ନିର୍ମାଣ ପାଇଁ ପୁଣିଥରେ ଓରେଡାକୁ ଦାୟିତ୍ୱ ଦିଆଯାଉଛି। ଓରେଡାର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି କେ.ପି. କୋନେରଙ୍କ ପତ୍ର ଆଧାରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅଧୀକ୍ଷଣ ଓ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାସହ ନୂଆ ୩୦୦ ପ୍ରକଳ୍ପ ସ୍ଥାପନ କରିବାକୁ ଓରେଡା ପ୍ରସ୍ତାବ ଦେଇଛି। ତେବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ବି. ପରମେଶ୍ୱରନ ଗତ ଜାନୁୟାରୀ ୨୯ରେ ସମସ୍ତ ଜିଲାର ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ହସ୍ତାନ୍ତର କରିବାକୁ ଦେଇଥିବା ନିର୍ଦ୍ଦେଶ ଏଠାରେ ଫସର ଫାଟିଛି। ଏଥିରୁ ଓରେଡା ଏବଂ ବିଭାଗୀୟ ସମ୍ପୃକ୍ତ ଅଧିକାରୀଙ୍କ ମଧ୍ୟରେ ସଲାସୁତରା ହୋଇଥିବା ସନ୍ଦେହ କରାଯାଉଛି।

୨୦୨୦ ଡିସେମ୍ବରରେ ବିଭାଗୀୟ ସିଆର୍‌ସି(କଷ୍ଟମର ରିଲେସନଶିପ ସେଣ୍ଟର)ର ରିପୋର୍ଟ ଅନୁଯାୟୀ ରାଜ୍ୟର ୭୭୪ଟି ନଳକୂପରେ ସୌର ଚାଳିତ ପମ୍ପ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିଲା। ଓରେଡା ଦ୍ୱାରା ପ୍ରକଳ୍ପ ପିଛା ୨.୮ ଲକ୍ଷରୁ ୪.୫୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୧୩-୧୪ରୁ ୨୦୧୯-୨୦ ମଧ୍ୟରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ଓରେଡା ଦ୍ୱାରା ପର୍ଯ୍ୟାୟକ୍ରମେ ୧୩,୨୧୯ଟି ପ୍ରକଳ୍ପ କରାଯାଇଥିଲା। ଏଥିପାଇଁ ବିପୁଳ ଅର୍ଥ ଶ୍ରାଦ୍ଧ ହୋଇଥିବାବେଳେ ସେଗୁଡିକ ମଧ୍ୟରେ ଅନେକ ମାସେ ବି ତିଷ୍ଠି ପାରିଲା ନାହିଁ। ଏହିସବୁ ଅଚଳ ପ୍ରକଳ୍ପ ଉପରେ ଆକାଉଣ୍ଟାଣ୍ଟ ଜେନେରାଲ ବା ଏଜି (ଅଡିଟ) ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍)ର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ରିପୋର୍ଟ ତଲବ କରିଥିଲେ। ଏହିକ୍ରମରେ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିଥିବା ଓରେଡାର ବିନିଯୋଗ ପତ୍ର(ୟୁସି) ଅନୁଯାୟୀ ପ୍ରକଳ୍ପଗୁଡିକର ସବିଶେଷ ରିପୋର୍ଟ ଦେବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ୨୨।୧୨।୨୦୨୦ରେ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ଓରେଡାର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ରିପୋର୍ଟ ଅନୁସାରେ ୨୦୧୪ରେ ପ୍ରଥମ ପର୍ଯ୍ୟାୟରେ ୧,୭୬୨ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧,୯୩୪ଟି ସୌର ଚାଳିତ ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ବସାଯାଇଥିବା ପ୍ରକଳ୍ପଗୁଡିକ ମଧ୍ୟ ଅଚଳ ହୋଇ ପଡ଼ିଥିବାରୁ ଗ୍ରାମାଞ୍ଚଳରେ ସହଜରେ ଶୁଦ୍ଧ ପାନୀୟ ଜଳ ମିଳିବା ସମ୍ଭବ ହୋଇପାରୁନାହିଁ। ତେଣୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ଏହି ପ୍ରକଳ୍ପଗୁଡିକର ପରିଚାଳନା ଓ ମରାମତିର ଆବଶ୍ୟକତା ରହିଛି ବୋଲି ନିର୍ଦ୍ଦେଶକ ପରମେଶ୍ୱରନ ଗୁରୁତ୍ୱାରୋପ କରିଥିଲେ। ଓରେଡା ଦାୟିତ୍ୱରେ ଥିବା ସମସ୍ତ ଅଚଳ ଓ ସଚଳ ସୌରଚାଳିତ ପ୍ରକଳ୍ପଗୁଡିକୁ ପର୍ଯ୍ୟାୟକ୍ରମେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ହସ୍ତାନ୍ତର କରିବାକୁ ସେ ନିର୍ଦ୍ଦେଶ ଜାରି କରିଥିଲେ। ଏହାବାଦ ୨୦୧୯ ଡିସେମ୍ବର ପରେ ପାଇଥିବା ଅନୁଦାନକୁ ଓରେଡା ନିଶ୍ଚିତ ଭାବେ ଫେରାଇବାକୁ ବ୍ୟବସ୍ଥା କରିବେ ବୋଲି ନିର୍ଦ୍ଦେଶକ ପରମେଶ୍ୱରନ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଥିଲେ। ଏହିକ୍ରମରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍ବୋଚ୍ଚ ଯନ୍ତ୍ରୀ ୯।୨।୨୦୨୧ରେ ସମସ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଏନେଇ ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହିସବୁ ☞ପୃଷ୍ଠା-୬

# ପରୀକ୍ଷା କେନ୍ଦ୍ର ପାଇଁ ସହର ବଦଳାଇପାରିବେ ଛାତ୍ରୀଛାତ୍ର

## ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଟର୍ମ-୧

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଟର୍ମ-୧ ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରିପାରିବେ। ଏ ନେଇ ବୁଧବାର ସିବିଏସ୍‌ଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନେକ ଛାତ୍ରୀଛାତ୍ର ନିଜ ସ୍କୁଲ ଯେଉଁ ସହରରେ ଅଛି, ସେହି ସ୍ଥାନରେ ନ ଥିବା ବୋର୍ଡ ନଜରକୁ ଆସିଛି। ସେମାନେ ଅନ୍ୟ ସହରରେ ଏବେ ବି ରହିଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ବୋର୍ଡ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ର ପାଇଁ ସହର ବଦଳାଇବା ପାଇଁ ସୁଯୋଗ ଦେଇଛି। ଯେଉଁ ଛାତ୍ରୀଛାତ୍ରମାନେ ସେମାନଙ୍କ ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରିବା ପାଇଁ ଚାହିଁବେ, ସେମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏକ ଅନୁରୋଧପତ୍ର ଲେଖିବେ। ସ୍କୁଲଗୁଡ଼ିକ ସିବିଏସ୍‌ଇର ନିର୍ଦ୍ଦେଶାବଳୀକୁ ପାଳନ କରି ଛାତ୍ରୀଛାତ୍ରଙ୍କ ସେହି ଅନୁରୋଧପତ୍ରକୁ ବୋର୍ଡକୁ ଅନ୍‌ଲାଇନ୍‌ରେ ପଠାଇବେ। ତେଣୁ ସମସ୍ତ ଛାତ୍ରୀଛାତ୍ର ଓ ସ୍କୁଲଗୁଡ଼ିକ ସିବିଏସ୍‌ଇର ୱେବ୍‌ସାଇଟ୍‌କୁ ନଜରରେ ରଖିବା ପାଇଁ ବୋର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି। ୱେବ୍‌ସାଇଟ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଛାତ୍ରୀଛାତ୍ର ସେମାନଙ୍କ ସ୍କୁଲ କର୍ତ୍ତପକ୍ଷଙ୍କୁ ଅନୁରୋଧପତ୍ର ଦେବେ। ଏଥିପାଇଁ ଅଳ୍ପ ସମୟ ଦିଆଯିବ। ତେବେ କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ପରୀକ୍ଷା କେନ୍ଦ୍ର ବଦଳାଇବା ପାଇଁ କୌଣସି ଅନୁରୋଧପତ୍ର ଗ୍ରହଣ କରାଯିବ ନାହିଁ ବୋଲି ଉକ୍ତ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

ସୂଚନାଯୋଗ୍ୟ, ସିବିଏସ୍‌ଇ ୨୦୨୧-୨୨ ଦଶମ ଓ ଦ୍ୱାଦଶ ପରୀକ୍ଷା ଦୁଇଟି ଟର୍ମରେ ହେବ। ଟର୍ମ-୧ ପରୀକ୍ଷା ନଭେମ୍ବର-ଡିସେମ୍ବର ଏବଂ ଟର୍ମ-୨ ମାର୍ଚ୍ଚ-ଏପ୍ରିଲରେ ହେବ। ସେହିପରି ବୋର୍ଡ ବିଷୟଗୁଡ଼ିକୁ ମଧ୍ୟ ମେଜର ଓ ମାଇନର ଆଦି ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରିଛି। ଟର୍ମ-୧ ପରୀକ୍ଷା ପାଇଁ ମେଜର ପେପରଗୁଡ଼ିକର କାର୍ଯ୍ୟସୂଚୀ ଘୋଷଣା କରାଯାଇ ସାରିଛି। ଦଶମ ଟର୍ମ-୧ ନଭେମ୍ବର ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ସେହିଭଳି ଦ୍ୱାଦଶ ଶ୍ରେଣୀ ଟର୍ମ-୧ ଡିସେମ୍ବର ୧ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମାଇନର ବିଷୟଗୁଡ଼ିକର ପରୀକ୍ଷା କାର୍ଯ୍ୟସୂଚୀ ସ୍କୁଲଗୁଡ଼ିକୁ ଜଣାଇ ଦିଆଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ୟୁପିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ଲଖିମପୁର ଖେରି ହିଂସା ମାମଲା
## ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୦।୧୦(ପି.ଟି.)**

ଲଖିମପୁର ଖେରିରେ ଗାଡ଼ି ମଡ଼ାଇ ୪ ଜଣ ଚାଷୀଙ୍କୁ ହତ୍ୟା କରାଯିବା ଭଳି ସମ୍ବେଦନଶୀଳ ମାମଲାରେ ସୁପ୍ରିମକୋର୍ଟ ବୁଧବାର ଉତ୍ତରପ୍ରଦେଶ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ପୋଲିସ ଗୋଡ଼ ଟାଣୁଥିବା ଆମେ ଭାବୁଛୁ। ଏଭଳି ମନୋଭାବ ଦୂର କରି ତଦନ୍ତ ଶୀଘ୍ର ଶେଷ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୪୪ ସାକ୍ଷୀଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୪୦ ଜଣଙ୍କର ସିଆର୍‌ପିସିର ଧାରା ୧୬୪ରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇ ନ ଥିବାରୁ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ କୁହାଯାଉ। ସେହିପରି ଆକ୍ରମଣର ସମ୍ମୁଖୀନ ହୋଇଥିବା



ଲୋକଙ୍କ ସମେତ ସାକ୍ଷୀମାନଙ୍କୁ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା, ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ କହିଛନ୍ତି।

ଅକ୍ଟୋବର ୩ରେ ଉତ୍ତରପ୍ରଦେଶର ଲଖିମପୁର ଖେରିରେ ଚାଷୀମାନେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚଳାଇଥିବାବେଳେ ଗାଡ଼ିମାଡ଼ିଦିବା ଓ ତତ୍‌ପରବର୍ତ୍ତୀ ହିଂସାରେ ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରୁଥିବାବେଳେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ୪ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏପର୍ଯ୍ୟନ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ସମେତ ୧୦ ଜଣଙ୍କୁ ଗିରଫ କରାଯାଇଛି। ମାମଲାର ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ମଙ୍ଗଳବାର ରାତି ୧ଟା ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିଲେ ମଧ୍ୟ ତାହା ଦାଖଲ ହୋଇ ନ ଥିବାରୁ ସିଜେଆଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୁଧବାର ଜଉମୁଦଦିଆ ଲଫାପାରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଥିବା ୟୁପି ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ଗରିମା ପ୍ରସାଦ କହିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୨୬ ତାରିଖକୁ ଧାର୍ଯ୍ୟ କରାଯାଇଛି।

**ମମିତା ହତ୍ୟା ଘଟଣା**




# କରୋନାରେ ମାସକର ଶିଶୁ ମୃତ

## ଆଉ ୫୫୯ ପଜିଟିଭ୍, ୨ ମୃତ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**

ରାଜ୍ୟରେ ଏବେ କରୋନା ସଂକ୍ରମଣ ସହ ମୃତ୍ୟୁ ସଂଖ୍ୟା କମ୍ ରହିଛି। ତେବେ ଦୈନିକ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ପ୍ରାୟ ୧୮ପ୍ରତିଶତ ୧୮ବର୍ଷରୁ କମ୍ ବୟସର ପିଲା ରହୁଛନ୍ତି। ଏପରି ସ୍ଥିତିରେ ବୁଧବାର କରୋନାରେ ଜଣେ ଶିଶୁର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସୂଚନାନୁସାରେ, ରାଜ୍ୟରେ ଆଉ ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଗତ୍‌ସିଂହପୁରର ଜଣେ ୮୪ବର୍ଷୀୟା ମହିଳା ଥିବାବେଳେ ଆଉଜଣେ ନୟାଗଡ଼ର ଏକମାସର ଶିଶୁ ରହିଛନ୍ତି। ଶିଶୁ ପୁତ୍ରଟି ଅନ୍ୟ କୌଣସି ରୋଗରେ ପୀଡିତ ନ ଥିଲେ। କେବଳ କରୋନାରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୨୯୬ରେ ପହଞ୍ଚିଛି।



ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୭୦,୫୮୬ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୩ ଜିଲାରୁ ୫୫୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୦.୭୯%କୁ ଖସି ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୨୧ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଥିବାବେଳେ ୨୩୮ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ୧୮ବର୍ଷରୁ କମ୍ ବୟସ୍କ ୭୧ଜଣ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରେ ସର୍ବାଧିକ ୨୭୯ଜଣ ଓ କଟକରୁ ୫୪ଜଣ ରହିଥିବାବେଳେ ବାକିସବୁ ଜିଲାରୁ ଏହି ସଂଖ୍ୟା ୨୦ତଳକୁ ରହିଛି। ରାୟଗଡ଼ାରେ ସର୍ବନିମ୍ନ ଜଣେ ମାତ୍ର ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୩୬,୫୩୨କୁ ବୃଦ୍ଧି ପାଇଛି।

# ସଂଖ୍ୟା ବୃଦ୍ଧିରୁ ସମସ୍ୟା

- କପିଳାସ ଜୁ'ରେ ଆଶାତୀତ ବଢୁଛି ହରିଣ ବଂଶ
- ୩୦ ସ୍ଥାନରେ ରହିଛନ୍ତି ୨୦୦, ଚିନ୍ତାରେ ବନ ବିଭାଗ
- ଅଭୟାରଣ୍ୟରେ ଛାଡ଼ିବାକୁ ପିସିସିଏଫ୍‌ଙ୍କୁ ପ୍ରସ୍ତାବ

**କପିଳାସ ପ୍ରାଣୀ ଉଦ୍ୟାନରେ ବୃଦ୍ଧି ପାଉଥିବା ହରିଣ ବଂଶବୃଦ୍ଧି ବନ ବିଭାଗର ଚିନ୍ତା ବଢ଼ାଇଛି। ସ୍ଥାନାଭାବରୁ ହରିଣଙ୍କୁ ରଖିବା ସମସ୍ୟା ସୃଷ୍ଟି କରିଥିବାବେଳେ ସେମାନଙ୍କୁ ଏବେ ସଂରକ୍ଷିତ ଅଭୟାରଣ୍ୟରେ ଛାଡ଼ିବାକୁ ଯୋଜନା କରାଯାଉଛି । ଅନ୍ୟପଟେ ଦୀର୍ଘଦିନ ହେଲା ପିଞ୍ଜରାବଦ୍ଧ ଜୀବନ ବିତାଉଥିବା ହରିଣଙ୍କୁ ହଠାତ୍ ଜଙ୍ଗଲରେ ମୁକ୍ତ କରିବା ଦ୍ୱାରା ସେମାନଙ୍କ ଜୀବନ ବିପଦରେ ପଡ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।**

**ରତନ ନାୟାର**

**ଢେଙ୍କାନାଳ ଅଫିସ, ୨୦।୧୦**

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନରେ ହରିଣଙ୍କ ସଂଖ୍ୟା ବୃଦ୍ଧି ଯଦିଓ ସକାରାତ୍ମକ ବାର୍ତ୍ତା ଦେଉଛି, ତେବେ ସୀମିତ ଜାଗାରେ ଏମାନଙ୍କୁ ରଖିବା ଏବେ ସବୁଠାରୁ ବଡ଼ ପ୍ରଶ୍ନ ପାଲଟିଛି। ହରିଣଙ୍କୁ ପର୍ଯ୍ୟାୟକ୍ରମେ ଅଭୟାରଣ୍ୟରେ ଛାଡିବା ପାଇଁ ଜିଲା ବନ ବିଭାଗ ପକ୍ଷରୁ ପିସିସିଏଫ୍‌ଙ୍କୁ ପ୍ରସ୍ତାବ



ଦିଆଯିବା ସହ ଅନୁମତି ଲୋଡ଼ାଯାଇଛି।

୧୯୭୯ ଜାନୁୟାରୀ ୨୬ରେ କପିଳାସ ପାହାଡ଼ ପାଦଦେଶରେ ୫ ହେକ୍ଟର ଜମିରେ ପ୍ରତିଷ୍ଠା ହୋଇଥିଲା ଡିଅର ପାର୍କ। ଶୈବପୀଠ କପିଳାସକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଦୀର୍ଘଦିନରୁ ସାଜିଛି ଆକର୍ଷଣର କେନ୍ଦ୍ରବିନ୍ଦୁ। ଏହାପରେ ଡିଅର ପାର୍କର ନବକଳେବର କରାଯାଇ ୨୬.୭୪ ହେକ୍ଟର ପରିମିତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିଲା କପିଳାସ ପ୍ରାଣୀଉଦ୍ୟାନ। ୧୯୮୬ ଏପ୍ରିଲ ୧ରେ ଏହାକୁ ମିନି ଚିଡ଼ିଆଖାନା ଏବଂ ୧୯୯୫ ଏପ୍ରିଲ ୧ରେ ଏହା ସେଣ୍ଟ୍ରାଲ ଜୁ' ଅଥରିଟି ଅଫ୍ ଇଣ୍ଡିଆର ମାନ୍ୟତା ଲାଭ କରିଥିଲା। ଏବେ ପ୍ରାଣୀ ଉଦ୍ୟାନରେ ହରିଣ, ଶମ୍ବର, ହାତୀ, ଭାଲୁ, ମିଥୁନ ଗାଈ, କୁମ୍ଭୀର, ବିଭିନ୍ନ ପ୍ରକାର ପକ୍ଷୀ, ସରୀସୃପ ସମେତ ପ୍ରାୟ ୩୦୦ ଜୀବଜନ୍ତୁ ରହିଛନ୍ତି। ତେବେ ଡିଅର ପାର୍କରେ ଥିବା ହରିଣଙ୍କ ସଂଖ୍ୟା ବୃଦ୍ଧି ବନ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ରେ ପ୍ରାଣୀ ଉଦ୍ୟାନରେ ୧୬୦ ହରିଣ (୬୫ ଅଣ୍ଡିରା, ୯୫ ମାଈ) ଥିଲେ। ସେହିପରି ୪ଟି ଶମ୍ବର ମଧ୍ୟ ରଖାଯାଇଥିଲା। ଅଦ୍ୟାବଧି ହରିଣ ସଂଖ୍ୟା ୨୦୦ ଏବଂ ଶମ୍ବରଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ପ୍ରାଣୀ ଉଦ୍ୟାନରେ ହରିଣଙ୍କ ପାଇଁ ଉଦ୍ଦିଷ୍ଟ କେଜ୍‌ରେ ମାଈ ହରିଣମାନେ ପ୍ରସବ କରିଥାନ୍ତି। ଆନିମଲ କିପରମାନେ ଏହା ଉପରେ ପ୍ରତିଦିନ ନଜର ରଖୁଛନ୍ତି। ଏଥିସହ ହରିଣ ସଂଖ୍ୟା ଏବଂ ସବିଶେଷ ତଥ୍ୟ ଦୈନିକ ରେଞ୍ଜ୍ କାର୍ଯ୍ୟାଳୟକୁ ଅବଗତ କରାଉଛନ୍ତି। ନିୟମ ଅନୁଯାୟୀ କପିଳାସ ଭଳି ଛୋଟ ଚିଡ଼ିଆଖାନାରେ ସର୍ବମୋଟ ୩୦ ହରିଣ ରହିପାରିବେ। କିନ୍ତୁ ଏବେ ଅଛନ୍ତି ପାଖାପାଖି ୭ଗୁଣା। ପୂର୍ବରୁ ବର୍ଷକୁ ରୋଗାକ୍ରାନ୍ତ ହୋଇ ୨ରୁ ୩ଟି ହରିଣଙ୍କ ମୃତ୍ୟୁ ଘଟୁଥିଲା। ହେଲେ ଏବେ ସେମାନଙ୍କ ସ୍ୱାସ୍ଥ୍ୟ ତଦାରଖ ଲାଗି ସ୍ୱତନ୍ତ୍ର ଭାବେ ଜଣେ ପ୍ରାଣୀ ଚିକିତ୍ସକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ମୃତ୍ୟୁହାର ମଧ୍ୟ କମିଛି। ତେଣୁ ହରିଣଙ୍କ ସଂଖ୍ୟା ବଢୁଛି। ଅନ୍ୟପଟେ ପରସ୍ପର ମଧ୍ୟରେ ଆକ୍ରମଣ, ସୀମିତ ସ୍ଥାନରେ କ୍ଷମତା ତୁଳନାରେ ଅଧିକ ସଂଖ୍ୟାରେ ରହୁଥିବା ହରିଣଙ୍କ ପାଇଁ ସମସ୍ୟା ବଢ଼ିବାରେ ଲାଗିଛି। ତେଣୁ ୧୫୦ରୁ ଊର୍ଦ୍ଧ୍ୱ ହରିଣଙ୍କୁ ଅଭୟାରଣ୍ୟରେ ଛାଡ଼ିବା ଲାଗି ବନ ବିଭାଗ ଯୋଜନା କରୁଛି। ତେବେ କୃତ୍ରିମ ପରିବେଶରେ ବଢ଼ିଥିବା ହରିଣଙ୍କୁ ହଠାତ୍ ଅଭୟାରଣ୍ୟରେ ଛାଡ଼ିବା ଠିକ୍ ହେବ ନାହିଁ। ଏଥିଲାଗି ପୂର୍ବପ୍ରସ୍ତୁତି ଏବଂ ସୁଚିନ୍ତିତ ଯୋଜନା କରାଯିବା ଆବଶ୍ୟକ ବୋଲି ପ୍ରାଣୀପ୍ରେମୀମାନେ କହିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଜୁ' ନିୟମ ☞ପୃଷ୍ଠା-୬

## ୨ ଆତଙ୍କବାଦୀ ନିହତ, ଯବାନ ଶହୀଦ

ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ବୁଧବାର ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ଯବାନ ଶହୀଦ ହେବା ସହ ୨ ଜଣ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ଏନ୍‌କାଉଣ୍ଟର ବେଳେ ୨ ଯବାନ ଆହତ ହୋଇଥିବା ଜଣାପଡ଼ିଛି। ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ଆଦିଲ ୱାନି ଦି ରେଜିଷ୍ଟାନ୍ସ ଫ୍ରଣ୍ଟର ଜିଲା କମାଣ୍ଡର। ଗତ ସପ୍ତାହାନ୍ତରେ ପୁଲ୍‌ୱାମାରେ ୟୁପିର ଜଣେ କାଠମିସ୍ତ୍ରିଙ୍କୁ ଟାର୍ଗେଟ କରି ହତ୍ୟା କରିବାରେ ସେ ସମ୍ପୃକ୍ତ ଥିଲେ।

**ସଂକ୍ଷେପରେ**

## ବିସ୍ଫୋରଣରେ ୧୪ ମୃତ

ଡାମାସ୍କସ୍, ୨୦।୧୦: ସିରିଆ ସୈନ୍ୟମାନଙ୍କୁ ନେଇ ଯାଉଥିବା ଏକ ବସ୍‌ରେ ଖଞ୍ଜାଯାଇଥିବା ଦୁଇଟି ବୋମା ବିସ୍ଫୋରଣ ହେବାରୁ ୧୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ବୁଧବାର ସକାଳେ ସହରର ଏକ ବ୍ୟସ୍ତବହୁଳ ଛକ ସ୍ଥାନରେ ଏହି ବିସ୍ଫୋରଣ ଘଟିଛି। ସିରିଆ ରାଜଧାନୀରେ ଏହା ସବୁଠୁ ମର୍ମନ୍ତୁଦ ଆକ୍ରମଣ ବୋଲି କୁହାଯାଉଛି। ବିଦ୍ରୋହୀ ଉଗ୍ରପନ୍ଥୀମାନଙ୍କ ସହ ସିରିଆ ସରକାରଙ୍କର ଏକ ଦଶନ୍ଧି ଧରି ବିଦ୍ରୋହ ଲାଗି ରହିଥିବାବେଳେ ଡାମାସ୍କସ୍‌ରେ ବିସ୍ଫୋରଣ ହେବା ବିରଳ ଘଟଣା। କାରଣ ୨୦୧୮ରେ ସୈନ୍ୟବାହିନୀ ବିରୋଧୀ ଲଢୁଆମାନଙ୍କୁ ରାଜଧାନୀ ଅଞ୍ଚଳରୁ ବିଦା କରିଦେଇଥିଲେ। ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ତେବେ ବସର ଆସାଦ ସରକାରଙ୍କୁ କ୍ଷମତାଚ୍ୟୁତ କରିବାକୁ ଚାହୁଁଥିବା ଉଗ୍ରପନ୍ଥୀ ଓ ଜିହାଦୀମାନେ ଆକ୍ରମଣରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

ସିରିଆର ଉତ୍ତର-ପଶ୍ଚିମ ଭାଗରେ ଥିବା ଏକ ସହରରେ ସୈନ୍ୟବାହିନୀର ସେଲ୍ ମାଡ଼ରେ ୪ ପିଲା ଓ ଜଣେ ମହିଳାଙ୍କ ସମେତ ୧୦ ଜଣ ପ୍ରାଣ ହରାଇଛନ୍ତି। ପିଲାମାନେ ସ୍କୁଲ୍ ଯାଉଥିବାବେଳେ ଏହାର ନିକଟବର୍ତ୍ତୀ ଏକ ମାର୍କେଟରେ ସେଲ୍ ମାଡ଼ ହୋଇଥିଲା। ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ଜାତିସଂଘ ଉପ ଆଞ୍ଚଳିକ ମାନବୀୟ ସଂଯୋଜକ ମାର୍କ କଟ୍ସ କହିଛନ୍ତି।

## ଆଇଏମ୍‌ଏଫ୍ ଛାଡ଼ିବେ ଗୀତା ଗୋପୀନାଥ

ୱାଶିଂଟନ, ୨୦।୧୦: ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଥିବା ଗୀତା ଗୋପୀନାଥ ଆସନ୍ତା ବର୍ଷ ଜାନୁୟାରୀରେ ପଦ ଛାଡ଼ିବେ। ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗକୁ ଫେରିଯିବେ ବୋଲି ଆଇଏମ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।



ଭାରତୀୟ ବଂଶୋଦ୍ଭବ ଅର୍ଥନୀତିଜ୍ଞ ଗୀତା (୪୯) ୨୦୧୯ ଜାନୁୟାରୀରେ ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍ ଆଣ୍ଡ ଇକୋନୋମିକ୍ସର ଜନ୍ ଜ୍ୱାନ୍‌ଷ୍ଟ୍ରା ପ୍ରଫେସର ଥିଲେ। ଗୀତାଙ୍କ ଉତ୍ତରାଧିକାରୀ ଖୁବ୍‌ଶୀଘ୍ର ଖୋଜାଯିବ ବୋଲି ଆଇଏମ୍‌ଏଫ୍ ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଗର୍ଜିଏଭା ମଙ୍ଗଳବାର ଘୋଷଣା କରିଛନ୍ତି। ମହୀଶୂରରେ ଜନ୍ମିତ ଗୀତା ଆଇଏମ୍‌ଏଫ୍‌ର ପ୍ରଥମ ମୁଖ୍ୟ ଅର୍ଥନୀତିଜ୍ଞା। ସେ ଆଇଏମ୍‌ଏଫ୍ ଗବେଷଣା ବିଭାଗର ନିର୍ଦ୍ଦେଶକ ମଧ୍ୟ ଥିଲେ।

## ହ୍ୱାଟ୍ସଆପ୍ ଚାଟ୍‌ରୁ ମିଳିଲା ଆର୍ଯ୍ୟନଙ୍କ ଡ୍ରଗ୍ସ କାରବାର ସୁରାକ

ମୁମ୍ବାଇ, ୨୦।୧୦: ଆର୍ଯ୍ୟନ ନିୟମିତ ଭାବେ ବେଆଇନ ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ତାଙ୍କ ହ୍ୱାଟ୍ସଆପ୍ ଚାଟ୍‌ରୁ ଜଣାପଡ଼ିଛି। ତେଣୁ ସେ ଜାମିନରେ ଗଲେ ଏଭଳି ଅପରାଧ ଯେ କରିବେ ନାହିଁ, ତାହା କୁହାଯାଇପାରିବ ନାହିଁ ବୋଲି ବିଚାରପତି ଭି.ଭି. ପାଟିଲ କହିଛନ୍ତି। ନିଶା ଯୋଗାଣକାରୀ ଓ ବିକ୍ରେତାଙ୍କ ସହ ଆର୍ଯ୍ୟନଙ୍କର ନିବିଡ଼ ସମ୍ପର୍କ ରହିଥିବାର ପ୍ରମାଣ ଉପସ୍ଥାପନ କରାଯାଇଛି। ଯଦିଓ ଚଢ଼ାଉ ବେଳେ ଆର୍ଯ୍ୟନଙ୍କଠାରୁ ଡ୍ରଗ୍ସ ମିଳି ନ ଥିଲା, ତେବେ ତାଙ୍କ ବନ୍ଧୁ ଅର୍ବାଜ ମର୍ଚାଣ୍ଟଙ୍କ ପାଖରୁ ୬ ଗ୍ରାମ ଚରସ ମିଳିଥିଲା, ଯାହା ଆର୍ଯ୍ୟନଙ୍କୁ ଜଣାଥିଲା ବୋଲି କୋର୍ଟ କହିଛନ୍ତି।



## ଜ୍ୟାକ୍‌ଲିନ୍‌ଙ୍କୁ ଜେରା

ଏକ ମନି ଲଣ୍ଡରିଂ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଡିଜ୍‌ଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବୁଧବାର ଜେରା କରିଛି। ପୂର୍ବରୁ ୪ ଥର ନୋଟିସ୍ ସତ୍ତ୍ୱେ ଜ୍ୟାକ୍‌ଲିନ୍ ବିଭିନ୍ନ ବାହାନା ଦେଖାଇ ଇଡି ସମ୍ମୁଖରେ ହାଜର ହୋଇ ନ ଥିଲେ। ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ସେ ଇଡିର ଦିଲ୍ଲୀ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ପଚରାଉଚରା କରାଯାଇଛି। ୨୦୦ କୋଟି ଟଙ୍କା ବଟି ଆଦାୟ ମାମଲାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ସୁକେଶ ଚନ୍ଦ୍ରଶେଖର ଏବଂ ତାଙ୍କ ସ୍ତ୍ରୀ ମାରିଆ ପଲ୍ ଗିରଫ ହୋଇଛନ୍ତି। ସୁକେଶଙ୍କ ସହ ଜ୍ୟାକ୍‌ଲିନଙ୍କ ଲିଙ୍କ୍ ଥିବା ସନ୍ଦେହ ଇଡି ସନ୍ଦେହ କରିଛି। ଏହି ଅଭିନେତ୍ରୀ ସୁକେଶଙ୍କ ସହ କିଛି ଟଙ୍କା ଦେଣନେଣ କରିଛନ୍ତି କି ନା ତାହା ଜାଣିବା ପାଇଁ ଇଡି ତଦନ୍ତ ଚଳାଇଛି।

## ନଭଲନିଙ୍କୁ ସାଖାରୋଭ ଆୱାର୍ଡ

ଜେଲରେ ଥିବା ରୁଷିଆର ବିରୋଧୀ ନେତା ତଥା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ କଠୋର ସମାଲୋଚକ ଆଲେକ୍ସି ନଭଲନିଙ୍କୁ ୟୁରୋପୀୟ ପାର୍ଲାମେଣ୍ଟ ମାନବାଧିକାର ପାଇଁ ସାଖାରୋଭ୍ ପୁରସ୍କାର ଦେଇଛି। ଗତବର୍ଷ ପୁଟିନ୍‌ଙ୍କୁ ସମାଲୋଚନା କରିବା କାରଣରୁ ନଭଲନିଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯିବା ସହ ତାଙ୍କୁ ଗିରଫ କରାଯାଇଥିଲା।



ୟୁରୋପ ସଂସଦୀୟ ଗ୍ରୁପ୍ ଇପିପି ଏକ ଟୁଇଟ୍ କରି ଏହି ପୁରସ୍କାର ଘୋଷଣା କରିବା ସହ ନଭଲନିଙ୍କୁ ମୁକ୍ତ କରିବା ପାଇଁ ପୁଟିନ୍‌ଙ୍କୁ ଆହ୍ୱାନ ଦେଇଛି। ଏଥିସହ ସମସ୍ତ ବନ୍ଦୀ ରାଜନେତାଙ୍କୁ ମଧ୍ୟ ମୁକୁଳାଇବାକୁ ଟୁଇଟ୍‌ରେ କୁହାଯାଇଛି। ପୁଟିନଙ୍କ ଶାସନବେଳେ ଅନେକ ଦୁର୍ନୀତିକୁ ନଭଲନି ସାମ୍ନାକୁ ଆଣିବା ସହ ନିର୍ଭୀକ ଭାବେ ସ୍ୱର ଉତ୍ତୋଳନ କରିଆସିଥିବା ୟୁରୋପୀୟ ପାର୍ଲାମେଣ୍ଟର ଅଧ୍ୟକ୍ଷ ଡାଭିଡ୍ ସାସ୍‌ସୋଲି କହିଛନ୍ତି।

# ତାଲିବାନ୍ ସହ ୧୦ ଦେଶର ବୈଠକ



ମସ୍କୋରେ ତାଲିବାନ୍ ପ୍ରତିନିଧି ଦଳ ସଦସ୍ୟ ମୌଲବୀ ଶାହାବୁଦ୍ଦିନ୍ ଦିଲାୱର (ଡାହାଣ)ଙ୍କ ସହ ଆଲୋଚନା କରୁଛନ୍ତି ରୁଷିଆର କୂଟନୀତିଜ୍ଞ ଜମିର୍ କାବୁଲୋଭ।

ମସ୍କୋ, ୨୦।୧୦

ଆଫଗାନିସ୍ତାନ ପ୍ରସଙ୍ଗରେ ତାଲିବାନ୍ ପ୍ରତିନିଧିଙ୍କ ଉପସ୍ଥିତିରେ ରୁଷିଆ ବୁଧବାର ଏକ ଅନ୍ତର୍ଜାତୀୟ ବୈଠକ ଆୟୋଜନ କରିଛି। ଆଫଗାନିସ୍ତାନରେ ଶାନ୍ତି ଓ ସ୍ଥିରତା ଆଣିବା ପାଇଁ ତାଲିବାନ୍ ଖୁବଶୀଘ୍ର ଏକ ପୂର୍ଣ୍ଣ ସରକାର ଗଢୁ ବୋଲି ରୁଷିଆ ପରାମର୍ଶ ଦେଇଛି। ତାଲିବାନ୍‌ର ବ୍ୟବହାରକୁ ନେଇ ଭାରତ ଓ ରୁଷିଆ ଭିନ୍ନମତ ପ୍ରକାଶ କରିଥିଲେ। ମହିଳା ଓ ସଂଖ୍ୟାଲଘୁଙ୍କ ଅଧିକାର ସୁରକ୍ଷା ପାଇଁ ତାଲିବାନ୍ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ କରି ନ ଥିବା ଭାରତ କହିଛି। ଅନ୍ୟପକ୍ଷରେ ଆଫଗାନିସ୍ତାନରେ ସ୍ଥିରତା ଆଣିବା ପାଇଁ ତାଲିବାନ୍‌ର ଉଦ୍ୟମକୁ ରୁଷିଆ ପ୍ରଶଂସା କରିଛି। ଏହି ସରକାରରେ ଦେଶର ସମସ୍ତ ଧର୍ମୀୟ ଗୋଷ୍ଠୀ ଏବଂ ରାଜନୈତିକ ଦଳର ହିତ ସାଧନର ଝଲକ ରହିବା ଆବଶ୍ୟକ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗି ଲାଭ୍‌ରୋଭ୍ ବୈଠକ ପ୍ରାରମ୍ଭରେ କହିଥିଲେ। ୨୦୦୩ରେ ତାଲିବାନ୍‌କୁ ଏକ ଆତଙ୍କବାଦୀ ସଙ୍ଗଠନ ଆଖ୍ୟା ଦେଇଥିଲେ ହେଁ ରୁଷିଆ ଏହା ସହ ଯୋଗାଯୋଗ ରଖିବାକୁ ଦୀର୍ଘ ବର୍ଷରୁ ଉଦ୍ୟମ ଜାରି ରଖିଛି। ରୁଷିଆ ନିୟମ ଅନୁସାରେ ତାଲିବାନ୍ ସହ କୌଣସି ସମ୍ପର୍କ ଦଣ୍ଡନୀୟ ଅପରାଧ ହୋଇଥିଲେ ହେଁ ଆଫଗାନିସ୍ତାନରେ ସ୍ଥିରତା ଆଣିବା ପାଇଁ ତାଲିବାନ୍ ସହ କଥା ହେବା ଜରୁରୀ ବୋଲି ଲାଭ୍‌ରୋଭ କହିଛନ୍ତି।

### ପୂର୍ଣ୍ଣ ସରକାର ଗଢ଼ିବାକୁ ଆହ୍ୱାନ

ଏହି କନଫରେନ୍ସରେ ଭାରତ, ଚାଇନା, ପାକିସ୍ତାନ ସମେତ ଇରାନ, କାଜାଖସ୍ତାନ, କିର୍‌ଗିଜସ୍ତାନ, ତାଜିକିସ୍ତାନ, ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ ଆଦି ଦେଶର ପ୍ରତିନିଧିମାନେ ସାମିଲ ହୋଇଥିଲେ। ତାଲିବାନ୍ ପକ୍ଷରୁ ଡେପୁଟି ପ୍ରଧାନମନ୍ତ୍ରୀ ଅବଦୁଲ୍ ସଲାମ ହନାଫି ଆଲୋଚନାରେ ଉପସ୍ଥିତ ଥିଲେ। ବୈଠକରେ ଆମେରିକାର ଅନୁପସ୍ଥିତିକୁ ନେଇ ଲାଭ୍‌ରୋଭ ଦୁଃଖ ବ୍ୟକ୍ତ କରିଥିଲେ।

## ମହିଳା ଖେଳାଳିଙ୍କ ମୁଣ୍ଡକାଟି ହତ୍ୟା

କାବୁଲ, ୨୦।୧୦:

ଆଫଗାନିସ୍ତାନରେ ତାଲିବାନ ବର୍ବରତାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ମହିଳାଙ୍କ ସ୍ୱାଧୀନତା ଉପରେ ଅଙ୍କୁଶ ମନୋଭାବ ରଖିଥିବା ଏହି କଠୋରପନ୍ଥୀ ସଙ୍ଗଠନ ଜାତୀୟ ମହିଳା ଭଲିବଲ ଟିମ୍‌ର ଜଣେ ତାରକା ଖେଳାଳିଙ୍କ ମୁଣ୍ଡକାଟ କରିଛି। କିଛି ଦିନ ତଳେ ଆଫଗାନ୍ ଜୁନିୟର ଭଲିବଲ ଖେଳାଳି ମହଜବିନ୍ ହକିମିଙ୍କୁ ତାଲିବାନ୍ ହତ୍ୟା କରିଥିବା ଟିମ୍‌ର କୋଚ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏ ବାବଦରେ କାହା ଆଗରେ ନ କହିବାକୁ କିମ୍ବା ବାହାରେ ଚର୍ଚ୍ଚା ନ କରିବାକୁ ତାଙ୍କ ପରିବାରକୁ ତାଲିବାନ୍ ଧମକ ଦେଇଥିବା ସେ ପ୍ରକାଶ କରିଛନ୍ତି।

ଆଫଗାନିସ୍ତାନରେ ଅଶ୍ରଫ୍ ଗନିଙ୍କ ସରକାର ଥିବାବେଳେ ମହଜବିନ୍ କାବୁଲ ମ୍ୟୁନିସିପାଲିଟି ଭଲିବଲ କ୍ଲବ ପାଇଁ ଖେଳିଥିଲେ। କିଛି ଦିନ ତଳେ ତାଙ୍କର ମୁଣ୍ଡକଟାଯାଇ ହତ୍ୟା ପରେ ସୋସିଆଲ ମିଡିଆରେ ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ଅଗଷ୍ଟରେ ଆଫଗାନିସ୍ତାନକୁ ତାଲିବାନ କବ୍‌ଜା କରିବାବେଳେ ମହିଳା ଜାତୀୟ ଭଲିବଲ୍ ଟିମ୍‌ର ମାତ୍ର ୨ ଖେଳାଳି ଦେଶ ଛାଡ଼ି ପଳାୟନ କରିବାରେ ସକ୍ଷମ ହୋଇଛନ୍ତି। ଦୁର୍ଭାଗ୍ୟବଶତଃ ମହଜବିନ୍‌ଙ୍କ ସମେତ ଅନ୍ୟ ଖେଳାଳିମାନେ ଦେଶରେ ରହିଯାଇଥିବା ଟିମ୍‌ର କୋଚ୍ କହିଛନ୍ତି। ସେବେଠାରୁ ଘରୋଇ ଏବଂ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ମହିଳା ଖେଳାଳିଙ୍କୁ ତାଲିବାନ୍ ଖୋଜି ହତ୍ୟା କରିବାକୁ ଉଦ୍ୟମ କରୁଥିବା ସେ ପ୍ରକାଶ କରିଛନ୍ତି।



ଭଲିବଲ ଖେଳାଳି ମହଜବିନ୍ ହକିମି (ବାମରୁ ତୃତୀୟ)ଙ୍କୁ ତାଲିବାନ୍ ହତ୍ୟା କରିଛି।

## ଶର୍ମିଳାଙ୍କ ୪୦୦ କି.ମି. ପଦଯାତ୍ରା



ହାଇଦ୍ରାବାଦ,୨୦।୧୦

ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀଙ୍କ ଭଉଣୀ ୱାଇଏସ୍ ଶର୍ମିଳା ବୁଧବାର ତେଲଙ୍ଗାନାରେ ୪୦୦ କି.ମି. ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି କ୍ରମରେ ସେ ତେଲଙ୍ଗାନାର ୧୧୯ ନିର୍ବାଚନମଣ୍ଡଳୀ ମଧ୍ୟରୁ ୯୦ ଆସନରେ ପଦଯାତ୍ରା କରିବେ। ପ୍ରକାଶ ଯେ, ଜଗନମୋହନ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ମୁଖ୍ୟ ହୋଇଥିବାବେଳେ ଶର୍ମିଳା ତେଲଙ୍ଗାନା ପାଇଁ ୱାଇଏସ୍‌ଆର୍ ତେଲଙ୍ଗାନା ନାମରେ ନୂଆ ଦଳ ଗଠନ କରିଛନ୍ତି।

## ଏସ୍‌ପି ପରିବାରବାଦ ଆପଣାଇଛି: ମୋଦି

କୁଶୀନଗର,୨୦।୧୦


ସମାଜବାଦୀ ପାର୍ଟି (ଏସ୍‌ପି) ସମାଜବାଦରୁ ଦୂରେଇଯାଇ ପରିବାରବାଦକୁ ଆପଣାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନା କରିଛନ୍ତି। ଉତ୍ତର ପ୍ରଦେଶର କୁଶୀନଗରରେ ଅନ୍ତର୍ଜାତୀୟ ବିମାନବନ୍ଦର ଉଦ୍‌ଘାଟନ ସହ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବୁଧବାର ମୋଦି କହିଥିଲେ, ଏସ୍‌ପି ୟୁପିରେ କ୍ଷମତାରେ ଥିବାବେଳେ ରାମ ମନୋହର ଲୋହିଆଙ୍କ ସମାଜବାଦରୁ ଦୂରେଇଯାଇଥିଲା। ଏଥିଯୋଗୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୂର୍ବ ସରକାରଗୁଡ଼ିକ ଦୁର୍ନୀତି ଓ ଅପରାଧ ସହ ଜଡ଼ିତ ଥିଲେ। ସେମାନଙ୍କ ପରିବାରବାଦକୁ ଉତ୍ତର ପ୍ରଦେଶବାସୀ ଭଲଭାବେ ଜାଣନ୍ତି। ଯୋଗୀ ସରକାର କ୍ଷମତାକୁ ଆସିବା ପରେ ବିଗତ ସାଢ଼େ ୪ ବର୍ଷରେ ରାଜ୍ୟର ଅନେକ ଉନ୍ନତି ହୋଇଛି ବୋଲି ମୋଦି କହିଥିଲେ।

## ଜାମିନ ମିଳିଲାନି, ହାଇକୋର୍ଟ ଗଲେ ଆର୍ଯ୍ୟନ

ମୁମ୍ବାଇ, ୨୦।୧୦

କ୍ରୁଜ୍ ଜାହାଜରୁ ଜବତ ବେଆଇନ ଡ୍ରଗ୍ସ ମାମଲାରେ ଗିରଫ ହୋଇଥିବା ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କ ଜାମିନ ଆବେଦନକୁ ବୁଧବାର ସ୍ୱତନ୍ତ୍ର ଏନ୍‌ଡିପିଏସ୍ ଅଦାଲତ ଖାରଜ କରିଦେଇଛନ୍ତି। ତାଙ୍କ ସହ ଅର୍ବାଜ ମର୍ଚାଣ୍ଟ ଏବଂ ଫେଶନ ମଡେଲ ମୁନ୍‌ମୁନ୍ ଧାମେଚାଙ୍କ ଜାମିନ ଆବେଦନକୁ ମଧ୍ୟ ସ୍ୱତନ୍ତ୍ର ବିଚାରପତି ଭି.ଭି. ପାଟିଲ ଖାରଜ କରିଦେଇଛନ୍ତି। ଜାମିନ ଖାରଜ ହେବା ପରେ ଆର୍ଯ୍ୟନ ଏହା ବିରୋଧରେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ଶୁଣାଣି ହୋଇପାରେ ବୋଲି ଜଣାପଡ଼ିଛି।

ଡ୍ରଗ୍ସ ଜବତ ମାମଲାରେ ଗିରଫ ଅନ୍ୟ ୧୨ ଜଣଙ୍କ ଜାମିନ ଆବେଦନର ଶୁଣାଣି ସ୍ୱତନ୍ତ୍ର ବିଚାରପତି ପାଟିଲଙ୍କ କୋର୍ଟରେ ଗୁରୁବାରଠାରୁ ଆରମ୍ଭ ହେବ। ଏନ୍‌ସିବି ପକ୍ଷରୁ ଏହା ଉପରେ ଜବାବ ଦାଖଲ କରାଯାଇଛି। ଅକ୍ଟୋବର ୨ ତାରିଖରେ ମୁମ୍ବାଇ ଉପକୂଳରେ ଥିବା କ୍ରୁଜ୍ ଜାହାଜରୁ ନିଶାଦ୍ରବ୍ୟ ଜବତ ହେବା ପରେ ଏନ୍‌ସିବି ଆର୍ଯ୍ୟନଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରିଥିଲା। ଆର୍ଯ୍ୟନ ଏବେ ଆର୍ଥର ରୋଡ୍ ଜେଲରେ ରହିଛନ୍ତି। ୧୯ ତାରିଖ ଶୁଣାଣି ବେଳେ ଏନ୍‌ସିବି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ(ଏଏସ୍‌ଜି) ଅନିଲ ସିଂ ଉପସ୍ଥିତ ରହି ଯୁବ ପିଢ଼ିଙ୍କ ମଧ୍ୟରେ ଡ୍ରଗ୍ସ ଅଭ୍ୟାସ ବଢୁଥିବାରୁ ଅଦାଲତ ଏହାକୁ ଗୁରୁତର ସହ ନେବା ଆବଶ୍ୟକ ବୋଲି ଯୁକ୍ତି ବାଢ଼ିଥିଲେ। ପ୍ରମାଣ ନ ହେବା ପର୍ଯ୍ୟନ୍ତ ନିର୍ଦ୍ଦୋଷ ନୀତି ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ ସବ୍‌ଷ୍ଟାନ୍ସ (ଏନ୍‌ଡିପିଏସ୍) ଆଇନରେ ଲାଗୁ ହୁଏ ନାହିଁ। ଆର୍ଯ୍ୟନ ପ୍ରଥମ ଥର ଡ୍ରଗ୍ସ ନେଇନାହାନ୍ତି। କିଛି ବର୍ଷ ହେଲା ସେ ନିୟମିତ ନିଶା ନେଉଥିବାର ପ୍ରମାଣ ରହିଛି ବୋଲି ଏଏସ୍‌ଜି କହିଥିଲେ। ଉଭୟ ପକ୍ଷର ଶୁଣାଣି ପରେ ସ୍ୱତନ୍ତ୍ର ବିଚାରପତି ରାୟ ସଂରକ୍ଷିତ ରଖିଥିଲେ।



## ରାଜ୍ୟ ସହମତି ଫେରାଇ ନେଉଥିବାରୁ ତଦନ୍ତ ପ୍ରଭାବିତ ହେଉଛି: ସିବିଆଇ

ନୂଆଦିଲ୍ଲୀ, ୨୦।୧୦(ଆଇଏଏନ୍‌ଏସ୍)

ବିଭିନ୍ନ ରାଜ୍ୟ ସରକାର ସିବିଆଇ ତଦନ୍ତ ଲାଗି ସାଧାରଣ ସହମତି ଫେରାଇ ନେଉଥିବାରୁ ତଦନ୍ତ ପ୍ରଭାବିତ ହେବା ସହ ମୋକଦ୍ଦମା ବିଳମ୍ବିତ ହେଉଛି ବୋଲି ତଦନ୍ତକାରୀ ସଂସ୍ଥା ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ପଶ୍ଚିମବଙ୍ଗ, ମହାରାଷ୍ଟ୍ର, କେରଳ, ପଞ୍ଜାବ, ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମିଜୋରାମ ସରକାର ସାଧାରଣ ସହମତି ପ୍ରତ୍ୟାହାର କରିନେଇଥିବା ସିବିଆଇ ନିର୍ଦ୍ଦେଶକ ଏସ୍.କେ. ଜୟସ୍ୱାଲ ସତ୍ୟପାଠ ଜରିଆରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ଏବେ ବିଭିନ୍ନ ମାମଲା ଆଧାରରେ ସ୍ୱତନ୍ତ୍ର ସହମତି ହାସଲ କରିବା ସମୟସାପେକ୍ଷ ହୋଇଥିବାବେଳେ ତଦନ୍ତ ଆଗେଇ ପାରୁନାହିଁ। ବିଭିନ୍ନ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ସହମତି ହାସଲ ଲାଗି ୨୦୧୮ରୁ ୨୦୨୧ ଜୁନ୍ ମଧ୍ୟରେ ଉପରୋକ୍ତ ରାଜ୍ୟ ସରକାରଙ୍କୁ ୧୫୦ରୁ ଊର୍ଦ୍ଧ୍ୱ ଅନୁରୋଧ ପତ୍ର ପଠାଯାଇଛି। ସେଥିରୁ ୧୮ ପ୍ରତିଶତରୁ କମ୍ ଅନୁରୋଧକୁ ମଞ୍ଜୁରୀ ମିଳିଛି। ମୁଖ୍ୟତଃ ସରକାର ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ମାମଲାଗୁଡ଼ିକର ତଦନ୍ତ ପାଇଁ ଅନୁମତି ମିଳୁଥିବାବେଳେ ଦେଶର ଅର୍ଥନୀତିକୁ ପ୍ରଭାବିତ କରୁଥିବା ବଡ଼ ବ୍ୟାଙ୍କ ଠକେଇ ଭଳି ୭୮ ପ୍ରତିଶତ ମାମଲାରେ ଅନୁରୋଧକୁ ମଞ୍ଜୁରୀ ମିଳୁନାହିଁ। ସିବିଆଇ ତଦନ୍ତ ଭାର ଗ୍ରହଣ କରିବାରେ ବିଳମ୍ବ ହେଉଥିବାରୁ ପ୍ରମାଣ ନଷ୍ଟ କିମ୍ବା ଗାଏବ କରିଦିଆଯାଉଛି, ଯାହା ତଦନ୍ତରେ ବାଧା ସୃଷ୍ଟି କରୁଛି ବୋଲି ସତ୍ୟପାଠରେ କୁହାଯାଇଛି।

## ଜାଲ୍ ସାର୍ଟିଫିକେଟରେ ଏମ୍‌ପି ହୋଇଛନ୍ତି ୫ ଜଣ



ନୂଆଦିଲ୍ଲୀ,୨୦।୧୦

ଜଣେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୫ ଏମ୍‌ପି ଜାଲ୍ ଜାତିଗତ ପ୍ରମାଣପତ୍ର ବଳରେ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ନେଇ ବୁଧବାର ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ସହଯୋଗୀ ଜିତନରାମ ମାନ୍‌ଝି ଅଭିଯୋଗ ଆଣିଛନ୍ତି। ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ) ଅଧ୍ୟକ୍ଷ ମାନ୍‌ଝି ଦଳୀୟ ମୁଖ୍ୟାଳୟରେ ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି, ତଫସିଲଭୁକ୍ତ ଜାତି (ଏସ୍‌ସି) ବର୍ଗ ପାଇଁ ସଂରକ୍ଷିତ ଆସନରେ ନିର୍ବାଚନ ଲଢ଼ିବା ପାଇଁ ସେମାନେ ଜାଲିଆତି କରିଛନ୍ତି। ସେମାନେ ହେଲେ କେନ୍ଦ୍ରମନ୍ତ୍ରୀ ଏସ୍.ପି. ସିଂ ବଘେଲ ଏବଂ ଜୟସିଦ୍ଧେଶ୍ୱର ଶିବାଚାର୍ଯ୍ୟ ମହାସ୍ୱାମୀ(ଉଭୟେ ଭାଜପା ଏମ୍‌ପି), କଂଗ୍ରେସର ମହମ୍ମଦ ସାଦିକ୍, ଟିଏମ୍‌ସି ଏମ୍‌ପି ଅପରୂପା ପୋଦ୍ଦାର ଏବଂ ସ୍ୱାଧୀନ ଏମ୍‌ପି ନବନୀତ ରବି ରାଣା । ଏହାର ତଦନ୍ତ କରାଯାଉ। କଶ୍ମୀରରେ ବିହାରର ଗରିବ ପ୍ରବାସୀମାନଙ୍କୁ ଆତଙ୍କବାଦୀମାନେ ହତ୍ୟା କରୁଛନ୍ତି। ଏହା ନିନ୍ଦନୀୟ।

## ଉପହାର ବିକିଛନ୍ତି ଇମ୍ରାନ୍

ଲାହୋର, ୨୦।୧୦

ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କଠାରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପାଇଥିବା ଉପହାରକୁ ବିକ୍ରି କରିଦେଇଥିବା ବିରୋଧୀ ଦଳ ବୁଧବାର ଅଭିଯୋଗ କରିଛି। ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ କିମ୍ବା ସାମ୍ବିଧାନିକ ପଦବୀରେ ଥିବା ଅଧିକାରୀ ଗସ୍ତରେ ଆସିଲେ ଉପହାର ଆଦାନପ୍ରଦାନ ହୋଇଥାଏ।



ତୋଷାଖାନା ନିୟମ ଅନୁଯାୟୀ ସେଗୁଡ଼ିକ ଖୋଲା ନିଲାମ ନ ହେବା ପର୍ଯ୍ୟନ୍ତ ରାଷ୍ଟ୍ରର ସମ୍ପତ୍ତି। ତେବେ ପ୍ରଧାନମନ୍ତ୍ରୀ ଇମ୍ରାନ ଉପହାରକୁ ବିକ୍ରି ଦେଇଥିବା ପିଏମ୍‌ଏଲ୍-ଏନ୍ ଉପାଧ୍ୟକ୍ଷ ମାର୍ୟାମ ନୱାଜ୍ ଟୁଇଟ୍ କରିଛନ୍ତି। ଏହା ଅତ୍ୟନ୍ତ ଲଜ୍ଜାଜନକ ଘଟଣା ବୋଲି ବିରୋଧୀ ମେଣ୍ଟ ପାକିସ୍ତାନ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟ ଅଧ୍ୟକ୍ଷ ମୌଲାନା ଫଜଲୁର ରେହମାନ କହିଛନ୍ତି। ଉପସାଗରୀୟ ଦେଶର ଯୁବରାଜଙ୍କଠାରୁ ପାଇଥିବା ୧ ନିୟୁତ ଡଲାର ମୂଲ୍ୟର ଘଣ୍ଟାକୁ ଇମ୍ରାନ ବିକ୍ରି କରିଥିବା ନେଇ ସୋସିଆଲ ମିଡିଆରେ ଜୋର୍‌ଦାର ପ୍ରଚାର ହେଉଛି। ଇମ୍ରାନଙ୍କ ଘନିଷ୍ଠ ବନ୍ଧୁ ଦୁବାଇରେ ଉକ୍ତ ଘଣ୍ଟା ବିକ୍ରି କରିଥିବା ଜଣାପଡ଼ିଛି।

**ବିଶ୍ୱ ଖାଦ୍ୟ ସୁରକ୍ଷା ସୂଚକାଙ୍କ**



## ୧୧୩ ଦେଶରୁ ୭୧ରେ ଭାରତ

ନୂଆଦିଲ୍ଲୀ, ୨୦।୧୦

ନିକଟରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟରେ ଭାରତ ପଡ଼ୋଶୀ ପାକିସ୍ତାନଠାରୁ ଖରାପ ପ୍ରଦର୍ଶନ କରିଥିବାବେଳେ ବିଶ୍ୱ ଖାଦ୍ୟ ସୁରକ୍ଷା ସୂଚକାଙ୍କ(ଜିଏଫ୍‌ଏସ୍)-୨୦୨୧ରେ ମଧ୍ୟ ଭାରତ ଖରାପ ପ୍ରଦର୍ଶନ କରିଛି। ୧୧୩ଟି ଦେଶକୁ ନେଇ ପ୍ରକାଶ ପାଇଥିବା ଏହି ରିପୋର୍ଟରେ ଭାରତ ୭୧ତମ ସ୍ଥାନରେ ରହିଛି। ଖାଦ୍ୟ ଉପଲବ୍ଧତାରେ ଭାରତକୁ ୫୦.୨ ପଏଣ୍ଟ ମିଳିଥିବାବେଳେ ପାକିସ୍ତାନକୁ ୫୨.୬ ଏବଂ ଶ୍ରୀଲଙ୍କା ୬୨.୯ ପଏଣ୍ଟ ପାଇଛି। ୨୦୧୨ରେ ଭାରତକୁ ୫୪.୫ ପଏଣ୍ଟ ମିଳିଥିବାବେଳେ ଚଳିତ ବର୍ଷ ମାତ୍ର ୨.୭ ପଏଣ୍ଟ ଅଧିକ ହାସଲ କରିଛି। ୨୦୧୨ରେ ପାକିସ୍ତାନ ୪୫.୭ ସ୍କୋର ପାଇଥିଲା। ଲଣ୍ଡନର ଇକୋନୋମିଷ୍ଟ ଇମ୍ପାକ୍ଟ ଏବଂ କୋର୍ଟେଭା ଏଗ୍ରିସାଇନ୍ସ ପକ୍ଷରୁ ମଙ୍ଗଳବାର ଜିଏଫ୍‌ଏସ୍ ରିପୋର୍ଟ ପ୍ରକାଶ ପାଇଛି। ଆୟର୍ଲାଣ୍ଡ, ଅଷ୍ଟ୍ରେଲିଆ, ବ୍ରିଟେନ୍, ଫିନ୍‌ଲାଣ୍ଡ, ସୁଇଜରଲାଣ୍ଡ, ନେଦରଲାଣ୍ଡ୍ସ, କାନାଡା, ଜାପାନ, ଫ୍ରାନ୍ସ ଏବଂ ଆମେରିକାର ଜିଏଫ୍‌ଏସ୍ ସ୍କୋର ୭୭.୮ରୁ ୮୦ ପଏଣ୍ଟ ରହିଥିବାରୁ ଏହି ଦେଶଗୁଡ଼ିକ ତାଲିକାର ଶୀର୍ଷ ଭାଗରେ ରହିଛନ୍ତି। ଜିଏଫ୍‌ଏସ୍ ସୂଚକାଙ୍କ ୧୧୩ ଦେଶରେ ଖାଦ୍ୟ ନିରାପତ୍ତାର ପ୍ରମୁଖ କାରକ ଯଥା ଖାଦ୍ୟର ଉପଲବ୍ଧତା, ଗୁଣବତ୍ତା, ନିରାପତ୍ତା ସମେତ ପ୍ରାକୃତିକ ସମ୍ପଦ ଉପରେ ଆଧାରିତ। ଆୟ, ଅର୍ଥନୈତିକ ଅସମାନତା ସମେତ ଖାଦ୍ୟ ସୁରକ୍ଷାର ୫୮ ସ୍ୱତନ୍ତ୍ର ଇଣ୍ଡିକେଟରକୁ ଜିଏଫ୍‌ଏସ୍‌ରେ ଧ୍ୟାନରେ ରଖାଯାଇଥାଏ। ୨୦୩୦ ସୁଦ୍ଧା ଶୂନ କ୍ଷୁଧା ଦିଗରେ ଅଗ୍ରସର ହୋଇ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସେ ଦିଗରେ କାର୍ଯ୍ୟ କରିବା ନିମନ୍ତେ ଏହି ରିପୋର୍ଟରେ ଆହ୍ୱାନ ଦିଆଯାଇଛି।

### ପୁଣି ପଛରେ ପକାଇଲା ପାକିସ୍ତାନ

ତେବେ ଦକ୍ଷିଣ ଏସିଆରେ ମୋଟ ଉପରେ ଭାରତର ପ୍ରଦର୍ଶନ ଭଲ ରହିଛି। ସାମଗ୍ରିକ ସ୍କୋର ଅନୁସାରେ ପାକିସ୍ତାନ ୭୫ତମ ସ୍ଥାନରେ ରହିଥିବାବେଳେ ଶ୍ରୀଲଙ୍କା ୭୭, ନେପାଳ ୭୯, ବାଂଲାଦେଶ ୮୪ ତମ ସ୍ଥାନରେ ରହିଛି। ତେବେ ଚାଇନା ଭଲ ପ୍ରଦର୍ଶନ କରି ଏହି ତାଲିକାରେ ୩୪ତମ ସ୍ଥାନ ପାଇଛି। ଭାରତ ଖାଦ୍ୟର ଗୁଣବତ୍ତା ଏବଂ ନିରାପତ୍ତା ସମେତ ଏହାର ଉତ୍ପାଦନ ନିମନ୍ତେ ପ୍ରାକୃତିକ ସମ୍ବଳର ସୁରକ୍ଷା ଦିଗରେ ପାକିସ୍ତାନ, ନେପାଳ, ବାଂଲାଦେଶ, ଶ୍ରୀଲଙ୍କାଠାରୁ ଉନ୍ନତ ରହିଥିବା ରିପୋର୍ଟରେ କୁହାଯାଇଛି।




## ମଶାଣିକୁ ଗଲା ମୃତଦେହ ବିହୀନ କୋକେଇ

### ଟ୍ରେନ୍‌ରୁ ଖସି ଯୁବକ ମୃତ

**ଧରାକୋଟ,୨୦।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଜଗମୋହନ ପଞ୍ଚାୟତ ନନ୍ଦୀଘର ଗ୍ରାମର ଜଣେ ଯୁବକଙ୍କର ଟ୍ରେନ୍‌ରେ କଟି ମୃତ୍ୟୁ ଘଟିଥିଲା। ସେ ହେଲେ ଉକ୍ତ ଗାଁର ସୁବାସ ଗୌଡ଼ (୩୦)।



କିନ୍ତୁ ମୃତଦେହ ଖଣ୍ଡ ବିଖଣ୍ଡିତ ହୋଇଯାଇଥିବାରୁ ତାହା ସତ୍କାର ପାଇଁ ଆସି ନ ଥିଲା। ପରିବାର ଲୋକେ ବାଧ ହୋଇ ମୃତଦେହ ବିହୀନ କୋକେଇକୁ ମଙ୍ଗଳବାର ସତ୍କାର କରିଛନ୍ତି। ପ୍ରକାଶ ଯେ, ନିଜ ରାଜ୍ୟରେ ସୁବାସଙ୍କୁ କାମ ନ ମିଳିବାରୁ ପରିବାର ପୋଷଣ ପାଇଁ ସୁରଟ ଯାଇଥିଲେ। କୁମାର ପୂର୍ଣ୍ଣିମା ଲାଗି ସେ ୩ ଦିନ ପୂର୍ବେ ଟ୍ରେନ୍‌ରେ ଗାଁକୁ ଫେରୁଥିଲେ। ତାଙ୍କ ସାଙ୍ଗରେ ଶ୍ୱଶୁର ଥିଲେ। ସୁବାସ ଟ୍ରେନ୍ ଗେଟ୍ ନିକଟରେ ଠିଆ ହୋଇଥିବା ସମୟରେ ତାଙ୍କୁ ନିଦ ଲାଗିବାରୁ ଅସାବଧାନତା ଯୋଗୁ ହଠାତ୍ ତଳକୁ ଖସି ପଡ଼ିଥିଲେ। ତାଙ୍କ ମୃତଦେହ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ପାଖରେ ଥିବା ଶ୍ୱଶୁର ମୃତଦେହ ଚିହ୍ନଟ ପରେ ଗାଁକୁ ଖବର ଦେଇଥିଲେ। ପରିବାର ଲୋକେ ସାହି ପଡ଼ିଶାଙ୍କ ପରାମର୍ଶ କ୍ରମେ ବିନା ମୃତଦେହରେ ସତ୍କାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଛଅ ଖଣ୍ଡ କାଠରେ କୋକେଇ ତିଆରି ହୋଇଥିଲା। ନଡ଼ାରେ ତିଆରି ପ୍ରତୀକାତ୍ମକ ମୃତଦେହକୁ ନୂଆ ଲୁଗା ଘୋଡ଼ାଇ ମଶାଣିକୁ ନିଆଯାଇ ସଂସ୍କାର କରାଯାଇଥିଲା।

# ଧାର ଟଙ୍କା ମାଗିବାରୁ ସାଙ୍ଗକୁ ହତ୍ୟା

**ଖୋର୍ଦ୍ଧା ଅଫିସ, ୨୦।୧୦**

ସାଙ୍ଗ ନେଲା ସାଙ୍ଗର ଜୀବନ। ଧାର ଟଙ୍କାକୁ କେନ୍ଦ୍ର କରି ସାମାନ୍ୟ ବଚସାରୁ କ୍ରୋଧାନ୍ୱିତ ହୋଇ ସାଙ୍ଗର ଛାତିକୁ ଛୁରିରେ ଭୂଷି ଓ ଗଳାକାଟି ହତ୍ୟା କଲା। ମଙ୍ଗଳବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ଉପକଣ୍ଠ ମୁକୁନ୍ଦପ୍ରସାଦ-ଜଟଣୀ ବାଇପାସ ରାସ୍ତାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ମୁକୁନ୍ଦପ୍ରସାଦ ସ୍ପିନିଂ ମିଲ୍ ଲେବର କଲୋନୀର ଚନ୍ଦନ ଓରଫ ରଶ୍ମିରଞ୍ଜନ ପାଟଯୋଶୀ(୧୯)। ଏ ନେଇ ରଶ୍ମିରଞ୍ଜନଙ୍କ ବାପା ସନ୍ତୋଷ ପାଟଯୋଶୀଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ. ୪୧୯/୨୧) ରୁଜୁ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାଇଣ୍ଟିଫିକ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତଭିଜା ମାଟି ଜବତ କରି ତଦନ୍ତ ଜାରି ରଖିଛି। ବୁଧବାର ଭୋର ସାଢେ ୪ଟାରେ ପୋଲିସ ମୁକୁନ୍ଦପ୍ରସାଦ ଚାଚେରା ଶବର ସାହିର ଅଭିଯୁକ୍ତ ମୁନା ଓରଫ ମହେଶ୍ୱର ଦାସଙ୍କୁ ଯାଳାଁ ଛକ ନିକଟରୁ କାବୁ କରି ଥାନାରେ ଅଟକ ରଖିଛି। ହତ୍ୟାକାଣ୍ଡ ସମ୍ପର୍କରେ ମହେଶ୍ୱର ସ୍ୱୀକାର କରିଥିବା ଏସ୍‌ପି ରାଜକିଶୋର ଦୋରା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଶିଳ୍ପାଞ୍ଚଳର ଏକ ଘରୋଇ ସଂସ୍ଥାରେ ମହେଶ୍ୱର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ସେହି କମ୍ପାନୀରେ ରଶ୍ମିରଞ୍ଜନ ଡ୍ରାଇଭର ଭାବେ ଯୋଗଦେଇଥିଲେ। ଗୋଟିଏ ସ୍ଥାନରୁ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଗଢ଼ିଉଠିଥିଲା। କିଛିଦିନ ତଳେ ରଶ୍ମିରଞ୍ଜନଙ୍କଠାରୁ ମହେଶ୍ୱର କିଛି ଟଙ୍କା ଧାର ନେଇଥିଲେ। ତେବେ ଦୀର୍ଘଦିନ ପର୍ଯ୍ୟନ୍ତ ନ ଫେରାଇବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କିଛିଦିନ ତଳେ ଏ ନେଇ ପୁଣି ଦୁହେଁ ମୁହାଁମୁହିଁ ହୋଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରଶ୍ମିରଞ୍ଜନଙ୍କୁ ରାସ୍ତାରୁ ହଟାଇବା ପାଇଁ ମହେଶ୍ୱର ଯୋଜନା କରିଥିଲେ। ତେଣୁ ସେ ଏକ ଛୁରୀ କିଣି ଆଣି ପାଖରେ ରଖିଥିଲେ।

ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ଟାରେ ଜଟଣୀ ବାଇପାସ ଚାଚେରା ଶବର ସାହି ଛକଠାରେ ମହେଶ୍ୱର ଓ ରଶ୍ମିରଞ୍ଜନଙ୍କ ମଧ୍ୟରେ ଧାରଟଙ୍କାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ମହେଶ୍ୱର ନିଜ ପାଖରେ ରଖିଥିବା ଛୁରୀରେ ରଶ୍ମିରଞ୍ଜନଙ୍କ ଛାତିକୁ ଭୂଷିଥିଲେ ଓ ପରେ ଗଳା କାଟିଦେଇଥିଲେ। ରଶ୍ମିରଞ୍ଜନ ସେଠାରେ ଟଳି ପଡ଼ିଥିଲେ। ଏହାପରେ ବି ମହେଶ୍ୱର ସେଠାରେ ଉପସ୍ଥିତ ଥିଲେ। ଖବର ପାଇ ରଶ୍ମିରଞ୍ଜନଙ୍କ ମା' ଓ ବାପା ପହଞ୍ଚି ପୁଅର କ'ଣ ହେଲା ବୋଲି ମହେଶ୍ୱରଙ୍କୁ ପଚାରିଥିଲେ। ଧାର ଟଙ୍କା ବାରମ୍ବାର ମାଗିବାରୁ ତାଙ୍କୁ ଛୁରୀରେ ଭୂଷି ହତ୍ୟା କରିଥିବା କହି ମହେଶ୍ୱର ଫେରାର ହୋଇଯାଇଥିଲେ। ପରେ ଟାଉନ ଥାନା ପୋଲିସ ପହଞ୍ଚି ରଶ୍ମିରଞ୍ଜନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଘଟଣା ପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ସୁଶିଲ ମିଶ୍ର, ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ ଏବଂ ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ ପ୍ରମୁଖଙ୍କୁ ନେଇ ଦୁଇଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଳାଁସ୍ଥିତ ତାଙ୍କ ମାମୁ ଘରକୁ ମହେଶ୍ୱର ଯାଉଥିବା ପୋଲିସ ସୂଚନା ପାଇ ଗଙ୍ଗପଡ଼ା ଓ ଯାଳାଁ ଛକରେ ସାଦା ପୋଷାକରେ ଜଗି ରହିଥିଲେ। ଯାଳାଁ ଛକରେ ପୋଲିସକୁ ଦେଖି ମୁନା ଖସିଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ତାଙ୍କୁ ଗୋଡ଼ାଇ ଗୋଡ଼ାଇ କାବୁ କରିଥିଲା ବୋଲି ଏସ୍‌ପି ଦୋରା କହିଛନ୍ତି।

### ଯାଳାଁ ଛକ ପାଖରୁ ଅଭିଯୁକ୍ତଙ୍କୁ କାବୁ କଲା ପୋଲିସ



ଗୁଳିକାଣ୍ଡ ହୋଇଥିବା ସ୍ଥାନ।

# ୨ ନାବାଳିକାଙ୍କୁ ବଳାତ୍କାର: ୨ଗିରଫ

**ରାଉରକେଲା ଅଫିସ, ୨୦।୧୦**

ଷ୍ଟିଲ ସିଟି ରାଉରକେଲାରେ ପୃଥକ୍ ପୃଥକ୍ ଦୁଇ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ୨ଜଣ ଗିରଫ ହୋଇଛନ୍ତି। ପ୍ଲାଣ୍ଟସାଇଟ ଥାନା ରେଲୱେ କଲୋନୀ ଅଞ୍ଚଳରେ ଜଣେ ବାପା ତାଙ୍କ ଝିଅକୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ବାପା ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ କାମ କରନ୍ତି। ଗତ ଏପ୍ରିଲରୁ ନିଶାସେବନ କରି ନିଜର ୧୪ ବର୍ଷର ଝିଅଙ୍କୁ ବଳାତ୍କାର କରୁଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ମା'କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ନାବାଳିକା ତାଙ୍କ ସାଙ୍ଗଙ୍କ ପରିବାର ସାହାଯ୍ୟ ନେଇ ପୋଲିସ ଓ ଶିଶୁ ମଙ୍ଗଳ ସମିତି 'ଦିଶା'କୁ ଜଣାଇଥିଲେ। ଦିଶା ଟିମ୍‌ର କର୍ମଚାରୀମାନେ ନାବାଳିକାଙ୍କୁ ସାଙ୍ଗ ଘରୁ ଉଦ୍ଧାର କରି ପ୍ଲାଣ୍ଟସାଇଟ ଥାନାରେ ଜିମା ଦେଇଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ବାପାଙ୍କୁ ଗିରଫ କରିଛି। ସେହିଭଳି ଉଦିତନଗର ଥାନା ବିରଜାପାଲି ଅଞ୍ଚଳରେ ଅନ୍ୟ ଜଣେ ନାବାଳିକା(୧୦)ଙ୍କୁ ତାଙ୍କ ପଡ଼ୋଶୀ ଯୁବକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ନାବାଳିକା ଘର ପାଖରେ ଖେଳୁଥିବା ସମୟରେ ତାଙ୍କୁ ପଡ଼ୋଶୀ ଯୁବକ ଡାକିନେଇଥିଲେ। ନାବାଳିକା ଜଣଙ୍କ ତାଙ୍କ ମା'ଙ୍କୁ କହିବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

# ପୁଅ ଚିତା ନ ଲିଭୁଣୁ ମା' ମୃତ

### ବର୍ଷେ ତଳେ ହୋଇଥିଲା ବାପାଙ୍କ ମୃତ୍ୟୁ

**ପାତ୍ରପୁର,୨୦।୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବାଦପୁର ଗ୍ରାମରେ ବୁଧବାର ଏକ ହୃଦୟବିଦାରକ ଘଟଣା ଘଟିଛି। ପୁଅର ଚିତା ଜଳୁଥିବା ବେଳେ ମା'ଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପଦ୍ମାବତୀ ପ୍ରଧାନ ଓ ତାଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର। ଗତ ୧୦ ଦିନ ଧରି ପୂର୍ଣ୍ଣଚନ୍ଦ୍ର ଜଣ୍ଡିସରେ ଆକ୍ରାନ୍ତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଁକୁ ମୃତଦେହ ଅଣାଯାଇ ଅନ୍ତିମ ସଂସ୍କାର ଚାଲିଥିବା ବେଳେ ଘରେ ପଦ୍ମାବତୀଙ୍କ ମୃତ୍ୟୁ ଘଟିଥିଲା। ଗୋଟିଏ ଶ୍ମଶାନରେ ମା' ପୁଅଙ୍କ ମୃତଦେହକୁ ସତ୍କାର କରାଯାଇଥିଲା। ବର୍ଷକ ପୂର୍ବେ ପୂର୍ଣ୍ଣଙ୍କ ବାପା ଗୋବିନ୍ଦ ଓ କିଛି ବର୍ଷ ଆଗରୁ ବଡଭାଇ ଆପନାଙ୍କ ଅକାଳ ବିୟୋଗ ହୋଇଥିଲା। ଘରେ ବର୍ତ୍ତମାନ ପୂର୍ଣ୍ଣଙ୍କ ଗର୍ଭବତୀ ସ୍ତ୍ରୀ ଅଛନ୍ତି। ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି।



## ସଂକ୍ଷେପରେ

### କୋଭିଡ୍ ନିୟମ ଉଲ୍ଲଂଘନ କରି ସତ୍‌ସଙ୍ଗ



**ପରଜଙ୍ଗ, ୨୦।୧୦(ଡି.ଏନ୍.ଏ.):** କୋଭିଡ୍ ନିୟମ ଉଲ୍ଲଂଘନ କରି ଶତାଧିକ ଅନୁଗାମୀଙ୍କୁ ନେଇ ସାରଥି ସତ୍‌ସଙ୍ଗ କରୁଥିବା ବାପପୁଅଙ୍କୁ ଉଠାଇ ନେଇଛି ପୋଲିସ। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ଦରସିଂହା ଗ୍ରାମ ଖଳିବାହାଳ ସାହିରେ ବୁଧବାର ଘଟିଥିବା ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏସ୍‌ଆଇ ବ୍ରଜକିଶୋର ମଲ୍ଲିକଙ୍କ ସୂଚନା ଅନୁଯାୟୀ, ଗ୍ରାମର ଏକ ପରିବାର ସାରଥି ବାବାଙ୍କ ଫଟୋରୁ ମହୁ ଏବଂ ଲହୁଣି ବାହାରୁଥିବା ପ୍ରଚାର କରୁଥିଲେ। ଏହାକୁ ଦେଖିବାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ମଙ୍ଗଳବାର କୁମାର ପୂର୍ଣ୍ଣିମା ଅବସରରେ ସମ୍ପୃକ୍ତ ପରିବାର ଦୂରଦୂରାନ୍ତରୁ ବହୁ ସାରଥି ଅନୁଗାମୀଙ୍କୁ ଡାକି ଭୋଜିଭାତର ଆୟୋଜନ କରିଥିଲେ। ଏଥିଲାଗି ପ୍ରଶାସନର ଅନୁମତି ନିଆଯାଇ ନ ଥିଲା। କୋଭିଡ୍ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗରେ ଗ୍ରାମବାସୀ ଏକାଠି ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ପହଞ୍ଚି କାର୍ଯ୍ୟକ୍ରମ ବନ୍ଦ କରିବା ସହିତ ସମ୍ପୃକ୍ତ ବାପପୁଅଙ୍କୁ ଉଠାଇ ନେଇଛି। ଆଗକୁ ଏଭଳି କାର୍ଯ୍ୟ କଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ‘ଶତଦ୍ରଦା’ ଉନ୍ମୋଚିତ

**ପରଜଙ୍ଗ, ୨୦।୧୦(ଡି.ଏନ.ଏ.):** ପରଜଙ୍ଗ କଲେଜ ଓଡ଼ିଆ ବିଭାଗର ବାର୍ଷିକ ପତ୍ରିକା ‘ଶତଦ୍ରଦା’ ଲକ୍ଷ୍ମୀପୂଜା ଅବସରରେ ଉନ୍ମୋଚିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନିହାର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଅଧାପକ ପ୍ରସନ୍ନ କୁମାର ସାହୁ ଯୋଗଦେଇ ଗୁରୁ-ଶିଷ୍ୟ ମଧ୍ୟରେ ଥିବା ପବିତ୍ର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଇଂଲିଶ ବିଭାଗର ବିଦାୟୀ ମୁଖ୍ୟ ପ୍ରଫେସର ପ୍ରବୋଧ କୁମାର ରଥ ଏବଂ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ନବାଗତଙ୍କୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅଧାପକ ଅଞ୍ଜନ ମହାରଣା, ଅଧାପିକା ପ୍ରାଚୀପ୍ରଭା ସାମନ୍ତ, ଦେବୀକୃପା ପ୍ରଜ୍ଞାପାରମିତା ଦଳବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କୁମାରୀ ପାଳିଲେ କୁମାର ପୂର୍ଣ୍ଣିମା

**ପରଜଙ୍ଗ, ୨୦।୧୦(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକର ପୁରପଲ୍ଲିରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଆଶ୍ୱିନ ମାସସାରା ଜହ୍ନିଓଷା ବ୍ରତ କରିଥିବା କୁମାରୀ ଝିଅମାନେ ମା’ ବୃନ୍ଦାବତୀଙ୍କ ପାଖରେ ନିର୍ଜଳା ଉପବାସ ରଖି ପୂଜାର୍ଚ୍ଚନା କରିଥିଲେ। ମା’ ବୃନ୍ଦାବତୀଙ୍କୁ ଭକ୍ତିର ସହିତ ପୂଜାର୍ଚ୍ଚନା କଲେ ମନୋସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହାକୁ ନେଇ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

### ୧୦ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୦।୧୦:** ଢେଙ୍କାନାଳ ଜିଲାରୁ ବୁଧବାର ୧୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୮୩୩ରେ ପହଞ୍ଚିଛି। ସେହିପରି ୩ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨, ଭୁବନ ବ୍ଲକର ୨ ଓ ଏନ୍‌ଏସିର ୨, ଓଡ଼ାପଡ଼ା ବ୍ଲକର ୨, ହିନ୍ଦୋଳ ଏନ୍‌ଏସିର ୧, କାମାକ୍ଷାନଗର ବ୍ଲକର ଜଣେ ରହିଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଥିବାବେଳେ ମୃତ୍ୟୁସଂଖ୍ୟା ୨୪୩ରେ ସ୍ଥିର ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଅଣସଂରକ୍ଷିତ ଆସନକୁ ଆଖି

**କାମାକ୍ଷାନଗର, ୨୦।୧୦(ଡି.ଏନ୍.ଏ)**

- ଗାଁ ରାଜନୀତି ଚଳଚଞ୍ଚଳ
- ଚୂଡ଼ାନ୍ତ ତାଲିକାକୁ ଅପେକ୍ଷା

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ଚଳଚଞ୍ଚଳ ହୋଇ ଉଠିଛି ଗାଁ ରାଜନୀତି। ଅଣସଂରକ୍ଷିତ ଆସନଗୁଡ଼ିକୁ ଦଖଲ କରିବାକୁ ଏବେଠୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତି ଆରମ୍ଭ ହେଲାଣି। ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇବାକୁ ଥିବା ଆଶାୟୀମାନେ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହାନ୍ତି। ଚୂଡ଼ାନ୍ତ ତାଲିକାକୁ ସମସ୍ତେ ଅପେକ୍ଷା କରିଥିବାବେଳେ ଢେଙ୍କାନାଳ ଜିଲାର ଅନ୍ୟତମ ପ୍ରମୁଖ ରାଜନୈତିକ କରିଡର କାମାକ୍ଷାନଗର ବ୍ଲକରେ ଉଷ୍ମ ହୋଇଛି ରାଜନୈତିକ ବାତାବରଣ।

କାମାକ୍ଷାନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଦୀର୍ଘ ୨୫ବର୍ଷ ହେଲା ମହିଳାଙ୍କ ଅକ୍ତିଆରରେ ରହିଛି। ୧୯୯୭ରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷା ପଦବୀ ମହିଳାଙ୍କ ଲାଗି ସଂରକ୍ଷିତ ଥିଲା। ୨୦୦୨ରେ ଅଣସଂରକ୍ଷିତ ଥିବା ଅଧ୍ୟକ୍ଷ ପଦବୀରେ ମହିଳା ପ୍ରାର୍ଥିନୀ ବିଜୟୀ ହୋଇଥିଲେ। ୨୦୦୭ରେ ଏହା ଅନୁସୂଚିତ ଜାତି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ୨୦୧୨ରେ ପୁନର୍ବାର ଅଧ୍ୟକ୍ଷା ପଦବୀ ଅଣସଂରକ୍ଷିତ ଥିବାବେଳେ ଏହି ଆସନକୁ କବ୍‌ଜା କରିଥିଲେ ମହିଳା। ୨୦୧୭ ନିର୍ବାଚନରେ ଅନୁସୂଚିତ ଜନଜାତି ମହିଳା ବର୍ଗ ପାଇଁ ଏହି ଆସନ ସଂରକ୍ଷିତ ଥିଲା। ଚଳିତ ଚିଠା ତାଲିକାରେ ଏହା ଅଣସଂରକ୍ଷିତ ରହିଥିବାରୁ ପ୍ରତିଦଳର ଦାବିଦାରଙ୍କ ସଂଖ୍ୟା ବଢ଼ିବା ଯଥେଷ୍ଟ ସମ୍ଭାବନା ରହିଛି।

ସେହିପରି ବ୍ଲକ ଅଧୀନ ୨୨ ପଞ୍ଚାୟତର ସରପଞ୍ଚ ପଦବୀ ମଧ୍ୟରୁ ୧୧ (୭ ପୁରୁଷ, ୪ ମହିଳା) ଅଣସଂରକ୍ଷିତ ରହିଛି। ସେହିପରି ପଛୁଆବର୍ଗ ପାଇଁ ୩ ପଦ (୨ ମହିଳା, ଜଣେ ପୁରୁଷ), ଅନୁସୂଚିତ ଜାତି ପାଇଁ ୫ (୩ ମହିଳା, ୨ ପୁରୁଷ) ଏବଂ ଅନୁସୂଚିତ ଜନଜାତି ପାଇଁ ୩ (୨ ମହିଳା, ଜଣେ ପୁରୁଷ) ପଦବୀ ସଂରକ୍ଷିତ ରହିଛି। ପ୍ରକାଶିତ ସଂରକ୍ଷିତ ଚିଠା ତାଲିକାରେ ଅନେକ ନେତା ଅସନ୍ତୋଷ ପ୍ରକାଶ କରି ପ୍ରଶାସନ ନିକଟରେ ଆପତ୍ତି ଅଭିଯୋଗ କରିଛନ୍ତି। କେତେକ କ୍ଷେତ୍ରରେ ଛୋଟ ଧରଣର ପରିବର୍ତ୍ତନ ହେବା ନେଇ ସେମାନେ ଆଶାରେ ରହିଛନ୍ତି। ଅପରପକ୍ଷେ ଚୂଡ଼ାନ୍ତ ତାଲିକା ପ୍ରକାଶ ପୂର୍ବରୁ ଉଭୟ ଶାସକ ଏବଂ ବିରୋଧୀ ଦଳ ପକ୍ଷରୁ ଦକ୍ଷ ପ୍ରାର୍ଥୀ ଖୋଜାକାର୍ଯ୍ୟ ଆରମ୍ଭ ହୋଇସାରିଲାଣି। ଅସନ୍ତୁଷ୍ଟ ଦଳୀୟ କର୍ମୀଙ୍କୁ ମନାଇବା, ଅନ୍ୟ ଦଳରୁ ନେତାକର୍ମୀଙ୍କୁ ସଙ୍ଗଠନରେ ସାମିଲ କରିବାକୁ ରଣନୀତି ପ୍ରସ୍ତୁତ ଚାଲିଛି। ଯେଉଁ ସ୍ଥାନରେ ଆସନ ସଂରକ୍ଷିତ ରହିଛି, ସେଠାକାର ଟାଣୁଆ ଆଶାୟୀମାନେ ବିକଳ୍ପ ସନ୍ଧାନରେ ଲାଗିପଡ଼ିଛନ୍ତି। ତେଣୁ ସବୁ ରାଜନୈତିକ ସମୀକରଣ ଏବଂ ଭବିଷ୍ୟତକୁ ନଜରରେ ରଖି ମୁଖିଆମାନେ ପ୍ରାର୍ଥୀ ଚୟନ କରିବେ ବୋଲି ଜଣାପଡ଼ିଛି।

ଏ ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତା ପ୍ରଭୁଦତ୍ତ ଭଞ୍ଜ କୁହନ୍ତି, ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳ ପ୍ରସ୍ତୁତ ରହିଛି। ସମସ୍ତଙ୍କ ସହମତିରେ ପ୍ରାର୍ଥୀ ଚୟନ କରାଯିବ। ଭାଜପା ମିଡିଆସେଲ୍ ପ୍ରଭାରୀ ଚନ୍ଦନ କୁମାର ବେହେରା କୁହନ୍ତି, ନିର୍ବାଚନର ସମ୍ମୁଖୀନ ହେବାକୁ ଦଳ ପ୍ରସ୍ତୁତ ରହିଛି। ୱାର୍ଡସ୍ତରରୁ ୧୨ ଜଣିଆ କମିଟି ଗଠନ କରି ତୃଣମୂଳସ୍ତରରୁ ଦଳକୁ ମଜଭୁତ୍ କରାଯାଇଛି। ବିଜେଡି ବ୍ଲକ ସଭାପତି ଲଳିତ ସାହୁ କୁହନ୍ତି, ଗାଁ ଗାଁରେ ଦଳ ଲୋକପ୍ରିୟତା ହାସଲ କରିଛି। ଦଳ ପୂର୍ବାପେକ୍ଷା ଆହୁରି ଭଲ ପ୍ରଦର୍ଶନ କରିବ।

## କାମାକ୍ଷାନଗରରେ କଳାହାଣ୍ଡି ତାତି



ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କାମାକ୍ଷାନଗର, ୨୦।୧୦(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ ଏବଂ ହତ୍ୟା ମାମଲାର ତାତି କାମାକ୍ଷାନଗରରେ ଦେଖିବାକୁ ମିଳିଛି। ଏହି ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ଉପଖଣ୍ଡ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯୁବନେତା ଦୀପକ ଗୋଚ୍ଛାୟତଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ସ୍ଥାନୀୟ ତାରିଣୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ହନୁମାନ ମନ୍ଦିରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାଜପା ନେତା ବିଭୁ ପଟ୍ଟନାୟକ, ପବିତ୍ର ବିଶ୍ୱାଳ, ଚନ୍ଦନ ବେହେରା, ଜିତେନ୍ଦ୍ରିୟ ବିଶ୍ୱାଳ, ସଞ୍ଜୀବ ପଣ୍ଡା, ଅଜୟ ଷେଣ୍ଡେ, ଅଜିତ ସେଠ, ସୁମନ ସନ୍ଦୀପ ମହାପାତ୍ର, ଅଜୟ ରାଉତ, ଅମୀର ବିଶ୍ୱାଳ, ବ୍ରହ୍ମାନନ୍ଦ ସାହୁ, ଦେବୀ ପ୍ରସାଦ ସିଂ, ଲକ୍ଷ୍ମଣ ବିଶ୍ୱାଳ, ରସାନନ୍ଦ ଦେହୁରୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# କାଳୀପୂଜା ପାଇଁ ଉଠିଲା ମାଟି



ଶୁଭମାଟି ଅନୁକୂଳ ଅବସରରେ କାଳୀବଜାର ବଣିକ ସଂଘର କର୍ମକର୍ତ୍ତାମାନେ।

**ଭୁବନ, ୨୦।୧୦(ଡି.ଏନ୍.ଏ.)**

ଭୁବନର ପ୍ରସିଦ୍ଧ କାଳୀପୂଜା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। କୁମାର ପୂର୍ଣ୍ଣିମା ଅବସରରେ କାଳୀବଜାର ବଣିକ ସଂଘ ପକ୍ଷରୁ ବୁଧବାର ଶୁଭମାଟି ଅନୁକୂଳ କରାଯାଇଛି। ବଣିକ ସଂଘର ସଭାପତି ସମୀର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବ୍ରାହ୍ମଣୀ ନଦୀର ଶାଖା ରଗଡ଼ି ନାଳରୁ ପୂଜାର୍ଚ୍ଚନା ପରେ ମାଟି ଉଠା ଯାଇଥିଲା। ନଗର ପରିକ୍ରମାରେ ସଂଘର କର୍ମକର୍ତ୍ତା, ବାଜା, ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଉପସଭାପତି ବାବନ ପୃଷ୍ଟି, ସମ୍ପାଦକ ବିଶ୍ୱଜିତ୍ ବାରିକ, ବରିଷ୍ଠ କର୍ମକର୍ତ୍ତା ସରୋଜ ସାହୁ, ସୁବ୍ରତ ସାହୁ, ଗୌରାଙ୍ଗ ପୃଷ୍ଟି, ଶିଶିର ସାହୁ, ସୂରଜ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ନିରାଡମ୍ବରରେ ପୂଜା କରାଯିବ। ଆକର୍ଷଣୀୟ ସାଜସଜ୍ଜା ହେବନାହିଁ ବୋଲି ନିଷ୍ପତ୍ତି ହୋଇଛି।

# ଇନ୍ଦିପୁର ଉତ୍ସବମୁଖର

**ଢେଙ୍କାନାଳ ଅଫିସ, ୨୦।୧୦**

ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି ୫ଦିନ ବ୍ୟାପୀ ଲକ୍ଷ୍ମୀପୂଜା ଉତ୍ସବ। ଇନ୍ଦିପୁର ଲକ୍ଷ୍ମୀପୂଜାର ସ୍ୱାତନ୍ତ୍ର୍ୟତା ରହିଥିବାବେଳେ ଏହାକୁ ନେଇ ସମଗ୍ର ଅଞ୍ଚଳରେ ସୃଷ୍ଟି ହୋଇଛି ଭକ୍ତିଭାବପୂର୍ଣ୍ଣ ପରିବେଶ।

ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ୨୫ ମଣ୍ଡପରେ ମା’ଙ୍କ ଆବାହନ କରାଯାଉଛି। ବଡ଼ଦାଣ୍ଡ ସାହି, କଲେଜ ଛକ, ସୁବର୍ଣ୍ଣ ସାହି, ଜୁଆଙ୍ଗ ସାହି, ଧନେଶ୍ୱର ପୂଜା ପ୍ରତିଷ୍ଠାନ, ବସଷ୍ଟାଣ୍ଡ, ବ୍ୟାଙ୍କ ଛକ, ଉପର ନୂଆସାହି (ଖ), ଉପର ନୂଆସାହି (ଗ), ଖଣ୍ଡିଆବନ୍ଧ, ବରଷଘରିଆ, ଶବରସାହି, କଂସାରି ସାହି, ତେରଘରିଆ, ରାଜପୃଷ୍ଟି ପୂଜା ପ୍ରତିଷ୍ଠାନ, ବଉଳ ଛକ, ହରିଜନ ସାହି, ମାଇନର ସ୍କୁଲ ଛକ, ତନ୍ତୀ ସାହି, ମଠସାହି, ଚନ୍ଦନ ମଣ୍ଡପ ସାହି, ଘଣାଶାଳ ସାହି, ବଢ଼େଇ ସାହି, ଲୁଣି ଏବଂ ତନ୍ତୀସାହି (ଖ) ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ଇନ୍ଦିପୁର ମିଳିତ ଲକ୍ଷ୍ମୀପୂଜା କମିଟି ସଭାପତି ଦାମୋଦର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।



ଇନ୍ଦିପୁର ବରଷଘରିଆ ପୂଜା ପ୍ରତିଷ୍ଠାନରେ ପୂଜା ପାଉଥିବା ମା’ଙ୍କ ମୃଣ୍ମୟ ପ୍ରତିମା।

## ଲୋକନୃତ୍ୟ ଉତ୍ସବ

**ଢେଙ୍କାନାଳ ଅଫିସ, ୨୦।୧୦**

ଢେଙ୍କାନାଳର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ‘ନେଷ୍ଟ’ର ଦୁଇଦିନିଆ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଲେଖକ ସଂସଦ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ନୃତ୍ୟାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ସାମାଜିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାବାନ ବ୍ୟକ୍ତି ସମ୍ବର୍ଦ୍ଧିତ ହୋଇଥିଲେ ମୁଖ୍ୟଅତିଥି ଭାବେ ଭିକାରି ଚରଣ ରାଉତ, ସମ୍ମାନିତ ଅତିଥି ସାଇଶ୍ରୀ ପଟ୍ଟନାୟକ, ଅନନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକ ସାହୁ, ଅଜୟ କୁମାର ସାହୁ, ଭରତ ଭୂଷଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭୁବନ ଏନ୍‌ଏସିରେ ୧୦ ମେଢ଼

**ଭୁବନ, ୨୦।୧୦(ଡି.ଏନ.ଏ.)**

ଗଣପର୍ବ ଲକ୍ଷ୍ମୀପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଭୁବନ ଏନ୍‌ଏସି। ଚଳିତବର୍ଷ ଅଞ୍ଚଳର ୧୦ ପୂଜା ପ୍ରତିଷ୍ଠାନରେ ମା’ଙ୍କ ଆରାଧନା କରାଯାଉଛି। କୋଭିଡ୍ କଟକଣା ମଧ୍ୟରେ ପୂଜାକାର୍ଯ୍ୟ ଚାଲିଥିବାବେଳେ ସର୍ବସାଧାରଣଙ୍କ ଦର୍ଶନ ବାରଣ କରାଯାଇଛି। କେତେକ ସ୍ଥାନରେ ମଙ୍ଗଳବାରଠାରୁ ପୂଜା ଆରମ୍ଭ ହୋଇଥିବାବେଳେ ଅନ୍ୟ କେତେକ ମଣ୍ଡପରେ ବୁଧବାରଠାରୁ ମା’ଙ୍କ ଆବାହନ କରାଯାଇଛି। ବଡ଼ହାଟ ମଉଡ଼ମଣି ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଅରାସାହି, ନୂଆ ବଜାର ବଣିକ ସଂଘ, ବଉଳ ଛକ, ଓଟ ପଡ଼ିଆ, କଂସାରୀ ସାହି, ଗୋପାଳ ମଣ୍ଡପ, ବାଜି ଛକ, ନୂଆ ଭୁବନ ଅଞ୍ଚଳରେ ଧନଦାତ୍ରୀଙ୍କ ପୂଜା କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପ୍ରତି ମଣ୍ଡପରେ ପୋଲିସ ମୁତୟନ ହୋଇଛନ୍ତି। ସେହିପରି ପୂଜା ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ମଧ୍ୟ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଭସାଣି ଉତ୍ସବ ମଧ୍ୟ ନିରାଡମ୍ବରରେ ସମ୍ପନ୍ନ ହେବ ବୋଲି ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ମଣ୍ଡପରେ କଟକଣା ଦେଖିଲେ ମହେଶ



ଏମ୍‌ପି ମହେଶ ସାହୁ ପୂଜା ମଣ୍ଡପ ବୁଲୁଛନ୍ତି।

**ଢେଙ୍କାନାଳ ଅଫିସ, ୨୦।୧୦**

କୋଭିଡ୍ କଟକଣା ପାଇଁ ଫିକା ପଡ଼ିଛି ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା। ମଣ୍ଡପରେ ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ପାର୍ବଣରେ ସାମାନ୍ୟ ଅବହେଳା ସ୍ଥିତି ବିଗାଡ଼ିବ। ତେଣୁ ଭସାଣି ଯାଏ ପ୍ରତି ପୂଜା ପ୍ରତିଷ୍ଠାନ ସର୍ବୋତ୍ତମ ସତର୍କତା ଅବଲମ୍ବନ କରିବାକୁ ନିବେଦନ କରିଛନ୍ତି ଏମ୍‌ପି ମହେଶ ସାହୁ।

ଲକ୍ଷ୍ମୀପୂଜାର ଦ୍ୱିତୀୟ ଦିବସରେ ଏମ୍‌ପି ଗୁଡିଆନାଳୀ, ବସଷ୍ଟାଣ୍ଡ, ଦୁର୍ଗାବଜାର, କୈବଲ୍ୟ ବଜାର, ଦେଉଳସାହି, ଜୁବୁଲିଟାଉନ, ଗଣେଶ ବଜାର, ମହାବୀର ବଜାର, ଲକ୍ଷ୍ମୀବଜାର, ଜବାହରଚୌକ, ମିନାବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, ବାଜିଚୌକ ଏବଂ ଚନ୍ଦନ ବଜାର ପୂଜାମଣ୍ଡପ ବୁଲିବା ସହ କୋଭିଡ୍ ଗାଇଡ୍‌ଲାଇନ ପାଳନର ତଦାରଖ କରିଥିଲେ। ଏମ୍‌ପିଙ୍କ ପୌରାଞ୍ଚଳ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ବ୍ଲକ ପ୍ରତିନିଧି ପ୍ରତାପ ଦାସ, ଶିଶିର ଦଳେଇ, ଅନିଲ ରାଉତ, ବାପି ଦାସ, ରାଜେଶ ପଟ୍ଟନାୟକ, ଅକ୍ଷୟ ମହାନ୍ତି, ଲୁଲୁ ଜେନା, ରାଜେନ୍ଦ୍ର ଦାସ, ପପୁ ମହାନ୍ତି, ଆନନ୍ଦ ସେଠୀ, ଶେଖର ସେଠୀ, ପ୍ରଶାନ୍ତ ଜେନା, ହିରୋଜ ଖାଁ, ଦୁଷ୍ମନ୍ତ ମହାନ୍ତି, ସ୍ୱରୂପାନନ୍ଦ ଦାସ, ରାଜୁନ ଖାଁ, ନିଆଜ ଅଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ।

# ସାରଙ୍ଗଧର ଥିଲେ ଗଡ଼ଜାତ ଆନ୍ଦୋଳନର ପୁରୋଧା

**ଢେଙ୍କାନାଳ ଅଫିସ, ୨୦।୧୦**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ତିଥି ଅନୁଯାୟୀ ଜୟନ୍ତୀ ସମାରୋହ ବୁଧବାର ପାଳିତ ହୋଇଯାଇଛି। ସାରଙ୍ଗଧର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଯୋଗେନ୍ଦ୍ରନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ବଳରାମ ମନ୍ଦିର ନିକଟ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲାପାଳ କହିଲେ, ସଂଗ୍ରାମୀ ସାରଙ୍ଗଧର ହେଉଛନ୍ତି ଗଡ଼ଜାତ ଆନ୍ଦୋଳନର ପୁରୋଧା। ତାଙ୍କ ଜୀବନରେ ଗାନ୍ଧୀଙ୍କ ଜୀବନାଦର୍ଶ ପ୍ରତିଫଳିତ ହୋଇଥିଲା। ଆଜିର ଯୁବପିଢ଼ି ଏଭଳି ଯୋଗଜନ୍ମାଙ୍କ ପଦାଙ୍କ ଅନୁସରଣ କରିବା ଉଚିତ ବୋଲି ଜିଲାପାଳ ଆହ୍ୱାନ ଦେଇଥିଲେ। ଢେଙ୍କାନାଳରେ ପୂଜ୍ୟପୂଜାର ପରମ୍ପରା ବ୍ୟବସ୍ଥିତ ଢଙ୍ଗରେ ହେବା ଉଚିତ ବୋଲି ଢେଙ୍କାନାଳ ସଚେତନ ନାଗରିକ ଫୋରମର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମିଶ୍ର କହିଥିଲେ। ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଲକ୍ଷ୍ମୀଧର ସାହୁ, ଫୋରମ ସମ୍ପାଦକ ଭରତ କୁମାର ଦାସ, ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, ହରିହର ପଣ୍ଡା, ପ୍ରଭାତୀ ମହାପାତ୍ର, ଶିଳ୍ପୀଶ୍ରୀ ହରିଚନ୍ଦନ, ସୁଚିତ୍ରା ସିଂ, ଝରଣା ମହାନ୍ତି, ଅମରେନ୍ଦ୍ର ସାହୁ, ରୁଦ୍ରନାରାୟଣ ମହାପାତ୍ର, ରଣଜିତ ପାଣିଗ୍ରାହୀ, ହରିହର ସାହୁ, ଦୟାନିଧି ବେହେରା ଏବଂ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ସାରଙ୍ଗଧର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିବୃନ୍ଦ।

## ମଣ୍ଡପରେ ମା’




ଢେଙ୍କାନାଳ ଗଣେଶ ବଜାରର ଚାନ୍ଦିମେଢ଼।



ଆନନ୍ଦ ବଜାର।



ଜବାହର ଚୌକ।



ଭୁବନ ବଡ଼ହାଟ ପୂଜା ପ୍ରତିଷ୍ଠାନ।

## ଆଜି କ'ଣ କେଉଁଠି

ଅନୁଗୋଳ

- ୬୨ତମ ପୋଲିସ ଶହୀଦ ଦିବସ, ସ୍ଥାନ- ଛେଳିଆପଡା ପୋଲିସ ରିଜର୍ଭ ପଡିଆ, ସମୟ- ପୂର୍ବାହ୍ନ ୮ ଘଟିକା।

## ସଂକ୍ଷେପରେ

### ବିକାଶ ପାଇଁ ଏକାଠି ହେବାକୁ ଆହ୍ୱାନ

**ଅନୁଗୋଳ ଅଫିସ, ୨୦ା୧୦:** ଅନୁଗୋଳ ମିଶ୍ରପଡାସ୍ଥିତ କାର୍ଯ୍ୟାଳୟରେ ନଗର ମଣ୍ଡଳ ଭାଜପାର ଏକ ସାଧାରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ପ୍ରଦୀପ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଦଳର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସହରର ବିକାଶ ପାଇଁ ସମସ୍ତ ସଦସ୍ୟ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦିକା ସୁଶ୍ରୀ ନମିତା ଦଳବେହେରା, ଜିଲା ଉପସଭାପତି ସୁଜାତା ଦାସ, ଉପସଭାପତି ଅଶୋକ ପ୍ରସାଦ ସାହୁ, ସୁନୀଲ ତୁଲସିୟାନ, ସାଧାରଣ ସମ୍ପାଦକ ବିପିନ ପତି ଓ ବିକ୍ରମ କେଶରୀ ମହାପାତ୍ର, ସମ୍ପାଦକ ବିଶ୍ୱେଶର ଦାଶ, ଚିନ୍ମୟ ପାଢୀ, ସୁଶାନ୍ତ ଜେନା, ସନ୍ତୋଷ ନାଏକ, ଅନୁଗୋଳ ନଗର ପ୍ରଭାରୀ ପ୍ରଭାତ ପ୍ରଧାନ, ଲୋକନାଥ ନାଏକ ପମୁଖ ଉପସ୍ଥିତ ଥିଲେ।

### ସମ୍ମାନିତ ହେବେ ଶହୀଦଙ୍କ ପରିବାର

**ଅନୁଗୋଳ ଅଫିସ, ୨୦ା୧୦:** ଦେଶ ପାଇଁ ଜୀବନ ଦେଇଥିବା ପୋଲିସ କର୍ମଚାରୀଙ୍କ ସ୍ମୃତିରେ ଗୁରୁବାର ପୋଲିସ ଶହୀଦ ଦିବସ ପାଳନ କରାଯିବ। ପ୍ରତିବର୍ଷ ପରି ଏଥର ମଧ ଅନୁଗୋଳ ଜିଲା ରିଜର୍ଭ ପୋଲିସ ପଡ଼ିଆରେ ଏହି ସମାରୋହ ଆୟୋଜନ କରାଯିବ। ଜିଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଏଥିସହ ନିଜ ଅଞ୍ଚଳରେ ଥିବା ଥାନା ପକ୍ଷରୁ ସ୍ଥାନୀୟ ବିଦ୍ୟାଳୟ ଗୁଡ଼ିକରେ ଶହୀଦ ଦିବସ ପାଳନ କରିବାକୁ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଥାନା ପକ୍ଷରୁ ଶହୀଦ ପରିବାରଙ୍କୁ ଉକ୍ତ କାର୍ଯ୍ୟକ୍ରମକୁ ଡାକି ସମ୍ମାନିତ କରାଯିବା ସହ ଶହୀଦଙ୍କ ଜୀବନୀ ଉପରେ ଆଲୋଚନା କରିବାକୁ କୁହାଯାଇଛି।

### ଚୋରି ଅଭିଯୋଗରେ ଜଣେ ଗିରଫ

**ଅନୁଗୋଳ ଅଫିସ, ୨୦ା୧୦:** ଅନୁଗୋଳ ସହରସ୍ଥିତ ମା' ବୁଢ଼ୀ ମନ୍ଦିର ନିକଟରେ ଥିବା ଶିବ ମନ୍ଦିର ହୁଣ୍ଡି ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ଚନ୍ଦନ ବଜାର ଗୋପାଳ ସାହିର କାଳିଆ ନାୟକ(୨୪)। ମନ୍ଦିର ପୂଜକ ନରେଶ ଚନ୍ଦ୍ର ମହାପାତ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ନଂ. ୫୩୭/୨୧ରେ ମାମଲା ରୁଜୁ କରି କାଳିଆଙ୍କୁ ଗିରଫ କରିବା ସହ ଏକ ସ୍କୁଟି ଜବତ କରିଛି। ଏହି ଘଟଣାରେ ଅନ୍ୟଜଣେ ଫେରାର ଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ କହିଛି, ମଙ୍ଗଳବାର ବିଳମ୍ବିତ ରାତିରେ କାଳିଆ ଓ ସହଯୋଗୀ ସ୍କୁଟିରେ ଆସି ମନ୍ଦିର ନିକଟରେ ପହଞ୍ଚିଥିଲେ। ଦୁହେଁ ମନ୍ଦିର ଫାଟକ ତାଲା କାଟି ଭିତରକୁ ଯାଇଥିଲେ। ଏହାପରେ ହୁଣ୍ଡି ବାକ୍ସ କାଟୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ମନ୍ଦିର ପୂଜକ ପହଞ୍ଚି ଯାଇଥିଲେ। ପୂଜକଙ୍କୁ ଦେଖି ଦୁହେଁ ସ୍କୁଟି ଛାଡ଼ି ଚମ୍ପଟ ମାରିଥିଲେ। ଖବରପାଇ ପୋଲିସ କାଳିଆଙ୍କୁ ଗିରଫ କରିବା ସହ ସ୍କୁଟି ଜବତ କରିଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

### ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୦ା୧୦:** ଅନୁଗୋଳ ଜିଲାରୁ ବୁଧବାର ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୧୮ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ବ୍ଲକରୁ ଜଣେ ଓ ତାଳଚେର ବ୍ଲକରୁ ଜଣେ ବ୍ୟକ୍ତି ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ଜଣେ ଅକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବା ବେଳେ କାହାରି ମୃତ୍ୟୁ ହୋଇ ନ ଥିବା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି।

# ବୃତ୍ତିକୁ ଅଭାବ ବଜାର

**ସକାଳ ହେଲେ ଚଳଚଞ୍ଚଳ ହୋଇଉଠେ ଥଟାରି ସାହି। ଭଳି କି ଭଳି ସାମଗ୍ରୀ ଗଢ଼ାଯାଏ ଏହି ଡୋକ୍ରା ଶିଳ୍ପୀଙ୍କ ଗ୍ରାମରେ। କିଏ ଘର ସାଜସଜ୍ଜା ନିମନ୍ତେ ତ ଆଉ କିଏ ଆକର୍ଷଣୀୟ ଅଳଙ୍କାରମାନ ପ୍ରସ୍ତୁତ କରନ୍ତି ଗ୍ରାହକଙ୍କ ପାଇଁ। ହେଲେ ମେଳା, ମହୋତ୍ସବ ହେଉ ନ ଥିବାରୁ ଏହି କାରିଗରଙ୍କୁ ମିଳୁନି ପରିଶ୍ରମର ମୂଲ୍ୟ।**

- ଦୁର୍ଦ୍ଦିନରେ ଛେଣ୍ଡିପଦାର ଡୋକ୍ରା କାରିଗର
- ୨ ବର୍ଷ ହେଲା ବିକ୍ରି ହୋଇପାରୁନି ସାମଗ୍ରୀ
- ସରକାରୀ ସହାୟତା କି ପ୍ରୋତ୍ସାହନ ନାହିଁ

**ଛେଣ୍ଡିପଦା,୨୦ା୧୦(ସ୍ୱ.ପ୍ର.)**

କୋଭିଡ୍ ପାଇଁ ପ୍ରାୟ ୨ ବର୍ଷ ହେଲା ଲାଗିନି ମେଳା। ଆୟୋଜନ ହେଉନି ପ୍ରଦର୍ଶନୀ। ପୂଜା ମହୋତ୍ସବ କଟକଣା ମଧ୍ୟରେ ପାଳନ ହେଉଥିବାବେଳେ ଯାନିଯାତ୍ରାକୁ ଅନୁମତି ନାହିଁ। ତେଣୁ ହାତଗଢ଼ା ସାମଗ୍ରୀ ବିକ୍ରି କରିବାକୁ ଉପଯୁକ୍ତ ବଜାର ପାଉନାହାନ୍ତି କାରିଗର। ପୂର୍ବରୁ ମିଳୁଥିବା ସରକାରୀ ପ୍ରୋତ୍ସାହନ ମଧ ଆଉ ନାହିଁ। ଫଳରେ ବୃତ୍ତି ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିର ପଞ୍ଚାୟତ ଥଟାରି ସାହିର ଡୋକ୍ରା ଶିଳ୍ପୀ।

ଛେଣ୍ଡିପଦା ବ୍ଲକ ଟାଙ୍ଗିର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଥଟାରି ସାହି ଡୋକ୍ରା ଶିଳ୍ପ ପାଇଁ ବେଶ୍ ଜଣାଶୁଣା। ସାହିରେ ରହୁଥିବା ୯୨ରୁ ଊର୍ଦ୍ଧ୍ୱ ପରିବାରଙ୍କ ଏହା କୌଳିକ ବୃତ୍ତି। ମହମ, ମାଟି, କୋଇଲା, ଲାଖ ଓ ପିତଳ ମାଧ୍ୟମରେ ଏମାନେ ପ୍ରସ୍ତୁତ କରନ୍ତି ଭଳି କି ଭଳି ଘରକରଣା ସାମଗ୍ରୀ। ଅଳଙ୍କାର, ଦେବଦେବୀଙ୍କ ମୂର୍ତ୍ତି ଗଢ଼ିବା ସହ ବିଭିନ୍ନ ସ୍ଥାନରେ ପଡୁଥିବା ମେଳା, ପ୍ରଦର୍ଶନୀରେ ଏହାକୁ ବିକ୍ରି କରନ୍ତି। ବଂଶାନୁକ୍ରମିକ ଭାବେ ଏହାକୁ ଡୋକ୍ରା କାରିଗରମାନେ ବଜାୟ ରଖି ଆସିଛନ୍ତି। ଏହି ହସ୍ତଶିଳ୍ପୀମାନେ ପ୍ରସ୍ତୁତ କରୁଥିବା ସାମଗ୍ରୀ କିଭଳି ବିକ୍ରି ହେବ ସେଥିପାଇଁ ପୂର୍ବରୁ ସରକାରୀସ୍ତରରେ ଉଦ୍ୟମ କରାଯାଉଥିଲା। ବିଭିନ୍ନ ମେଳା, ମହୋତ୍ସବ ଏମାନଙ୍କ ପାଇଁ ଆୟୋଜନ କରାଯାଉଥିଲା। କିନ୍ତୁ ଦୀର୍ଘ ବର୍ଷ ହେବ ଏ ନେଇ କୌଣସି ଉଦ୍ୟମ ସରକାରଙ୍କ ତରଫରୁ ହେଉନାହିଁ। ବିଶେଷକରି କୋଭିଡ୍ ପରଠାରୁ ଡୋକ୍ରା କାରିଗରଙ୍କ ରୋଜଗାର ପ୍ରାୟତଃ ବନ୍ଦ ହୋଇଯାଇଛି। ସେମାନେ ପ୍ରସ୍ତୁତ କରିଥିବା ବହୁ ଅଳଙ୍କାର ଓ ଉପକରଣ ଘରେ ପଡ଼ିରହିଛି। ଗାଁ ଗାଁ ବୁଲୁଥିଲେ ମଧ ସେସବୁ ବିକ୍ରି ହୋଇପାରୁ ନାହିଁ। ଫଳରେ ଜୀବିକା ସେମାନଙ୍କ ପାଇଁ ଏକପ୍ରକାର ବୋଝ ପାଲଟିଯାଇଛି।


ଜଣେ କାରିଗର ପିତଳରେ ହାତୀ ତିଆରି କରିଛନ୍ତି।

### ରୋଜଗାର ଚାଲିଯାଇଛି



" ସାହିର ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ହସ୍ତଶିଳ୍ପ ଉପରେ ନିର୍ଭରଶୀଳ। ଦୈନିକ କିଛି ନା କିଛି ଅଳଙ୍କାର ଓ ଉପକରଣ ତିଆରି କରାଯାଉଛି। ହେଲେ ସେସବୁ ବିକ୍ରି ହୋଇପାରୁ ନ ଥିବାରୁ ରୋଜଗାର ହେଉନାହିଁ।

-ରୋହିତ କୁମାର ସାହୁ, କାରିଗର

### ଉନ୍ନତି ଦିଗରେ ଧ୍ୟାନ ନାହିଁ



" ଡୋକ୍ରା ଶିଳ୍ପର ଉନ୍ନତି ଦିଗରେ ପୂର୍ବରୁ ସରକାରଙ୍କ ପକ୍ଷରୁ ଧ୍ୟାନ ଦିଆଯାଉଥିଲା। କାରିଗରଙ୍କୁ ଆବଶ୍ୟକ ତାଲିମ ମିଳୁଥିଲା। ସାମଗ୍ରୀ ବିକ୍ରି ପାଇଁ ପ୍ରଦର୍ଶନୀ ଆୟୋଜନ ହେଉଥିଲା। ହେଲେ ସେ ସବୁ ବନ୍ଦ ହେବାକୁ ବସିଲାଣି।

- କମଳା ସାହୁ, ତାଲିମଦାତା

### ତାଲିମ ବାବଦ ଟଙ୍କା ମିଳିନି



" ଦୀର୍ଘବର୍ଷ ହେବ ସରକାରଙ୍କ ପକ୍ଷରୁ ଡୋକ୍ରା କାରିଗରଙ୍କୁ ପ୍ରୋତ୍ସାହନ ଦିଆଯାଉନି। ଏପରି କି ଅତୀତରେ ତାଲିମ ବାବଦ ଟଙ୍କା ମିଳିବ ବୋଲି କହି ତାହା ଦେଲେନି। ସରକାରୀ ଯୋଜନା ଅଧାବାଟରେ ଅଟକିଯାଉଛି।

- ବୁଟା ସାହୁ, ସଭାପତି, ଥଟାରିସାହି

### ଡୋକ୍ରା ଭବନ ଜରାଜୀର୍ଣ୍ଣ



" ମହିଳାମାନଙ୍କୁ ନେଇ ଏକ ଉତ୍ପାଦିକା ସଂଘ ଗଠନ କରାଯାଇଛି। ଡୋକ୍ରା ଭବନ ନିର୍ମାଣ କରାଯାଇଛି। ହେଲେ ଉକ୍ତ ଭବନ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ତାଲିମ କାର୍ଯ୍ୟକ୍ରମ କରାଯାଉ ନାହିଁ।

-ମେନକା ସାହୁ, ସଭାପତି, ଉତ୍ପାଦିକା ସଂଘ

## ବିଏସ୍ଏନ୍ଏଲ୍ କର୍ମଚାରୀଙ୍କ ଆନ୍ଦୋଳନ

**ବଇଣ୍ଡା,୨୦ା୧୦(ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଓ ଆଠମଲ୍ଲିକ ବ୍ଲକରେ କାର୍ଯ୍ୟ କରୁଥିବା ବିଏସ୍ଏନ୍ଏଲ୍ କର୍ମଚାରୀମାନେ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ଉପଖଣ୍ଡରେ ସେବା ବ୍ୟାଘାତ ହୋଇଛି। ଉପଖଣ୍ଡର ବଇଣ୍ଡା, ନାକିଚି, କିଶୋରନଗର, ପାଇକସାହି, ଠାକୁରଗଡ଼, ମାଧପୁର, ଆଠମଲ୍ଲିକ, ଆଦି ୭ଟି ସ୍ଥାନରେ ବିଏସ୍ଏନ୍ଏଲ୍ ଏକ୍ସଚେଞ୍ଜ ରହିଛି। ଏଠାରେ ଥିବା ୭ ଜଣ କର୍ମଚାରୀ ୧୫ ମାସ ହେବ ଦରମା ପାଇନାହାନ୍ତି। ଏଥିସହ ୨୦୧୯ରୁ ଇପିଏଫଓ ଟଙ୍କା ମଧ ଦିଆଯାଉନାହିଁ। ଏ ନେଇ ସେମାନେ ଢେଙ୍କାନାଳ ବିଏସ୍ଏଲ୍ଏଲ୍ ବିଭାଗର ଜେନେରାଲ ମ୍ୟାନେଜର, ଅନୁଗୋଳ ଏସ୍‌ଡିଓଙ୍କୁ ଅଭିଯୋଗ କରିଥିଲେ ମଧ ପଦକ୍ଷେପ ନିଆଯାଇନାହିଁ। ଫଳରେ କର୍ମଚାରୀମାନେ ଆନ୍ଦୋଳନ କରିଛନ୍ତି। ଏଥିଯୋଗୁ ବୁଧବାର ସକାଳୁ ଉପଖଣ୍ଡରରେ ବିଏସ୍ଏନ୍ଏଲ୍ ସେବା ଅଚଳ ହୋଇପଡିଛି। ଏ ନେଇ ଅନୁଗୋଳ ବିଏସ୍ଏନ୍ଏଲ୍ ଏସଡିଓ ପ୍ରଶାନ୍ତ କୁମାର ଦେବେତା କହିଛନ୍ତି, କର୍ମଚାରୀଙ୍କ ଦରମା ପ୍ରଦାନ ଉପରେ ଠିକାସଂସ୍ଥା ସହ ଆଲୋଚନା କରାଯାଇ ପଦେକ୍ଷେପ ନିଆଯିବ।

# ଦୃଷ୍ଟାନ୍ତମୂଳକ ଶାସ୍ତି ଦାବି

**ଅନୁଗୋଳ ଅଫିସ, ୨୦ା୧୦**

କଳାହାଣ୍ଡି ଜିଲା ସନଶାଇନ୍ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟାକାରୀମାନଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଶାସ୍ତିଦେବା, ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ମମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ, ମଦ ଓ ମାଦକ ଦ୍ରବ୍ୟ, ଅଶ୍ଳୀଳତା, ଅପସଂସ୍କୃତିର ପ୍ରସାର ପ୍ରଚାର ବନ୍ଦ, ମହିଳା ଓ ଛାତ୍ରୀମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ଆଦି ଦାବିରେ ଏଆଇଡିଏସ୍‌ଓ, ଏଆଇଡିୱାଇଓ ଏବଂ ଏଆଇଏମ୍ଏସ୍ଏସ୍ ପକ୍ଷରୁ ଅନୁଗୁଳ ବସଷ୍ଟାଣ୍ଡ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଏଆଇଏମ୍ଏସ୍ଏସ୍ ଜିଲା ସମ୍ପାଦିକା ମାନସୀ ସ୍ୱାଇଁ ସଭାପତିତ୍ୱ କରି ରାଜ୍ୟରେ ମହିଳା ଓ ଛାତ୍ରୀମାନେ ସୁରକ୍ଷିତ ନୁହନ୍ତି ବୋଲି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଡିୱାଇଓ ରାଜ୍ୟ ସଭାପତି ବିଜୟାନନ୍ଦ ମଲ୍ଲିକ, ଜିଲା ସଂଗଠକ ନିରଞ୍ଜନ ନାୟକ, ଏଆଇଡିଏସ୍‌ଓ ଜିଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ, ନିରୁପମା ନାୟକ, ଅନୁପମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳଚେର ନଗର ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ବସ୍‌ଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

**କଣିହାଁ,୨୦ା୧୦(ଡି.ଏନ.ଏ.)**

କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଜୀବନସାଥି ଫାଉଣ୍ଡେଶନ ଓ ଲକ୍ଷ୍ମୀପୂଜା କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବେ କଣିହାଁ ଥାନା ଆଇଆଇସି କିଶୋର କୁମାର ସାମଲ, ଅଗ୍ନିଶମ ବିଭାଗ ଅଧିକାରୀ ରୋହିତ କୁମାର ବେହେରା, ଡେରେଙ୍ଗ ଫାଣ୍ଡି ଅଧିକାରୀ ତ୍ରିଲୋଚନ ଖଟୁଆ, ଏଏସ୍ଆଇ ସରୋଜ ସାମଲ, ଶାରଦା ପ୍ରସାଦ ସାମନ୍ତ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଯୋଗେନ୍ଦ୍ର ବେହେରା ଓ ଲକ୍ଷ୍ମୀପୂଜା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ୍ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୂଜା କମିଟି ସଦସ୍ୟ ବିକି, ସମୀର, ଚିନ୍ମୟ, ଶିବା ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଅତିଥିଙ୍କ ସହିତ ଅନ୍ୟମାନେ।

## ୬ ଶିକାରୀ ଗିରଫ



**ବଇଣ୍ଡା,୨୦ା୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ରଘୁନାଥପୁର ଗ୍ରାମର ଚାଷୀ ଧର୍ମରାଜ ସାହୁଙ୍କ ଗତ ରବିବାର ବିଦ୍ୟୁତ୍ ଫାଶରେ ପଡ଼ି ଜୀବନ ଯାଇଥିଲା। ବାର୍‌ହା ଶିକାର ପାଇଁ ଶିକାରୀମାନେ ବିଦ୍ୟୁତ୍ ତାର ବିଛାଇଥିବାରୁ ଏପରି ଅଘଟଣ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବଇଣ୍ଡା ଫାଣ୍ଡି ପୋଲିସ ୬ ଜଣ ଶିକାରୀଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ରଘୁନାଥପୁର ଗ୍ରାମର ପ୍ରଶାନ୍ତ ବେହେରା (୪୦), ପ୍ରଶ୍ନ ଧଳ (୪୪), ଦୁଃଖିଆ ପ୍ରଧାନ (୩୦), ଗଣେଶ ଧଳ (୩୦), ରଞ୍ଜିତ ବେହେରା (୨୯), ଲମ୍ବୋଦର ବେହେରା (୩୫)। ପୋଲିସ ନମ୍ବର ୨୫୪/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ପୋଲିସ କହିଛି, ସମ୍ପୃକ୍ତ ୬ ଜଣ ଶିକାରୀ ଶନିବାର ରାତିରେ ଧର୍ମରାଜଙ୍କ ବାଇଗଣ ବିଲରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରୁ ବାରହା ଶିକାର ପାଇଁ ବିଦ୍ୟୁତ୍ ଫାଶ ପକାଇଥିଲେ। ଭୋର ସମୟରେ ବାଇଗଣ ବିଲକୁ ଯାଉଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଧର୍ମରାଜ ପ୍ରାଣ ହରାଇଥିଲେ।

# ୨୯ରେ ଭସାଣି ଉତ୍ସବ ନିଷ୍ପତ୍ତି

**ଢେଙ୍କାନାଳ ଅଫିସ,୨୦ା୧୦**

ଢେଙ୍କାନାଳ ମିଳିତବଜାର ଲକ୍ଷ୍ମୀପୂଜା କମିଟିର ଏକ ବୈଠକ ସ୍ଥାନୀୟ ସୂର୍ଯ୍ୟ ମଣ୍ଡପଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୀନାବଜାର ପୂଜା କମିଟି ସଭାପତି ରବିନାରାୟଣ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମିଳିତବଜାର ଲକ୍ଷ୍ମୀପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ପିତବାସ ସାହୁ, ଶାନ୍ତି କମିଟି ସଭାପତି ନବକିଶୋର ଗୁରୁ ଉପସ୍ଥିତ ଥିଲେ। ଆସନ୍ତା ୨୯ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପୂଜା ମଣ୍ଡପ ଗୁଡିକରେ ଭିଡ ନ ହେବା ପାଇଁ ବ୍ୟାରିକେଡ କରାଯାଇଥିବାବେଳେ ପରଦା ଟାଙ୍ଗିବା ପାଇଁ ପୋଲିସ ପକ୍ଷରୁ ଜବରଦସ୍ତ କରାଯିବାରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସେହିପରି ପ୍ରଶାସନ ଉପସ୍ଥିତିରେ ପୂଜା ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାସ୍ତା ମରାମତି, ପାନୀୟଜଳ ଯୋଗାଣକୁ ଠିକ ଭାବେ କରିବାକୁ କୁହାଯାଇଥିଲେ ମଧ କାମ ଠିକ୍ ଭାବେ ହୋଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିପ୍ରତି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆଲୋଚନା ହୋଇଥିଲା। ସେହିପରି ମିଳିତ ବଜାର ପୂଜା କମିଟିର ବିନା ନିଷ୍ପତ୍ତିରେ କୌଣସି ଅଞ୍ଚଳରେ ପୂଜା ପ୍ରତିଷ୍ଠାନ ହୋଇପାରିବ ନାହିଁ। ପୌରସଂସ୍ଥା ପକ୍ଷରୁ ପୂଜା ସମୟରେ ସହରରେ ସଫେଇ କାର୍ଯ୍ୟ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ମହାନ୍ତି, ସତ୍ୟସ୍ୱରୂପ ଦାସ, ରାମଚନ୍ଦ୍ର ପାତ୍ର, ସୁଧାଂଶୁ ଦଳେଇ, ଜ୍ଞାନଚାନ୍ଦ ମିଶ୍ର, ଜ୍ଞାନେନ୍ଦ୍ର ବେହେରା, ପ୍ରତାପ ବରାଳ, ହୃଦୟାନନ୍ଦ ମହାନ୍ତି, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରବିନ୍ଦ୍ରନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ।


ମିଳିତବଜାର ଲକ୍ଷ୍ମୀପୂଜା କମିଟି ବୈଠକ।

# ଜବରଦଖଲ ଉଚ୍ଛେଦ କଲା ପୌରପାଳିକା

**ଅନୁଗୋଳ ଅଫିସ, ୨୦ା୧୦**

ଅନୁଗୋଳ ପୌରପାଳିକା ପକ୍ଷରୁ ବୁଧବାର ସହରର ଅମଳାପଡ଼ାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଅମଳାପଡ଼ା ଠାରେ ସିୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ପାଇଁ ଏକ ଜାଗା ଚିହ୍ନଟ କରାଯାଇଥିଲେ ହେଁ ସେଠାରେ ମାଂସ ବ୍ୟବସାୟୀମାନେ ପସରା ମେଲାଇଥିବାରୁ ତାହାକୁ ଉଚ୍ଛେଦ କରାଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ପୂର୍ବରୁ ଆମିଷ ବଜାର ସହ ପରିବା ବ୍ୟବସାୟୀମାନେ ସେଠାରେ ବେପାର କରୁଥିଲେ। ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ସେମାନଙ୍କୁ ଉଚ୍ଛେଦ କରାଯିବା ସହ ଫଳକ ମାରିଥିଲା ପୌରପାଳିକା। ହେଲେ ବ୍ୟବସାୟୀମାନେ ପୁନର୍ବାର ଉକ୍ତ ଜାଗାକୁ ଜବରଦଖଲ କରି ବ୍ୟବସାୟ କରୁଥିବା ପୌରପାଳିକା ନିକଟରେ ଖବର ପହଞ୍ଚିଥିଲା। ତେଣୁ ପୌର ପ୍ରଶାସନ ପକ୍ଷରୁ ସେଠାରେ ବସିଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରାଯାଇଛି।


ମାଂସ ଦୋକାନ ଉଚ୍ଛେଦ ପୂର୍ବରୁ ବାଉଁଶ ଖୋଲି ନିଆଯାଉଛି।

## ଦୁଇ ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୦ା୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ସାହାଜବାହଲ ଗ୍ରାମର ଅଞ୍ଜଳି ବେହେରାଙ୍କୁ ସେହି ଗ୍ରାମର ପ୍ରଦୀପ ମୁଣ୍ଡା ମାଡ଼ ମାରିଥିବା ମଙ୍ଗଳବାର କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଅଞ୍ଜଳି ଘରେ ଥିବାବେଳେ କୌଣସି କାମ ନ ଥାଇ ତାଙ୍କ ଘର ଭିତରକୁ ପ୍ରଦୀପ ପଶିଆସ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନମ୍ବର ୧୭୬/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ତାଳପଦର ଗ୍ରାମର ଲକ୍ଷ୍ମୀବତୀ ପ୍ରଧାନଙ୍କୁ ସେହି ଗ୍ରାମର ଦୁଖଃବନ୍ଧୁ ପ୍ରଧାନ ମାଡ଼ ମାରିଥିବା ମଙ୍ଗଳବାର କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ଲକ୍ଷ୍ମୀବତୀ ଦର୍ଶାଇଛନ୍ତି, ସୋମବାର ରାତିରେ ତାଙ୍କର ଏକ ଗଛକୁ କାଟି ଦିଆଯାଇଛି। ଏ ନେଇ ସେ ଗ୍ରାମରେ ବିଭିନ୍ନ ଲୋକଙ୍କୁ ପଚାରିଥିବାବେଳେ ଦୁଖଃବନ୍ଧୁ ତାଙ୍କୁ ମାଡ଼ ମାରିଛନ୍ତି। ପୋଲିସ ନମ୍ବର ୧୭୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମଦ ଜବତ, ୨ ଗିରଫ

**କଣିହାଁ,୨୦ା୧୦(ଡି.ଏନ.ଏ.)**

କଣିହାଁ ଥାନା ପୋଲିସ ବିଦେଶୀ ମଦ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାହାର ରାଜ୍ୟର ଅଖିଳେଶ ପ୍ରସାଦ ଓ ନିରଞ୍ଜନ ବେହେରା। ସେମାନଙ୍କ ନିକଟରୁ ୧୯ ଲିଟର ମଦ ସହ ଏକ ବାଇକ୍ ଜବତ ହୋଇଥିବା ଆଇଆଇସି କିଶୋର କୁମାର ସାମଲ ପ୍ରକାଶ କରିଛନ୍ତି।

# ପୂଜା ପାଇଲେ ଧନଦାତ୍ରୀ

## ସହରରେ ୮ ପ୍ଲାଟୁନ୍ ଫୋର୍ସ ମୁତୟନ

**ଅନୁଗୋଳ ଅଫିସ, ୨୦ା୧୦**

ଅନୁଗୋଳ ଜିଲାରେ ନିରାଡ଼ମ୍ବର ଭାବେ ଧନଦାତ୍ରୀଙ୍କ ପୂଜା ଆରମ୍ଭ ହୋଇଛି। କେବଳ ଅନୁଗୋଳ ସହରର ୩୧ଟି ମଣ୍ଡପରେ ମା'ଙ୍କୁ ପୂଜା କରାଯାଉଛି। ପ୍ରଶାସନ ପକ୍ଷରୁ କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇଥିବାରୁ ବଜାରରେ ଲୋକଙ୍କ ଗହଳି ଚହଳି ପୂର୍ବଭଳି ନାହିଁ। ତଥାପି କିଛି ଶ୍ରଦ୍ଧାଳୁ ଆବଦ୍ଧ ମଣ୍ଡପ ପାଖରେ ଗହଳି କରୁଛନ୍ତି। ତେଣୁ ଅମାନିଆ ଓ ଅସାମାଜିକଙ୍କୁ ସାବାଡ କରିବାକୁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଭିଡ଼ ଓ ଗାଡ଼ି ନିୟନ୍ତ୍ରଣ କରିବାକୁ ଅନୁଗୋଳ ପୋଲିସ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ସହରରେ ୮ ପ୍ଲାଟୁନ୍ ଫୋର୍ସ ମୁତୟନ ରହିଛନ୍ତି। ମୋଟ ୪୪ ଜଣ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଜିଲା ପୋଲିସ ପକ୍ଷରୁ କୁହାଯାଇଛି। ସେହିପରି ପାଲଲହଡ଼ା ଉପଖଣ୍ଡର ୧୦ଟି ମଣ୍ଡପ ଶାସନ ସାହି, କଦମ୍ବ ଚୌକ, ନୂଆ ବସ୍‌ଷ୍ଟାଣ୍ଡ, ଉଦିତନଗର, ଉଦୟପୁର, ସ୍କୁଲ ସାହି, ସାମନ୍ତ ସାହି, ପୁରୁଣାଗଡ଼ ସାହି, ରାମମନ୍ଦିର ଛକ ଏବଂ କଚେରୀ ରୋଡ୍ ପୂଜା ମଣ୍ଡପରେ ମାଙ୍କ ପୂଜା ଚାଲିଛି। ପ୍ରଶାସନ ପକ୍ଷରୁ ମଣ୍ଡପରେ ସର୍ବାଧିକ ୭ ଜଣଙ୍କୁ ଅନୁମତି ଦିଆଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରୋକ୍ ଲଗାଯାଇଛି। ୧୦ଟି କମିଟିକୁ ନେଇ ଗଠିତ କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ହେବାକୁଥିବା ଭସାଣିକୁ ମଧ ଅନୁମତି ଦିଆଯାଇ ନାହିଁ। ଫଳରେ କରୋନା କଟକଣା ଓ ପ୍ରଶାସନର ନିର୍ଦ୍ଦେଶ ପାଳନ କରି କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ କୌଣସି କାର୍ଯ୍ୟକ୍ରମ କରାଯିବ ନାହିଁ। ପ୍ରତ୍ୟେକ କମିଟି ନିଜ ସୁବିଧାରେ ଆସନ୍ତା ଶୁକ୍ରବାର ମା'ଙ୍କ ଭସାଣି କାର୍ଯ୍ୟ କରାଯିବ ବୋଲି କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲିଙ୍ଗରାଜ ଦାଶ ପ୍ରକାଶ କରିଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ପାଲଲହଡ଼ା ଥାନା ଅଧିକାରୀ ପରାଓ ଟୁଡୁ ପ୍ରକାଶ କରିଛନ୍ତି। ସେହିପରି କିଶୋରନଗର ବ୍ଲକ ବଇଣ୍ଡା, କଦଳୀମୁଣ୍ଡା, ନୁନୁକାପଶି, ବଡହୁଲା, ଗାଁ ବଇଣ୍ଡା, ହଣ୍ଡପା, ଇଚ୍ଛାପୁର, ବାଦିବାହାଳ, ନାକିଚି, ଡୁରୁଡା, ସଂଜାମୁରା, ଖଣ୍ଡହତା, ଆଠମଲ୍ଲିକ ବ୍ଲକର ସିମିଳିଆ, ଠାକୁରଗଡ, ଆଠମଲ୍ଲିକ ସହର ଚାରିଘରିଆ ସାହି, ବଡଦାଣ୍ଡ, ରଥ, ବଙ୍ଗଳା, ନୂଆ, ଗୁଗୁଡ଼ି ସାହିରେ ମା' ଲକ୍ଷ୍ମୀ ପୂଜା ପାଉଛନ୍ତି।


ଅନୁଗୋଳ ଜିଲା ଠାକୁରଗଡ଼ଠାରେ ହୋଇଥିବା ମେଢ଼।


ଆଠମଲ୍ଲିକ ସହର ଚାରିଘରିଆ ସାହି ମେଢ଼।


ପାଲଲହଡ଼ା ଉପଖଣ୍ଡରେ ହୋଇଥିବା ମା' ଲକ୍ଷ୍ମୀଙ୍କ ମେଢ଼।

# ଘରୋଇ କ୍ରିକେଟ୍ କ୍ୟାଲେଣ୍ଡରକୁ ଗୁରୁତ୍ୱ


ବୈଠକରେ ଉପସ୍ଥିତ ଓସିଏର କର୍ମକର୍ତ୍ତାମାନେ।

**ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଆପେକ୍ସ କାଉନ୍ସିଲ ବୈଠକ ବୁଧବାର ଓସିଏ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୧-୨୨ ସିଜନ ଘରୋଇ କ୍ରିକେଟ କ୍ୟାଲେଣ୍ଡରକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ହେବାକୁଥିବା ଆଗାମୀ ଟୁର୍ନାମେଣ୍ଟରେ ଓଡ଼ିଶା ଦଳର ଅଂଶଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଅକ୍ଷୟ କୁମାର ବେହେରା, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ମେହତାବ ଖାଁ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ କୁମାର ବେହେରା, ଆପେକ୍ସ କାଉନ୍ସିଲ ସଦସ୍ୟ ଶୁଭାଶିଷ ସେନାପତି ଏବଂ ଅନ୍ୟମାନଙ୍କ ମଧ୍ୟରେ ଅବକାଶ ଖଟୁଆ, ରଶ୍ମିତା ମହାନ୍ତି, ଦୀପକ ରଘୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କୁସ୍ତି ଉଦ୍‌ଯାପିତ

**ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି)** ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମ କ୍ଲବ ହାଉସଠାରେ ୨ ଦିନିଆ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ୨୦ ବର୍ଷରୁ କମ୍, ୧୬ରୁ ୧୮ ବର୍ଷ, ୧୫ ବର୍ଷରୁ କମ୍ ଓ ଜୁନିୟର ବାଳି କୁସ୍ତି ଆଦି ୪ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୬୦ ମହିଳା ଓ ଓ ୯୦ ପୁରୁଷଙ୍କୁ ମିଶାଇ ରାଜ୍ୟର ମୋଟ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ସିନିୟର ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ୧୧ରୁ ୧୩ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶରେ, ଜୁନିୟର ବାଳି କୁସ୍ତି ପ୍ରତିଯୋଗୀମାନେ ନଭେମ୍ବର ୧ ଓ ୨ ତାରିଖରେ ହରିୟାଣାର ହିସାରରେ ଏବଂ ୧୫ ବର୍ଷରୁ କମ୍ କୃତୀ ପ୍ରତିଯୋଗୀମାନେ ଡିସେମ୍ବର ୧୫ରୁ ୧୭ ପର୍ଯ୍ୟନ୍ତ ରାଞ୍ଚିଠାରେ ହେବାକୁଥିବା ଜାତୀୟ କୁସ୍ତି ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଥମ ଦିବସରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କାଉନ୍ସିଲ ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର ଅନ୍ୟତମ ଅତିଥି ଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର ବିଶିଷ୍ଟ କ୍ରୀଡ଼ା ସଂଗଠକ ତଥା ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି, ଜିଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା କୁସ୍ତି ସଂଘର ସଭାପତି ରାମଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ କୁମାର ରାଏ, କର୍ମକର୍ତ୍ତା ନୀଳମଣି ସାହୁ, ଦେବେନ୍ଦ୍ର ସାହୁ, ରବି ଶଙ୍କର ପ୍ରତିହାରୀ, ବିରଜା ପ୍ରସାଦ ଦାସ, କାଳନ୍ଦି ମାଳିଆ ପ୍ରମୁଖ ଉପସ୍ଥିତ ଥିଲେ। ଅଫିସିଆଲ ଭାବେ ନାରାୟଣ ବେହେରା, ପବିତ୍ର ରାଉତ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ସନ୍ତୋଷ ଦାସ, ଅମ୍ବାଳିକା ଜେନା, ଦିଲୀପ ନାରାୟଣ ଟୁଡୁ, ଶ୍ୟାମ ସୁନ୍ଦର ମହାପାତ୍ର, କୃଷ୍ଣ ମୋହନ ପାତ୍ର ସନ୍ତୋଷ ସାହୁ, ଅମିତ ସାହୁ, ସ୍ୱପ୍ନେଶ୍ୱର ନାୟକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟରୁ ପାଟିନସନଙ୍କ ଅବସର

**ମେଲବୋର୍ନ, ୨୦।୧୦(ପି.ଟି.)** ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଜେମ୍ସ ପାଟିନସନ ବୁଧବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଫିଟ୍‌ନେସଜନିତ ସମସ୍ୟା ଯୋଗୁ ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ହେଲା ବୋଲି ସେ କହିଛନ୍ତି। ଏହି କାରଣରୁ ସେ ଆଗାମୀ ଆସେସ ସିରିଜରେ ଦଳରେ ସ୍ଥାନ ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ୩୧ ବର୍ଷୀୟ ପାଟିନସନ ୨୧ଟି ଟେଷ୍ଟ ୧୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

ଭିକ୍ଟୋରିଆର ଏକ ଇଣ୍ଟ୍ରା ସ୍କ୍ୱାଡ ଟ୍ରାଏଲ ମ୍ୟାଚ୍‌ରେ ଖେଳିବା ବେଳେ ପାଟିନସନ ଆଣ୍ଠୁରେ ଆଘାତ ପାଇଥିଲେ। ଆଶେସ ପାଇଁ ଶତପ୍ରତିଶତ ଫିଟନେସର ଆବଶ୍ୟକତା ରହିଥିବା ବେଳେ ଏଥିପାଇଁ ଆଦୌ ପ୍ରସ୍ତୁତ ହୋଇରହି ନାହିଁ। ତେବେ ସେ ଭିକ୍ଟୋରିଆ ପାଇଁ ଘରୋଇ କ୍ରିକେଟ ଖେଳିବା ଜାରି ରଖିବେ ବୋଲି କହିଛନ୍ତି। ଯୁବ ଖେଳାଳିମାନଙ୍କୁ ଆଗକୁ ଆସିବା ପାଇଁ ସେ ସୁଯୋଗ ସୃଷ୍ଟି କରିବେ। ପାଟିନସନ କ୍ୟାରିୟରରେ ୮୧ ଟେଷ୍ଟ ଓ ୧୬ଟି ଦିନିକିଆ ଉଇକେଟ ହାସଲ କରିଛନ୍ତି।

# କଳାହାଣ୍ଡି କପ୍ ଫାଇନାଲ ୨୬ରୁ

**ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି):** ସମ୍ମାନଜନକ ୨ ଦିନିଆ କଳାହାଣ୍ଡି କପ୍ କ୍ରିକେଟର ଫାଇନାଲ ଚଳିତ ମାସ ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ହେବ। ପ୍ରତିକୂଳ ପାଗ ଓ ପରିବେଶକୁ ଦୃଷ୍ଟିରେ ରଖାଯାଇ ଏହି ନିଷ୍ପତ୍ତି ନିଆ ଯାଇଛି। ଫାଇନାଲରେ ଇକୋର୍ସା ଓ କଟକ-ଏ ମଧ୍ୟରେ ମୁକାବିଲା ହେବ। ଲିଗ୍ ପର୍ଯ୍ୟାୟରେ ଇକୋର୍ସା ଓ କଟକ-ଏ ପ୍ରଭାବୀ ପ୍ରଦର୍ଶନ କରି ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ।

**ଫୁଟସାଲ କ୍ଲବ ଚାମ୍ପିୟନଶିପ୍**

# ଆଶୀର୍ବାଦ ମ୍ୟାଚ୍ ଅଫିସିଆଲ

**ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି):** ସର୍ବଭାରତୀୟ ଫୁଟବଲ ଫେଡେରେଶନ ଆନୁକୂଲ୍ୟରେ ନୂଆଦିଲ୍ଲୀଠାରେ ନଭେମ୍ବର ୫ରୁ ୧୫ ପର୍ଯ୍ୟନ୍ତ ହିରୋ ଫୁଟ୍‌ସାଲ କ୍ଲବ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ରେଫରି ଆଶୀର୍ବାଦ କାନୁନ୍‌ଗୋ ମ୍ୟାଚ ଅଫିସିଆଲ ଦାୟିତ୍ୱ ନିର୍ବାହ କରିବେ। ପ୍ରତିଯୋଗିତା ପରିଚାଳନା ପାଇଁ ନିଯୁକ୍ତ ହୋଇଥିବା ୧୬ ରେଫରିଙ୍କ ମଧ୍ୟରୁ ଆଶୀର୍ବାଦ ଅନ୍ୟତମ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ ସଦସ୍ୟମାନେ କାନୁନ୍‌ଗୋଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସ୍କଟ୍‌ଲାଣ୍ଡ ଜର୍ସି ଡିଜାଇନ କଲେ ୧୨ ବର୍ଷୀୟା ବାଳିକା

**ଦୁବାଇ, ୨୦।୧୦** ଟି୨୦ ବିଶ୍ୱକପ୍‌ର ଗ୍ରୁପ୍ ମ୍ୟାଚ୍‌ରେ ସ୍କଟଲାଣ୍ଡ ବାଂଲାଦେଶକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା ଓ ସୁପର-୧୨ ପୂର୍ବରୁ ଏହା ନିଶ୍ଚିତଭାବେ ଏକ ବଡ଼ ଘଟଣା। ବିଶ୍ୱକପ୍‌ରେ ଡାର୍କ ବ୍ଲୁ ଓ ପର୍ପଲ ରଙ୍ଗର ସ୍କଟଲାଣ୍ଡ ଜର୍ସି ବେଶ୍ ଆକର୍ଷଣୀୟ ହୋଇଥିବା ବେଳେ ଏହାକୁ ଜଣେ ୧୨ ବର୍ଷୀୟା ବାଳିକା ରେବେକା ଡେୱ୍ନି ଡିଜାଇନ କରିଛନ୍ତି। ନିଜ ଟିମ୍‌କୁ ରେବେକା ଚିୟର କରୁଛନ୍ତି।

ସ୍କଟଲାଣ୍ଡର ବିଭିନ୍ନ ସ୍କୁଲରୁ ପାଖାପାଖି ୨୦୦ଟି ଡିଜାଇନ ଏଣ୍ଟ୍ରି ହୋଇଥିଲା। ସ୍କଟଲାଣ୍ଡର ଜାତୀୟ ପ୍ରତୀକର ରଙ୍ଗକୁ ଦୃଷ୍ଟିରେ ରଖି ଏହି ଜର୍ସି ଡିଜାଇନ କରାଯାଇଛି। ଏହି ଆକର୍ଷଣୀୟ ଜର୍ସି ଡିଜାଇନ କରିଥିବାରୁ ରେବେକାଙ୍କୁ କ୍ରିକେଟ ସ୍କଟଲାଣ୍ଡ ତରଫରୁ ସୋସିଆଲ ମିଡିଆ ମାଧ୍ୟମରେ ଧନ୍ୟବାଦ ଅର୍ପଣ କରାଯାଇଛି। ସୋସିଆଲ ମିଡିଆରେ ଜର୍ସି ପିନ୍ଧିଥିବା ରେବେକାଙ୍କ ଫଟୋ ଅପ୍‌ଲୋଡ କରାଯାଇଛି। ହାଡିଙ୍ଗଟନରେ ଜନ୍ମିତ ରେବେକାଙ୍କୁ ଟୁଇଟର ମାଧ୍ୟମରେ କୃତଜ୍ଞତା ପ୍ରଦାନ କରାଯାଇଛି। ଓମାନ ଯିବା ପୂର୍ବରୁ ରେବେକା ଖେଳାଳିମାନଙ୍କୁ ତାଙ୍କର ନୂଆ କିଟ୍ ପ୍ରଦାନ କରିଥିଲେ। ନୂଆ କିଟ୍ ଓ ଜର୍ସିକୁ ପିନ୍ଧି ଆମେ ଗର୍ବିତ ବୋଲି ସ୍କଟଲାଣ୍ଡ କ୍ରିକେଟ ଦଳ ଅଧିନାୟକ କାଏଲ କୋଏଜର କହିଛନ୍ତି। ପ୍ରଥମ ରାଉଣ୍ଡରେ ସ୍କଟଲାଣ୍ଡ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଗ୍ରୁପ୍ ବି' ତାଲିକାର ଶୀର୍ଷରେ ରହିଛି ଓ ସୁପର ୧୨ ପାଇଁ ଯୋଗ୍ୟତା ହାସଲ କରିସାରିଛି।



ସ୍କଟ୍‌ଲାଣ୍ଡ ଜର୍ସି ଡିଜାଇନ୍ କରିଥିବା ୧୨ ବର୍ଷୀୟା ରେବେକା ଡେୱ୍ନି (ଡାହାଣ)।

# ଶୁଭମ୍ ରନର୍ସଅପ୍

**ଭୁବନେଶ୍ୱର, ୨୦।୧୦(କ୍ରୀଡ଼ା ପ୍ରତିନିଧି):** କାକିନଡ଼ାଠାରେ ଚାଲିଥିବା ୧୬ ବର୍ଷରୁ କମ ସିଏସ୍‌୭ ଆଇଟିଏ ଚାମ୍ପିୟନଶିପ୍‌ରେ ସୁହାସ ଗୁଡିଭାଡାଙ୍କୁ ସାଥିକରି ଓଡ଼ିଶାର ଟେନିସ ପ୍ରତିଭା ଶୁଭମ୍ ଷଡ଼ଙ୍ଗୀ ବାଳକ ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। କ୍ୱାର୍ଟର ଫାଇନାଲରେ ଶୁଭମ୍-ସୁହାସ ୬-୩, ୬-୧ ସେଟ୍‌ରେ ସାଦୁ ରେୱାନ୍ଥ ଓ ନାଗା କଲ୍ୟାଣଙ୍କୁ ଏବଂ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ପି.ଏଲ.ସାଇ ସୁଭାଷ ଓ ଦନତୁଲୁରି ପ୍ରଣୀତ ଯୋଡ଼ିଙ୍କୁ ୨-୬, ୬-୪, ୧୦-୩ ସେଟ୍‌ରେ ପରାସ୍ତ କରିଥିଲେ। ତେବେ ବୁଧବାର ଅନୁଷ୍ଠିତ ଫାଇନାଲରେ କିନ୍ତୁ ଶୁଭମ୍-ସୁହାସ ଟପ୍ ସିଡ୍ ମୁରଲୀ କୋଲେପାଲେ ଓ ରିଶିଙ୍କଠାରୁ ୨-୬, ୧-୬ ସେଟ୍‌ରେ ହାରି ଯାଇଥିଲେ। ବାଳକ ସିଙ୍ଗଲ୍ସ ସେମିଫାଇନାଲରେ ଶୁଭମ୍ ଗୁରୁବାର ମୁରଲୀ କୋଲେପାଲେଙ୍କୁ ଭେଟିବେ। ପ୍ରତିଷ୍ଠିତ କୋଚ୍ ଶୁଭ୍ରାଂଶୁ ଷଡ଼ଙ୍ଗୀଙ୍କଠାରୁ ଶୁଭମ୍ ପ୍ରଶିକ୍ଷଣପ୍ରାପ୍ତ।


ଟ୍ରଫି ସହ ଶୁଭମ୍ ଷଡ଼ଙ୍ଗୀ।

## ରାଜ୍ୟ ଖବର

# ଦୁର୍ଦ୍ଦାନ୍ତ ବିଜୁଙ୍କୁ ଏନ୍‌କାଉଣ୍ଟର

- ଦାଦାବଟି ସମେତ ୨୮ ମାମଲା ରହିଛି
- ପାଲଟା ଗୁଳିରେ ପୋଲିସ ଏସ୍‌ଆଇ ଆହତ

**ପୁରୀ ଅଫିସ, ୨୦।୧୦**

ବିଭିନ୍ନ ମାମଲାରେ ଅଭିଯୁକ୍ତ ଥିବା ପୁରୀର ଦୁର୍ଦ୍ଦାନ୍ତ ବିଜୁ ବେହେରାଙ୍କୁ ବୁଧବାର ସନ୍ଧ୍ୟାରେ ପୋଲିସ ଏନ୍‌କାଉଣ୍ଟର କରିଛି। ଚନ୍ଦନପୁର ଥାନା ଅଞ୍ଚଳରେ ହୋଇଥିବା ଏହି ଏନ୍‌କାଉଣ୍ଟରରେ ବିଜୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ସେହିପରି ବିଜୁଙ୍କ ପାଲଟା ଗୁଳିରେ କୁମ୍ଭାରପଡ଼ା ଥାନା ସବ୍‌ଇନ୍ସପେକ୍ଟର ଦିବ୍ୟରଞ୍ଜନ ପଣ୍ଡା ଆହତ ହୋଇଥିବା ସୂଚନା ମିଳିଛି। ବିଜୁ ଓ ତାଙ୍କ ସହଯୋଗୀ କାଳିଆ ମୁଦୁଲିଙ୍କୁ ପୋଲିସ ଗିରଫ କରିଛି। ବିଜୁଙ୍କଠାରୁ ବନ୍ଧୁକ, ୩ ରାଉଣ୍ଡ ଗୁଳି ଓ ବାଇକ୍ ଜବତ କରାଯାଇଛି। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ସମେତ ୨୮ଟି ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଦାଦାବଟି ଆଦାୟକୁ କେନ୍ଦ୍ରକରି ବିଜୁ ଜଣେ ମହିଳାଙ୍କ ଉପରକୁ ଗୁଳି ଚଳାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ବିଜୁଙ୍କୁ ଧରିବା ପାଇଁ ପୋଲିସ ଯୋଜନା ପ୍ରସ୍ତୁତ କରିଥିଲା।

ସୂଚନା ଅନୁଯାୟୀ, ଗତ ୩-୪ ମାସ ହେଲା ନରେନ୍ଦ୍ରକୋଣ ଅଞ୍ଚଳର ଜିତେନ୍ଦ୍ର କୁମାର ସାହୁଙ୍କୁ ବିଜୁ ଦାଦାବଟି



ମାଗିଆସୁଥିଲେ। ମାତ୍ର ଜିତେନ୍ଦ୍ର ଦେବାକୁ ମନା କରୁଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଜୁ ମଙ୍ଗଳବାର ରାତି ପ୍ରାୟ ୧ଟାରେ ଜିତେନ୍ଦ୍ରଙ୍କ ଘରକୁ ଆସି ତାଙ୍କ ଗେଟ୍ ସମ୍ମୁଖରେ ଠିଆ ହୋଇ ବଟି ଦେବାକୁ ଧମକାଇଥିଲେ। ଏହି ସମୟରେ ଜିତେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ବାହାରକୁ ଚାଲିଆସିବାରୁ ବିଜୁ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିଟି ଶକୁନ୍ତଳାଙ୍କ ଦେହରେ ବାଜିଥିଲା। ଏହାପରେ ବିଜୁ ଫେରାର ହୋଇଯାଇଥିଲେ। ଶକୁନ୍ତଳାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପୁରୀ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଜିତେନ୍ଦ୍ର ଥାନାରେ ଏତଲା ଦେବା ପରେ ବିଜୁଙ୍କୁ ଗିରଫ କରିବା ପାଇଁ ଏସ୍‌ପି କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, କୁମ୍ଭାରପଡ଼ା ଚନ୍ଦନପୁର, ସଦର ଓ ବାସେଳୀ ସାହି ଥାନା ଆଇଆଇସିଙ୍କୁ ସଂପୃକ୍ତ ଟିମ୍‌ଗୁଡ଼ିକର ନେତୃତ୍ୱ ନେବାକୁ କୁହାଯାଇଥିଲା। ବୁଧବାର ବିଜୁ ଚନ୍ଦନପୁର ଅଞ୍ଚଳରେ ଲୁଚିଥିବା କୁମ୍ଭାରପଡ଼ା ଥାନା ଆଇଆଇସିଙ୍କୁ ଖବର ମିଳିବା ପରେ ପୂରା ଟିମ୍ ସେଠାରେ ପହଞ୍ଚିଥିଲା। ବିଜୁଙ୍କୁ ଠାବ କରିବା ପରେ ପୋଲିସ ତାଙ୍କୁ ପ୍ରଥମେ ଆତ୍ମସମର୍ପଣ କରିବାକୁ କହିଥିଲା। ମାତ୍ର ସେ ଆତ୍ମସମର୍ପଣ କରିବା ପରିବର୍ତ୍ତେ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚାଳନା କରି ଖସି ପଳାଇଯିବାକୁ ଉଦ୍ୟମ କରିଥିଲେ। ପୋଲିସ ଏକ ରାଉଣ୍ଡ ଗୁଳି ଚାଳନା କରିଥିଲା। ଏଭଳି କିଛି ସମୟ ଧରି ପୋଲିସ ଓ ବିଜୁଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ବିଜୁଙ୍କ ବାମଗୋଡ଼ରେ ଗୁଳି ବାଜି ରକ୍ତସ୍ରାବ ହେଉଥିବାରୁ ସେ ଫେରାର ହେବାରେ ବିଫଳ ହୋଇଥିଲେ। ଫଳରେ ପୋଲିସ ଟିମ୍ ବିଜୁଙ୍କୁ କାବୁ କରିଥିଲା। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଜୁଙ୍କ ବିରୋଧରେ କୁମ୍ଭାରପଡ଼ା ଥାନାରେ ଦଫା ୨୯୪, ୩୯୮, ୩୦୭, ୩୪ ଓ ୩୯୪ ସମେତ ଆର୍ମ୍ସ ଆକ୍ଟ ୨୫ ଓ ୨୭ରେ କେସ୍ ନମ୍ବର ୩୮୪/୨୧ ରୁଜୁ ହୋଇଛି। ସେହିଭଳି ବାସେଳୀସାହି ଥାନାରେ ଦଫା ୩୪୧, ୩୨୩, ୩୨୫, ୩୦୭, ୨୯୪, ୫୦୬ ଓ ୩୪ ସମେତ ଆର୍ମ୍ସ ଆକ୍ଟ ୨୫ ଓ ୨୭ରେ କେସ୍ ନମ୍ବର ୧୮୭/୨୧ ରୁଜୁ ହୋଇଛି।

# କିନ୍ନରଙ୍କୁ କୋଦାଳ ବେଣ୍ଟରେ ପିଟି ହତ୍ୟା

## ଅଭିଯୁକ୍ତ ସ୍ୱାମୀ ଗିରଫ

**କେନ୍ଦୁଝର, ୨୦।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଦୈତାରୀ ଥାନା ଅନ୍ତର୍ଗତ ପାଣ୍ଡି ହଟିଂରେ ଗତ ମଙ୍ଗଳବାର ଜଣେ କିନ୍ନରଙ୍କୁ କୋଦାଳ ବେଣ୍ଟରେ ପିଟି ହତ୍ୟା କରାଯାଇଛି। ତାଙ୍କ ନାମ ସନ୍ଧ୍ୟାରାଣୀ କିନ୍ନର। ତାଙ୍କ ଘର ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅଧୀନ ବନ୍ଧନିଆଁ ଗ୍ରାମରେ। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୭୪/୨୧) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ସଦାଶିବ ସାମଲଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସଦାଶିବ ଓ ରାଣୀ ଦୀର୍ଘ ବର୍ଷ ହେଲା ସ୍ୱାମୀସ୍ତ୍ରୀ ଭାବେ ଏକାଠି ରହି ଆସୁଥିଲେ। ଗତ ମଙ୍ଗଳବାର ସନ୍ଧ୍ୟାରାଣୀ ତାଙ୍କୁ ଭାତ ଖାଇବାକୁ ଡାକିଥିଲେ। କିନ୍ତୁ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସଦାଶିବ ନିଶାସକ୍ତ ଥିବାରୁ ଉତ୍ତ୍ୟକ୍ତ ହୋଇ ସନ୍ଧ୍ୟାରାଣୀଙ୍କ ମୁଣ୍ଡକୁ କୋଦାଳ ବେଣ୍ଟରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୈତାରୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁଧବାର ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଅଧିକ ତଦନ୍ତ ପରେ ସତ୍ୟାସତ୍ୟ ଜଣା ପଡ଼ିବ ବୋଲି ଥାନା ଅଧିକାରୀ ତୁଳସୀ ମଞ୍ଜରୀ ଭୂୟାଁ କହିଛନ୍ତି।

# ହ୍ୱାଟ୍ସ ଆପ୍ ପ୍ରୋଫାଇଲରେ ପାକିସ୍ତାନ ପତାକା

**ଆନନ୍ଦପୁର, ୨୦।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅଧୀନ ଘସିପୁରା ଅଞ୍ଚଳରେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ବ୍ୟକ୍ତିଙ୍କ ହ୍ୱାଟ୍ସ ଆପ୍ ପ୍ରୋଫାଇଲରେ ପାକିସ୍ତାନ ପତାକା ଲଗାଯିବା ଘଟଣାକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଘସିପୁରା ପୋଲିସ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡାକି ପଚରାଉଚରା କରିଥିବା ଜଣାପଡିଛି। ଏଭଳି ଘଟଣାରେ ବ୍ୟକ୍ତି ଜଣଙ୍କ ଉଦ୍ଦେଶ୍ୟମୂଳକ ଭାବେ ପାକିସ୍ତାନ ପତାକା ଲଗାଇ ନ ଥିବା ଜଣାପଡିବା ପରେ ପ୍ରୋଫାଇଲକୁ ଡିଲିଟ୍ କରାଯାଇଛି। ଘରର ଛୋଟ ପିଲାମାନେ ଏଭଳି କରିଥାଇପାରନ୍ତି ବୋଲି ଘସିପୁରା ଥାନା ଅଧିକାରୀ ଶ୍ୟାମଘନ ବେହେରା ସୂଚନା ଦେଇଛନ୍ତି। ଏହି ଘଟଣାରେ ବିବାଦୀୟ ସ୍ଥିତି ଆଶଙ୍କା କରି ପୋଲିସ ବ୍ୟକ୍ତି ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରି ଛାଡିଦେଇଥିବା ସୂଚନା ମିଳିଛି।

# ଯୁବକଙ୍କୁ ହତ୍ୟା, କେନାଲରୁ ମିଳିଲା ମୃତଦେହ

- ମୁଣ୍ଡ, ଗୋଟେ ହାତ, ଗୋଡ଼ ମିଳୁନି
- ୩ ଜଣଙ୍କୁ ଗିରଫ କଲା ପୋଲିସ
- ପୂର୍ବ ଶତ୍ରୁତା, ନିଶା ଚୋରା ଚାଲାଣରୁ ହତ୍ୟାକାଣ୍ଡ

**ଜଗତ୍‌ସିଂହପୁର ଅଫିସ, ୨୦।୧୦**


ଗିରଫ ୩ ଅଭିଯୁକ୍ତ ଓ ଜବତ ରାମଚନ୍ଦ୍ରଙ୍କ ବାଇକ୍।

ଜଗତ୍‌ସିଂହପୁର ଥାନା ବଡ଼ବାଗ ଗାଁର ରାମଚନ୍ଦ୍ର ସାହୁ (୩୩)ଙ୍କ ନିଖୋଜ ଘଟଣା ଉପରୁ ପରଦା ହଟିଛି। ରାମଚନ୍ଦ୍ରଙ୍କ ମୁଣ୍ଡ, ହାତ, ଗୋଡ଼ ବିହୀନ ଶରୀର ଓ ତାଙ୍କ ବାଇକ୍ ନିକଟସ୍ଥ ମାଛଗାଁ କେନାଲରୁ ବୁଧବାର ଜବତ କରାଯାଇଛି। ରାମଚନ୍ଦ୍ରଙ୍କ ମା' ସାବିତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଦଫା ୩୦୨/୩୪ ଆଇପିସିରେ ନଂ. ୫୩୯/୨୧ରେ ମାମଲା ରୁଜୁ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗାଁର କେଶବ ବେହେରା (୪୬), ତାଙ୍କ ସ୍ତ୍ରୀ ରୀନା ବେହେରା (୩୩) ଓ ପ୍ରଶାନ୍ତ କୁମାର ବେହେରା ଓରଫ ପର୍ଶୁଆ (୨୮)। କେଶବଙ୍କ ଘରୁ ଏକ ଧାରୁଆ କଟୁରି ମଧ୍ୟ ଜବତ ହୋଇଛି। ପୂର୍ବ ଶତ୍ରୁତା ଓ ନିଶା ଚୋରା ଚାଲାଣକୁ କେନ୍ଦ୍ର କରି ଅଭିଯୁକ୍ତମାନେ ରାମଚନ୍ଦ୍ରଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ଏସ୍‌ପି ଅଖିଳେଶ୍ୱର ସିଂହ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୭ ତାରିଖ ସନ୍ଧ୍ୟାରେ ରାମଚନ୍ଦ୍ର ଠାକୁରଘରକୁ ଖାଇବାକୁ ଯାଉଥିବା ଘରେ କହିଥିଲେ। ପରେ ପର୍ଶୁଆ ଓ କେଶବଙ୍କ ସାଙ୍ଗରେ ଭୋଜି କରିଥିବା ଜଣାପଡିଥିଲା। ଯେହେତୁ ସେମାନେ ପରସ୍ପର ସାଙ୍ଗ ତେଣୁ କିଛି ଅଘଟଣ ଘଟାଇବେ ବୋଲି ଆଶା ନ ଥିଲା । ହେଲେ ଅଭିଯୁକ୍ତ ଦ୍ୱୟ ଭୋଜି ନାଁରେ ଯୋଜନାବଦ୍ଧ ଭାବେ ରାମଚନ୍ଦ୍ରଙ୍କୁ ହତ୍ୟା କରିଥିବା କହିଛନ୍ତି ମା' ସାବିତ୍ରୀ। ଏକମାତ୍ର ପୁଅ ରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ମା', ଭଉଣୀମାନେ ଓ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ପରିବାର ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ଗତ ୧୭ ତାରିଖ ରାତିରୁ ରାମଚନ୍ଦ୍ର ନିଖୋଜ ଥିଲେ। ୧୮ରେ ପୁଅ ନିଖୋଜ ସମ୍ପର୍କରେ ମା' ସାବିତ୍ରୀ ଅଭିଯୋଗ କରିଥିଲେ। ତଦନ୍ତରେ ଜଣାଯାଇଥିଲା କି ରାମଚନ୍ଦ୍ରଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି। ତେବେ ରାମଚନ୍ଦ୍ରଙ୍କ ମା' ଗତ ୧୯ ତାରିଖ ରାତିରେ ତାଙ୍କ ପୁଅକୁ ମାରି ଦିଆଯାଇଥିବା ଅଭିଯୋଗ କଲା ପରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏଥିରେ ଉଲ୍ଲେଖ ଅଛି, ରାମଚନ୍ଦ୍ର ଗତ ୧୭ ତାରିଖ ରାତିରେ କେଶବଙ୍କ ଘରକୁ ଭୋଜି ଖାଇବାକୁ ଯାଇଥିଲେ। ସେଠାରେ ୩ ଅଭିଯୁକ୍ତ ଧାରୁଆ ଅସ୍ତ୍ର ସାହାଯ୍ୟରେ ହତ୍ୟା କରିଥିଲେ। ମାମଲାର ଗମ୍ଭୀରତା ଦୃଷ୍ଟିରୁ ପୋଲିସ ତନାଘନା କରି ୩ ଅଭିଯୁକ୍ତଙ୍କୁ ଗିରଫ ସହ ଏକ ଧାରୁଆ କଟୁରି ଜବତ କରିଥିଲା। ପଚରାଉଚରା ପରେ ଅଭିଯୁକ୍ତମାନେ ପୁରୁଣା ରାଗରୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେମାନେ ଉକ୍ତ ଦିନ ରାତିରେ ହତ୍ୟା ପରେ ମୁଣ୍ଡ, ହାତ, ଗୋଡ ଅଲଗା କରିଥିଲେ। ଏ ସବୁକୁ ଅଖାରେ ଭର୍ତ୍ତି କରି ଲୋକେ ଶୋଇପଡିଲା ପରେ ରାମଚନ୍ଦ୍ରଙ୍କ ବାଇକ୍‌ରେ ତାଙ୍କ ମୃତଦେହ ନିକଟସ୍ଥ କେନାଲ ପର୍ଯ୍ୟନ୍ତ ନେଇଥିଲେ। ସେଠାରେ ମୁଣ୍ଡ, ହାତ ଓ ଗୋଡ କେନାଲରେ ଫିଙ୍ଗି ଦେବାରୁ ତାହା ଭାସି ଯାଇଥିଲା। କିନ୍ତୁ ଗଣ୍ଡି ଓଜନିଆ ହୋଇଥିବାରୁ ଭାସି ପାରି ନ ଥିଲା। କେନାଲ ପାର୍ଶ୍ୱ ଅନାବନା ଗଛରେ ଲାଗି ରହି ଯାଇଥିଲା। ଚେଷ୍ଟା କରି ବିଫଳ ହେଲାପରେ ସେମାନେ ରାମଚନ୍ଦ୍ରଙ୍କ ବାଇକ୍‌ଟିକୁ କିଛି ଦୂର କେନାଲରେ ଫିଙ୍ଗି ଖସି ଯାଇଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଆଇଆଇସି ସାହୁ ଏକଥା ମଧ୍ୟ କହିଛନ୍ତି, ସେମାନେ ନିଶା କାରବାରରେ ସମ୍ପୃକ୍ତ। ଏମାନେ ୩ ଜଣ ଚୋରା ବ୍ରାଉନସୁଗାର ଚାଲାଣ କରୁଥିଲେ। ପରସ୍ପର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲେ ସୁଦ୍ଧା କାରବାରକୁ ନେଇ ଭିତିରି ଶତ୍ରୁତା ଥିବା ସାଧାରଣରେ ଆଲୋଚନା ଚାଲିଛି। ଏହା ଉପରେ ଅଧିକ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ଆସିବ ବୋଲି ପୋଲିସ କହିଛି।

**ପ୍ରଥମ ପୃଷ୍ଠାରୁ...**

# ଓରେଡା ଉପରେ...

ପ୍ରକ୍ରିୟା କାଗଜ କଲମରେ ସୀମିତ ରହିଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଓରେଡାର ଅଧିକାରୀ କୋନେର ଗତ ୪ ତାରିଖରେ ଦେଇଥିବା ପତ୍ର ଅନୁସାରେ ୪୧୪ଟି ଅଚଳ ପ୍ରକଳ୍ପ ମରାମତି କରିବାକୁ ମଞ୍ଜୁର ହୋଇସାରିଛି। ବାକି ୩୬୦ ପ୍ରକଳ୍ପ ବିଭିନ୍ନ ଡିଭିଜନ ପକ୍ଷରୁ ଏଯାଏ ମଞ୍ଜୁର ହୋଇ ପାରିନାହିଁ। ଅଚଳ ପ୍ରକଳ୍ପଗୁଡିକର ସର୍ଭେ କରିବାକୁ ୧୩ଟି ଭେଣ୍ଡରଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ମରାମତି ପାଇଁ ୩ କୋଟି ୫୬ ଲକ୍ଷ ୮୫ ହଜାର ୯୫୪ ଟଙ୍କା ଖର୍ଚ୍ଚ ହେବ ବୋଲି ଓରେଡା ପକ୍ଷରୁ ଆକଳନ ହୋଇଛି। ଏଥିରେ କଳାହାଣ୍ଡି ଡିଭିଜନରେ ୪୯, ରାଉରକେଲାରେ ୯୬, କେନ୍ଦୁଝରରେ ୩୨, ଆନନ୍ଦପୁରରେ ୪୪, ସମ୍ବଲପୁରରେ ୩୦, ସୋନପୁରରେ ୨୧, ବଲାଙ୍ଗୀରରେ ୧୪, ନୂଆପଡାରେ ୧୦, ବରଗଡ଼ରେ ୩, ଅନୁଗୋଳରେ ୧୮, କଟକରେ ୩, ଯାଜପୁରରେ ୨୬, କେନ୍ଦ୍ରାପଡ଼ାରେ ୧, ନୟାଗଡ଼ରେ ୧୮, ରାଇରଙ୍ଗପୁରରେ ୪୯ ପ୍ରକଳ୍ପର ମରାମତି ପାଇଁ ୱାର୍କ ଅର୍ଡର ପ୍ରଦାନ କରାଯାଇଛି।

ବିଦ୍ୟୁତ୍ ଶକ୍ତି ଅଭାବ ଥିବା ଅଞ୍ଚଳରେ ପାନୀୟ ଜଳ ସଙ୍କଟକୁ ଦୂର କରିବା ପାଇଁ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରି ସୌର ଶକ୍ତି ଚାଳିତ ପମ୍ପ ସ୍ଥାପନ କରୁଛି। ହେଲେ ନିମ୍ନମାନର ସାମଗ୍ରୀ ଲଗାଯାଇ ବ୍ୟାପକ ହରିଲୁଟ ହେଉଥିବାରୁ ପ୍ରକଳ୍ପଗୁଡିକ ଦୀର୍ଘସ୍ଥାୟୀ ହୋଇ ପାରିନାହିଁ ବୋଲି ଅଭିଯୋଗ ହୋଇଛି। ତଥାପି ସେହି ନିର୍ମାଣକାରୀ ସଂସ୍ଥା ଓରେଡାକୁ ପୁଣି ଦାୟିତ୍ୱ ହସ୍ତାନ୍ତର ପଛରେ କ'ଣ ଉଦ୍ଦେଶ୍ୟ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଯାଜପୁର ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ଘଡେଇଙ୍କୁ ପଚାରିବାରୁ ସେ କହିଛନ୍ତି, ଅଚଳ ସୌର ଚାଳିତ ପ୍ରକଳ୍ପଗୁଡିକର ମରାମତି କରାଯିବ। ତେବେ ଏହି ଦାୟିତ୍ୱ କାହାକୁ ଦିଆଯାଇଛି ତାହାର ସବିଶେଷ ରିପୋର୍ଟ ତାଙ୍କ ପାଖରେ ନାହିଁ।

# ସଂଖ୍ୟା ବୃଦ୍ଧିରୁ...

ଅନୁଯାୟୀ ପ୍ରାୟ ୩୦ ହରିଣ ରହିପାରିବେ। କିନ୍ତୁ ହରିଣ ସଂଖ୍ୟା ୨୦୦ରେ ପହଞ୍ଚିଲାଣି। ସୀମିତ ସ୍ଥାନରେ ଏତେ ସଂଖ୍ୟକ ହରିଣଙ୍କୁ ରଖିବା କାଠିକର ପାଠ ହେଉଛି। ସମସ୍ୟାର ସମାଧାନ ଲାଗି ୧୫୦ରୁ ଊର୍ଦ୍ଧ୍ୱ ହରିଣଙ୍କୁ କପିଳାସ ଅଭୟାରଣ୍ୟରେ ଛାଡିବା ପାଇଁ ପିସିସିଏଫ୍‌ଙ୍କୁ ପ୍ରସ୍ତାବ ଦେବା ସହ ଅନୁମତି ଲୋଡ଼ାଯାଇଛି। ଏ ସମ୍ପର୍କିତ ନିର୍ଦ୍ଦେଶନାମା ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।


ରାଜବୀର

## ସତ ହେଲା ...

ନବାଗତ ରାଜବୀର। ତାଙ୍କ ଅଭିନୀତ ପ୍ରଥମ ସିନେମା 'ଅରୁନ୍ଧତୀ' ଚଳିତ ବର୍ଷ ଦଶହରା ଅବସରରେ ମୁକ୍ତିଲାଭ କରିଛି। 'ଫିଲ୍ମଟିକୁ ପ୍ରାରମ୍ଭରୁ ଆଶାନୁରୂପ ସଫଳତା ମିଳିଛି ଏହା ମୋ କ୍ୟାରିୟର ଶୁଭପ୍ରଦ ସାବ୍ୟସ୍ତ ହେବ ବୋଲି କହନ୍ତି ଏହି ନବାଗତ। ରମେଶ ରାଉତଙ୍କ ନିର୍ଦ୍ଦେଶନାରେ ଏହି ଆକ୍ସନପ୍ୟାକ୍ଡ ଫିଲ୍ମରେ ରାଜବୀରଙ୍କ ନାୟିକା ସାଜିଛନ୍ତି ଏଲିନା ପ୍ରିୟଦର୍ଶିନୀ। ପ୍ରଥମ ସିନେମାରୁ ସଫଳତା ପାଇବା ସମ୍ପର୍କରେ ରାଜବୀର କହନ୍ତି, 'ଯେତେବେଳେ ଏହାର କାହାଣୀ ବିଷୟରେ ଆଲୋଚନା ହେଲା ସେତେବେଳେ ମୁଁ ପୂର୍ବାନୁମାନ କରିଥିଲି ଯେ ଏହି ସିନେମାଟି ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ରିଲିଜ ହେବାର ପ୍ରଥମ ସପ୍ତାହରେ ଏହାର ସଫଳତା ମୋ ପାଇଁ ପ୍ରେରଣାଦାୟକ ହୋଇଛି। ଏହି ଭୂମିକାକୁ ତୁଲାଇବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏଣିକି ମୋତେ ମିଳୁଥିବା ଅଫରଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ସାଇନ୍ କରିବି। ରମେଶ ବାରିକ ଏବଂ ଅଜିତାଭ ମଲ୍ଲିକଙ୍କ ପ୍ରଯୋଜିତ ଉକ୍ତ ସିନେମାର ସଂଳାପ ରଚନା ଡ. ରଜନୀ ରଞ୍ଜନ କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର।

## ରକୁଲ ଯାହା ଖୋଜୁଥିଲେ..

ରକୁଲ୍ ପ୍ରୀତ ସିଂ ଯାହା ଖୋଜୁଥିଲେ ତାହା ତାଙ୍କୁ ଏତେ ସହଜରେ ମିଳିଯିବ-ଏ କଥାକୁ ସେ ବିଶ୍ୱାସ କରିପାରୁନାହାନ୍ତି। କଥା କ'ଣ କି ସେ ଏବେ ଆକ୍ସନ ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି ମନ ବଳାଇଛନ୍ତି। ତେଣୁ ଏ ନେଇ କିଛି ଜ୍ଞାନ ରହିବା ନିହାତି ଦରକାର। ବିଲେଇ କପାଳକୁ ଶିକା ଛିଣ୍ଡିଲା ପରି ସେ ଅଭିନୟ କରୁଥିବା 'ଥ୍ୟାଙ୍କ୍ ଗଡ୍' ଫିଲ୍ମରେ ତାଙ୍କ ମନୋସ୍କାମନା ପୂରଣ ହୋଇଛି। ଅର୍ଥାତ୍ ସେ ଖୋଜୁଥିବା ଆକ୍ସନ ଗୁରୁ ତାଙ୍କୁ ମିଳିଯାଇଛି। ଏହି ଫିଲ୍ମରେ ତାଙ୍କ ବ୍ୟତୀତ ଅଜୟ ଦେବଗନ ଏବଂ ସିଦ୍ଧାର୍ଥ ମାଲହୋତ୍ରା ମଧ୍ୟ ଅଭିନୟ କରୁଛନ୍ତି। ଏକଦା ଶୁଟିଂ ବ୍ରେକ୍ ସମୟରେ ସେ ନିଜର ମନ କଥା ଅଜୟଙ୍କୁ କହିଥିଲେ। ଆଉ ତା'ପରେ ଅଜୟ ଏ ନେଇ ଟିପ୍ସ ଦେବାକୁ ରାଜି ହେବା ପରେ ରକୁଲ୍ଙ୍କ ଖୁସି ଦେଖେ କିଏ। 'ଅଜୟଙ୍କୁ ଏ କଥା କହିବା ପରେ ସେ ମୋତେ ଏଥିପାଇଁ ସାହାଯ୍ୟର ହାତ ବଢ଼ାଇଛନ୍ତି। କେବଳ ସେତିକି ନୁହେଁ, ଜଣେ ଭଲ ଆକ୍ସନ ଟ୍ରେନର ଆରେଞ୍ଜ କରିଦେବାକୁ ସେ ମୋତେ କଥା ଦେଇଛନ୍ତି। କାରଣ ଏଭଳି ଏକ ସିନେମାର ଅଭିନୟ କରିବାର ଚାନ୍ସ ରହିଛି। ତେଣୁ ତା' ପୂର୍ବରୁ ମୋତେ ଏ ନେଇ ପ୍ରସ୍ତୁତ ହେବାକୁ ପଡ଼ିବ।' ତେବେ ଏଭଳି ଭୂମିକାରେ ରକୁଲ୍ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ରକୁଲ

## ବଲିଉଡ୍ ହାଲ୍ଚାଲ୍

- ଏଭରେଷ୍ଟ ଆରୋହଣ କରିଥିବା ଦିବ୍ୟାଙ୍ଗ ଖେଳାଳି ଅରୁଣିମା ସିହ୍ନାଙ୍କ ଜୀବନୀକୁ ନେଇ ଏକ ବାୟୋପିକ୍ ନିର୍ମିତ ହେବାକୁ ଯାଉଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରିବେ ଜାହ୍ନବୀ କପୁର।
- ପ୍ରଯୋଜକ-କମ୍-ନିର୍ଦ୍ଦେଶକ ଆନନ୍ଦ ଏଲ୍. ରାଇଙ୍କର ନୂଆ ସିନେମା 'ରକ୍ଷା ବନ୍ଧନ'ର ଶୁଟିଂ ନିକଟରେ ଶେଷ ହୋଇଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅକ୍ଷୟ କୁମାର ଏବଂ ଭୂମି ପେଡେନକର । ଫିଲ୍ମଟି ଆସନ୍ତା ବର୍ଷ ଅଗଷ୍ଟ ୧୧ରେ ପରଦା ଉପରକୁ ଆସିବ।
- ଅଜୟ ବହଲ୍ଙ୍କ ଆଗାମୀ ଫିଲ୍ମ 'ଲେଡି କିଲର' ପାଇଁ ଅର୍ଜୁନ କପୁରଙ୍କୁ ସାଇନ୍ କରାଯାଇଛି।
- ଏକ୍ତା କପୁରଙ୍କ ଆଗାମୀ ଫିଲ୍ମ 'ଫ୍ରିଡି' ପାଇଁ କାର୍ତ୍ତିକ ଆର୍ଯ୍ୟନ ନିଜ ଓଜନ ୧୪ କିଗ୍ରା ବଢ଼ାଇଛନ୍ତି।

## ଖୁସି ପଛରେ...

ପରିଣୀତି ଚୋପ୍ରାଙ୍କ ଖୁସି ଏବେ ବନ୍ଧବାଡ଼ ମାନୁନି। କାରଣ କ'ଣ ଜାଣନ୍ତି ? ସେ ଖୁବ୍ ଶୀଘ୍ର ବଲିଉଡ୍ର ଅନ୍ୟତମ ନାମୀ ପ୍ରଯୋଜକ-କମ୍-ନିର୍ଦ୍ଦେଶକ ସୁରଜ ବରଜ୍ୟାତାଙ୍କ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଏହାବ୍ୟତୀତ ଏହି ଫିଲ୍ମରେ ଅମିତାଭ ବଚ୍ଚନ, ନୀନା ଗୁପ୍ତା, ବୋମନ ଇରାନୀ ଏବଂ ଅନୁପମ ଖେରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଉକ୍ତ ସିନେମାର ଟାଇଟଲ ରହିଛି 'ଉଞ୍ଚାଇ'। ଏ ସମ୍ପର୍କରେ ପରିଣୀତି କହନ୍ତି, 'ଯେତେବେଳେ ମୋତେ ଏଭଳି ଏକ ଅଫର ମିଳିଲା ତାହାକୁ ଆଦୌ ହାତଛଡ଼ା କରିବାକୁ ଚାହୁଁ ନ ଥିଲି। କାରଣ ଅମିତାଭ ବଚ୍ଚନଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ କେବଳ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମଧ୍ୟ ମୋ କ୍ୟାରିୟରକୁ ଆହୁରି ମାଇଲେଜ ଦେବ ବୋଲି ଆଶା ରଖିଛି। ଏପରି ଭୂମିକାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେଇପାରିବି ସେଥିପାଇଁ ନିଶ୍ଚୟ ଚେଷ୍ଟା କରିବି।' ତେବେ ଉକ୍ତ ସିନେମାଟି ପରିଣୀତିଙ୍କ ପାଇଁ କେତେ ଶୁଭପ୍ରଦ ହେଉଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।


ପରିଣୀତି

## ଆଲିୟାଙ୍କ ଦିନଚର୍ଯ୍ୟା

ମହେଶ ତନୟା ଆଲିୟା ଭଟ୍ଟଙ୍କ ଦିନଚର୍ଯ୍ୟା କିପରି ଆରମ୍ଭ ହୁଏ ଜାଣନ୍ତି ? ସକାଳୁ ଉଠିବା ପରେ ନିତ୍ୟକର୍ମ ଶେଷ କରି ସେ ସୂର୍ଯ୍ୟ ନମସ୍କାର କରିଥାଆନ୍ତି। ତା'ପରେ ପ୍ରାୟ ଘଣ୍ଟାଏ ଯୋଗ ପାଇଁ ଦିଅନ୍ତି। ଯୋଗ ଏବଂ ସୂର୍ଯ୍ୟ ନମସ୍କାର ଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଅନେକାଂଶରେ ନୀରୋଗ ଏବଂ ଫିଟ୍ ରଖିପାରିବେ ବୋଲି ବିଶ୍ୱାସ ରଖନ୍ତି ଏହି ନାୟିକା। ଏ ସମ୍ପର୍କରେ ଆଲିୟା କହନ୍ତି, 'ଦିନ ତମାମ ମୁଁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳୁ ସୂର୍ଯ୍ୟ ନମସ୍କାର ଏବଂ ଯୋଗ କରିବାକୁ ଭୁଲି ନ ଥାଏ। ଏହା ସହ କିଛି ସମୟ ହାଲୁକା ବ୍ୟାୟାମ ମଧ୍ୟ କରିଥାଏ। ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବାକୁ ଖାଦ୍ୟପେୟ ପ୍ରତି ମଧ୍ୟ ଗୁରୁତ୍ୱ ଦିଏ।' ଆଲିୟାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରୁ। ବର୍ତ୍ତମାନ ତାଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର', 'ଗାଙ୍ଗୁବାଈ କାଠିଆୱାଡ଼ି', 'ରକି ଔର ରାନୀ କି ପ୍ରେମ କାହାନୀ' ଏବଂ ତେଲୁଗୁ ସିନେମା 'ଆର୍ଆରଆର' ରିଲିଜ ଅପେକ୍ଷାରେ ରହିଛି।


ଆଲିୟା

## ମାମା ୱେଡ୍ସ ପାପା

ଶ୍ରୀହାନ ସିନେ କ୍ରିଏସନ୍ସ ବ୍ୟାନରରେ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ମାମା ୱେଡ୍ସ ପାପା'। ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ସାତ ସୂରେ ବନ୍ଧା ଏ ଜୀବନ' 'ଡ୍ୟାଡି' ଏବଂ 'ଓୟେ ଗୀଟାର'ର ନିର୍ଦ୍ଦେଶକ ଆପ୍ପୁ କାନୁନ୍ଗୋ। ନବାଗତ ବି.ଚନ୍ଦ୍ରପ୍ରିୟା ସୁବୁଦ୍ଧି ଏବଂ ଅନୁପ ସିଂ ଏହାର ପ୍ରଯୋଜନା କରିଛନ୍ତି। ଚିନ୍ମୟ ଦାସପଟ୍ଟନାୟକ ସଂଳାପ ରଚନା କରିଥିବା ବେଳେ ଅରୁଣ ମନ୍ତ୍ରୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅସଦ ନିଜାମ। ଜଣେ ଗାୟିକା ଏବଂ ଜଣେ ଅଭିନେତା ନିଜର ସଂଘର୍ଷମୟ ଜୀବନକୁ ନେଇ ଏହାର କାହାଣୀ ଗତିଶୀଳ। ଉକ୍ତ ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ରିଷି, ଦୀପିକା, ପ୍ରିୟଙ୍କା ମହାପାତ୍ର, ଜୀବନ ପଣ୍ଡା ଏବଂ ଶିଶୁ କଳାକାର ମୁନ୍ନି। ଖାସ୍ କଥା ହେଲା ବଲିଉଡ୍ର ଅନ୍ୟତମ ଲୋକପ୍ରିୟ ଅଭିନେତା ଗୋବିନ୍ଦାଙ୍କ ଭଣଜା କ୍ରିଷ୍ଣା ଅଭିଷେକ ଏହି ଫିଲ୍ମରେ ଅତିଥି କଳାକାର ଭାବରେ ଅଭିନୟ କରିବେ।

## ପାର୍ଟି ଗୀତ ପାଇଁ

ରଣବୀର କପୁରଙ୍କୁ ନେଇ ଏବେ ବଲିଉଡ୍ରେ ଚର୍ଚ୍ଚା। ଲୁଭ୍ ରଞ୍ଜନଙ୍କ ନିର୍ମାଣାଧୀନ ଏକ ଅନଟାଇଟଲ୍ଡ ଫିଲ୍ମରେ ଏକ ପାର୍ଟି ଗୀତ ସଂଯୋଜିତ ହୋଇଛି। ନିକଟରେ ଏହାର ଶୁଟିଂ ମଧ୍ୟ ଦ୍ୱୀପରେ ଶେଷ ହୋଇଛି। ହେଲେ ତା' ପୂର୍ବରୁ ଏହି ଗୀତର ରିହରସାଲ ସମୟରେ ରଣବୀର ଲଗାତର ଛଅ ଘଣ୍ଟା ଅଭ୍ୟାସ କରିଥିଲେ। ଖାସ୍ କଥା ହେଲା କୋଭିଡ୍ ପରେ ପାଖାପାଖି ୫୦୦ ବ୍ୟାକ୍ଗ୍ରାଉଣ୍ଡ ଡ୍ୟାନ୍ସରଙ୍କୁ ନେଇ ଏହାର ପିକ୍ଚରାଇଜେଶନ କରାଯାଇଛି। ଏ ନେଇ ରଣବୀର କହନ୍ତି, 'ଏହାର ପ୍ରାକ୍ଟିସ ସମୟରେ ମୋତେ ବେଶ୍ ଝାଳ ବୁହାଇବାକୁ ପଡ଼ିଥିଲା। ଲଗାତର ଛଅ ଘଣ୍ଟା ଏହାର ରିହରସାଲ ଚାଲିଥିଲା। ଅବଶ୍ୟ ତା' ଭିତରେ କେବଳ ଡ୍ରିଙ୍କ୍ସ ପାଇଁ ଅଳ୍ପ ସମୟ ମିଳୁଥିଲା। ବୋସ୍କୋ ମାର୍ଟିସଙ୍କ ଦ୍ୱାରା କୋରିଓଗ୍ରାଫି ହୋଇଥିବା ଏହି ଗୀତଟିର ଦୃଶ୍ୟାୟନ ମଧ୍ୟ ଯୋଜନା ମୁତାବକ ହୋଇଛି।' ଉକ୍ତ ସିନେମାରେ ରଣବୀରଙ୍କ ଅପୋଜିଟ୍ରେ ଅଛନ୍ତି ଶ୍ରଦ୍ଧା କପୁର।


ରଣବୀର

ନୂଆ ସିନେମା

## ମୁଁ ତୁମକୁ ଭଲ ପାଏ

ପ୍ରେମ କରିବାର ବିଭିନ୍ନ ତରିକା ରହିଛି। ହେଲେ ସେଥିରେ ସଫଳ ହେବା ବଡ଼ କଥା। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାରକରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ମୁଁ ତୁମକୁ ଭଲ ପାଏ'। ଜୟ ଅମ୍ବେ ପ୍ରଡକ୍ସନ୍ ବ୍ୟାନରରେ ନିର୍ମାଣାଧୀନ ଉକ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ଏସ. ଦିଲୀପ ପଣ୍ଡା। ଏହାର କାହାଣୀ ରଚନା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଅଶୋକ କୁମାର ଦାଶ। ସଂଳାପ ଲେଖିଛନ୍ତି ଜମେଶ ଶୁକ୍ଳା ଏବଂ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ୍ ସାଗର, ଇରା ମହାନ୍ତି, ଦୀପ୍ତିରେଖା, ମଣ୍ଟୁ ଛୁରିଆ, ଅସୀମା ପଣ୍ଡା, ସ୍ୱୟମ୍ ପାଢ଼ୀ, କୁଳଦୀପ୍ ଏବଂ ସତ୍ୟଜିତ ପ୍ରଧାନ। ଏହାର ନାୟକ ସାଜିଥିବା ମୁନ୍ନା ପୂର୍ବରୁ ରିୟା ଶାହାଙ୍କ ସହ 'ଦିୱାନା ହେଲି ତୋ ପାଇଁ' ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ବିଭିନ୍ନ ଭୂମିକାରେ ମୁନ୍ନା, ପ୍ରିୟଙ୍କା,ସ୍ୱପ୍ନା, ଶ୍ରୀତମ୍ ଦାସ, ପିଣ୍ଟୁ ନନ୍ଦ, ବବି ମିଶ୍ର, କେକେ ଏବଂ ଜୀବନ ପଣ୍ଡା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଚଳଚ୍ଚିତ୍ରଟି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।


ମୁନ୍ନା-ସ୍ୱପ୍ନା

## ଦୁଇଟି ଦିନ ଖେଳିବା...

ଗାୟିକା ଅନୁରାଧା ପାଣିଗ୍ରାହୀ। ଏକ ଭିଡିଓ ଆଲବମ୍ ପାଇଁ ସେ ନିକଟରେ କଣ୍ଠଦାନ କରିଛନ୍ତି। କେବଳ ସେତିକି ନୁହେଁ, ଏଥିରେ ମଧ୍ୟ ସେ ଅଭିନୟ କରିବେ। ନିକଟରେ ସେ ଗାଇଥିବା ଏକ ମ୍ୟୁଜିକ ଆଲବମ୍ର ଗୀତ 'ଦୁଇଟି ଦିନ ଖେଳିବା' ବେଶ୍ ଶ୍ରୋତାଦୃତ ହୋଇଛି। ରାସେଶ୍ୱରୀ ଏଣ୍ଟରଟେନମେଣ୍ଟ ନିବେଦିତ ଏହି ଗୀତଟିକୁ ରଚନା କରିଛନ୍ତି ବିଶିଷ୍ଟ ଗୀତିକାର ଦେବଦାସ ଛୋଟରାୟ। ଏହାର ସ୍ୱର ସଂଯୋଜକା କରିଛନ୍ତି ଓମ୍ ପ୍ରକାଶ ମହାନ୍ତି। ଏହି ଗୀତ ପୂର୍ବରୁ ଅନେକ ଗୀତ ଗାଇ ପ୍ରଶଂସା ସାଉଁଟିଛନ୍ତି ସେ। 'ଏହାପୂର୍ବରୁ ତ ଅନେକ ଗୀତ ଗାଇଛି, ହେଲେ ଏହି ଗୀତଟି ମୋତେ ଯେଉଁ ସଫଳତା ଦେଇଛି ତାହାକୁ କଦାପି ଭୁଲି ପାରିବି ନାହିଁ। ଗୀତ ରଚନା ଏବଂ ସ୍ୱର ସଂଯୋଜନା ପାଇଁ ଦେବଦାସ ସାର୍ ଏବଂ ଓମ୍ ପ୍ରକାଶ ସାର୍ଙ୍କୁ ଯେତେ ଧନ୍ୟବାଦ ଦେଲେ ତାହା କମ୍ ହେବ। କୌଣସି ଗୀତ ଗାଇବା ପୂର୍ବରୁ ମୁଁ ସବୁବେଳେ ଶ୍ରୋତାମାନଙ୍କୁ ପ୍ରାଧାନ୍ୟ ଦେଇଥାଏ।' ଆମ ଟିଭି ମ୍ୟୁଜିକ୍ ଚ୍ୟାନେଲରେ ଉକ୍ତ ଭିଡିଓ ଆଲବମ୍ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମୁକ୍ତିଲାଭ କରିବ ବୋଲି ଜଣାପଡିଛି।


ଅନୁରାଧା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ଅକ୍ଟୋବର ୨୧/୨୦୨୧ Dhenkanal, Thursday, October 21/ 2021

## ଜୁନିୟର ପୁରୁଷ ହକି ବିଶ୍ୱକପ୍ କାର୍ଯ୍ୟସୂଚୀ

ପୁଲ୍ ଏ: ବେଲ୍‌ଜିୟମ, ଚିଲି, ମାଲେସିଆ, ଦକ୍ଷିଣ ଆଫ୍ରିକା
ପୁଲ୍ ବି: ଭାରତ, କାନାଡା, ଫ୍ରାନ୍ସ, ପୋଲାଣ୍ଡ
ପୁଲ୍ ସି: କୋରିଆ, ନେଦରଲାଣ୍ଡ୍ସ, ସ୍ପେନ୍ ଓ ଆମେରିକା
ପୁଲ୍ ଡି: ଆର୍ଜେଣ୍ଟିନା, ଇଜିପ୍ଟ, ଜର୍ମାନୀ ଓ ପାକିସ୍ତାନ

| ତାରିଖ | ନମ୍ବର | ମ୍ୟାଚ | ସମୟ |
|---|---|---|---|
| ନଭେମ୍ବର ୨୪ | ୧ | ବେଲ୍‌ଜିୟମ ବନାମ ଦକ୍ଷିଣ ଆଫ୍ରିକା | ପୂର୍ବାହ୍ନ ୯ଟା ୩୦ |
| | ୨ | ମାଲେସିଆ ବନାମ ଚିଲି | ଅପରାହ୍ନ ୧୨ଟା |
| | ୩ | ଜର୍ମାନୀ ବନାମ ପାକିସ୍ତାନ | ଅପରାହ୍ନ ୨ଟା ୩୦ |
| | ୪ | କାନାଡ଼ା ବନାମ ପୋଲାଣ୍ଡ | ଅପରାହ୍ନ ୫ଟା |
| | **୫** | **ଭାରତ ବନାମ ଫ୍ରାନ୍ସ** | **ରାତି ୭ଟା ୩୦** |
| ନଭେମ୍ବର ୨୫ | ୬ | ଆର୍ଜେଣ୍ଟିନା ବନାମ ଇଜିପ୍ଟ | ପୂର୍ବାହ୍ନ ୯ଟା ୩୦ |
| | ୭ | ନେଦରଲାଣ୍ଡ୍ସ ବନାମ କୋରିଆ | ଅପରାହ୍ନ ୧୨ଟା ୩୦ |
| | ୮ | ସ୍ପେନ ବନାମ ଆମେରିକା | ଅପରାହ୍ନ ୨ଟା ୩୦ |
| | ୯ | ଫ୍ରାନ୍ସ ବନାମ ପୋଲାଣ୍ଡ | ଅପରାହ୍ନ ୫ଟା |
| | **୧୦** | **କାନାଡ଼ା ବନାମ ଭାରତ** | **ରାତି ୭ଟା ୩୦** |
| ନଭେମ୍ବର ୨୬ | ୧୧ | ଦକ୍ଷିଣ ଆଫ୍ରିକା ବନାମ ଚିଲି | ପୂର୍ବାହ୍ନ ୯ଟା ୩୦ |
| | ୧୨ | ମାଲେସିଆ ବନାମ ବେଲ୍‌ଜିୟମ | ଅପରାହ୍ନ ୧୨ଟା |
| | ୧୩ | କୋରିଆ ବନାମ ଆମେରିକା | ଅପରାହ୍ନ ୨ଟା ୩୦ |
| | ୧୪ | ସ୍ପେନ ବନାମ ନେଦରଲାଣ୍ଡ୍ସ | ଅପରାହ୍ନ ୫ଟା |
| | ୧୫ | ଆର୍ଜେଣ୍ଟିନା ବନାମ ଜର୍ମାନୀ | ରାତି ୭ଟା ୩୦ |
| ନଭେମ୍ବର ୨୭ | ୧୬ | ପାକିସ୍ତାନ ବନାମ ଇଜିପ୍ଟ | ପୂର୍ବାହ୍ନ ୯ଟା ୩୦ |
| | ୧୭ | ବେଲଜିୟମ ବନାମ ଚିଲି | ଅପରାହ୍ନ ୧୨ଟା |
| | ୧୮ | ଦକ୍ଷିଣ ଆଫ୍ରିକା ବନାମ ମାଲେସିଆ | ଅପରାହ୍ନ ୨ଟା ୩୦ |
| | ୧୯ | ଫ୍ରାନ୍ସ ବନାମ କାନାଡ଼ା | ଅପରାହ୍ନ ୫ଟା |
| | **୨୦** | **ଭାରତ ବନାମ ପୋଲାଣ୍ଡ** | **ରାତି ୭ଟା ୩୦** |
| ନଭେମ୍ବର ୨୮ | ୨୧ | କୋରିଆ ବନାମ ସ୍ପେନ | ଅପରାହ୍ନ ୧୨ଟା |
| | ୨୨ | ନେଦରଲାଣ୍ଡ୍ସ ବନାମ ଆମେରିକା | ଅପରାହ୍ନ ୨ଟା ୩୦ |
| | ୨୩ | ପାକିସ୍ତାନ ବନାମ ଆର୍ଜେଣ୍ଟିନା | ଅପରାହ୍ନ ୫ଟା |
| | ୨୪ | ଜର୍ମାନୀ ବନାମ ଇଜିପ୍ଟ | ରାତି ୭ଟା ୩୦ |
| ନଭେମ୍ବର ୨୯ | ବିଶ୍ରାମ ଦିବସ | | |
| ନଭେମ୍ବର ୩୦ | ୨୫ | ପୁଲ୍-ଏ ୩ୟ ବନାମ ପୁଲ୍-ବି ୪ର୍ଥ | ପୂର୍ବାହ୍ନ ୧୦ଟା ୩୦ |
| | ୨୬ | ପୁଲ୍-ଡି ୩ୟ ବନାମ ପୁଲ୍-ସି ୪ର୍ଥ | ଅପରାହ୍ନ ୧ଟା ୩୦ |
| | ୨୭ | ପୁଲ୍-ବି ୩ୟ ବନାମ ପୁଲ୍-ଏ ୪ର୍ଥ | ଅପରାହ୍ନ ୪ଟା ୩୦ |
| | ୨୮ | ପୁଲ୍-ସି ୩ୟ ବନାମ ପୁଲ୍-ଡି ୪ର୍ଥ | ରାତି ୭ଟା ୩୦ |
| **କ୍ୱାର୍ଟର ଫାଇନାଲ** | | | |
| ଡିସେମ୍ବର ୧ | ୨୯ | ପୁଲ୍-ଏ ୧ମ ବନାମ ପୁଲ୍-ବି ୨ୟ | ପୂର୍ବାହ୍ନ ୧୦ଟା ୩୦ |
| | ୩୦ | ପୁଲ୍-ଡି ୧ମ ବନାମ ପୁଲ୍-ସି ୨ୟ | ଅପରାହ୍ନ ୧ଟା ୩୦ |
| | ୩୧ | ପୁଲ୍-ବି ୧ମ ବନାମ ପୁଲ୍-ଏ ୨ୟ | ଅପରାହ୍ନ ୪ଟା ୩୦ |
| | ୩୨ | ପୁଲ୍-ସି ୧ମ ବନାମ ପୁଲ୍-ଡି ୨ୟ | ରାତି ୭ଟା ୩୦ |
| ଡିସେମ୍ବର ୨ | ୩୩ | ୨୫ ଓ ୨୬ ମ୍ୟାଚର ପରାଜିତ ଦଳ | ପୂର୍ବାହ୍ନ ୧୦ଟା ୩୦ |
| | ୩୪ | ୨୭ ଓ ୨୮ ମ୍ୟାଚର ପରାଜିତ ଦଳ | ଅପରାହ୍ନ ୧ଟା ୩୦ |
| | ୩୫ | ୨୫ ଓ ୨୬ ମ୍ୟାଚର ବିଜେତା ଦଳ | ଅପରାହ୍ନ ୪ଟା ୩୦ |
| | ୩୬ | ୨୭ ଓ ୨୮ ମ୍ୟାଚର ବିଜେତା ଦଳ | ରାତି ୭ଟା ୩୦ |
| ଡିସେମ୍ବର ୩ | ୩୭ | ୨୯ ଓ ୩୦ ମ୍ୟାଚର ପରାଜିତ ଦଳ | ପୂର୍ବାହ୍ନ ୧୦ଟା ୩୦ |
| | ୩୮ | ୩୧ ଓ ୩୨ ମ୍ୟାଚର ପରାଜିତ ଦଳ | ଅପରାହ୍ନ ୧ଟା ୩୦ |
| **ସେମିଫାଇନାଲ** | | | |
| | ୩୯ | ୨୯ ଓ ୩୦ ମ୍ୟାଚର ବିଜେତା ଦଳ | ଅପରାହ୍ନ ୪ଟା ୩୦ |
| | ୪୦ | ୩୧ ଓ ୩୨ ମ୍ୟାଚର ବିଜେତା ଦଳ | ରାତି ୭ଟା ୩୦ |
| ଡିସେମ୍ବର ୪ | ୪୧ | ୩୩ ଓ ୩୪ ମ୍ୟାଚର ପରାଜିତ ଦଳ | ପୂର୍ବାହ୍ନ ୧୦ଟା ୩୦ |
| | ୪୨ | ୩୩ ଓ ୩୪ ମ୍ୟାଚର ବିଜେତା ଦଳ | ଅପରାହ୍ନ ୧ଟା ୩୦ |
| | ୪୩ | ୩୫ ଓ ୩୬ ମ୍ୟାଚର ପରାଜିତ ଦଳ | ଅପରାହ୍ନ ୪ଟା ୩୦ |
| | ୪୪ | ୩୫ ଓ ୩୬ ମ୍ୟାଚର ବିଜେତା ଦଳ | ରାତି ୭ଟା ୩୦ |
| ଡିସେମ୍ବର ୫ | ୪୫ | ୩୭ ଓ ୩୮ ମ୍ୟାଚର ପରାଜିତ ଦଳ | ପୂର୍ବାହ୍ନ ୧୦ଟା ୩୦ |
| | ୪୬ | ୩୭ ଓ ୩୮ ମ୍ୟାଚର ବିଜେତା ଦଳ | ଅପରାହ୍ନ ୧ଟା ୩୦ |
| | ୪୭ | ୩୯ ଓ ୪୦ ମ୍ୟାଚର ପରାଜିତ ଦଳ | ଅପରାହ୍ନ ୪ଟା ୩୦ |
| **ଫାଇନାଲ** | | | |
| | ୪୮ | ୩୯ ଓ ୪୦ ମ୍ୟାଚର ବିଜେତା ଦଳ | ରାତି ୭ଟା ୩୦ |

# ଫ୍ରାନ୍ସ ବିପକ୍ଷରୁ ଭାରତର ଅଭିଯାନ




**ଲାଉସାନେ,୨୦।୧୦**

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୪ରୁ ଡିସେମ୍ବର ୫ ତାରିଖ ମଧ୍ୟରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଖେଳାଯିବ। ମେଗା ଇଭେଣ୍ଟର ଏହି ଦ୍ୱାଦଶ ସଂସ୍କରଣରେ ଗତଥରର ଚାମ୍ପିୟନ ଭାରତ ପ୍ରଥମ ଦିବସରେ ଫ୍ରାନ୍ସ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଭାରତ ଅପେକ୍ଷାକୃତ ସହଜ ପୁଲ୍‌ରେ ସ୍ଥାନ ପାଇଛି। ଭାରତ ସମେତ କାନାଡା, ଫ୍ରାନ୍ସ ଓ ପୋଲାଣ୍ଡ ପୁଲ୍ ବି'ରେ ସ୍ଥାନିତ ହୋଇଛନ୍ତି। ସେହିପରି ପୁଲ୍ ଏ'ରେ ବେଲଜିୟମ, ଚିଲି, ମାଲେସିଆ ଓ ଦକ୍ଷିଣ ଆଫ୍ରିକା ସାମିଲ ରହିଛନ୍ତି। ପୁଲ୍ ସି'ରେ କୋରିଆ, ନେଦରଲାଣ୍ଡ୍ସ, ସ୍ପେନ ଓ ଆମେରିକା ସାମିଲ ରହିଛନ୍ତି। ଅନ୍ୟପଟେ ପୁଲ୍ ଡି'ରେ ଆର୍ଜେଣ୍ଟିନା, ଇଜିପ୍ଟ, ଜର୍ମାନୀ ଓ ପାକିସ୍ତାନ ସାମିଲ ରହିଛନ୍ତି।

ଉଦ୍‌ଘାଟନୀ ଦିବସରେ ଭାରତ-ଫ୍ରାନ୍ସ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ବେଲଜିୟମ- ଦକ୍ଷିଣ ଆଫ୍ରିକା, ମାଲେସିଆ- ଚିଲି, ଜର୍ମାନୀ- ପାକିସ୍ତାନ ଓ କାନାଡା- ପୋଲାଣ୍ଡ ମଧ୍ୟ ପରସ୍ପରକୁ ଭେଟିବେ। ବୁଧବାର ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପୁଲ୍ ନେଇ ଘୋଷଣା କରିଛି। ଫ୍ରାନ୍ସକୁ ଭେଟିବା ପରେ ଭାରତ ନଭେମ୍ବର ୨୫ରେ କାନାଡାକୁ ଓ ୨୭ରେ ପୋଲାଣ୍ଡକୁ ଭେଟିବ। ଡିସେମ୍ବର ୩ରେ ଦୁଇଟି ଯାକ ସେମିଫାଇନାଲ ଓ ୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ। କୋଭିଡ୍-୧୯ ମହାମାରୀ କାରଣରୁ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଓହରି ଯାଇଛନ୍ତି। ଫଳରେ କାନାଡ଼ା, ଆମେରିକା ଓ ପୋଲାଣ୍ଡକୁ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମିଳିଛି।

ସେହିପରି ଦକ୍ଷିଣ ଆଫ୍ରିକାର ପୋଚ୍‌ଫେଷ୍ଟ୍ରୁମ୍‌ରେ ଡିସେମ୍ବର ୫ରୁ ୧୬ ତାରିଖ ମଧ୍ୟରେ ମହିଳା ଜୁନିୟର ହକି ବିଶ୍ୱକପ୍ ଆୟୋଜନ ହେବ। ଏଫ୍‌ଆଇଏଚ୍ ଏହି ବିଶ୍ୱକପ୍‌ର ପୁଲ୍ ଓ କାର୍ଯ୍ୟସୂଚୀ ମଧ୍ୟ ଘୋଷଣା କରିଛି। ଭାରତ ସମେତ ଡିଫେଣ୍ଡିଂ ଚାମ୍ପିୟନ ଆର୍ଜେଣ୍ଟିନା, ଜାପାନ ଓ ରୁଷିଆ ପୁଲ୍ ସି'ରେ ସ୍ଥାନ ପାଇଛନ୍ତି। ଡିସେମ୍ବର ୬ ତାରିଖରୁ ଭାରତ ରୁଷିଆ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ଡିସେମ୍ବର ୭ରେ ଆର୍ଜେଣ୍ଟିନା ଓ ୯ରେ ଜାପାନକୁ ଭେଟିବ।

**ଜୁନିୟର ମହିଳା ହକି ବିଶ୍ୱକପ୍**

ପୁଲ୍ ଏ: ନେଦରଲାଣ୍ଡ୍ସ, କୋରିଆ, ଜିମ୍ବାୱେ, ଆୟର୍ଲାଣ୍ଡ।
ପୁଲ୍ ବି: ଇଂଲଣ୍ଡ, ବେଲଜିୟମ, କାନାଡା, ଉରୁଗୁଏ।
ପୁଲ୍ ସି: ଭାରତ, ଆର୍ଜେଣ୍ଟିନା, ଜାପାନ, ରୁଷିଆ।
ପୁଲ୍ ଡି: ଦକ୍ଷିଣ ଆଫ୍ରିକା, ଜର୍ମାନୀ, ସ୍ପେନ, ଆମେରିକା।

**ଭାରତ ମହିଳା ଦଳର କାର୍ଯ୍ୟସୂଚୀ:**

ଡିସେମ୍ବର ୬: ଭାରତ ବନାମ ରୁଷିଆ
ଡିସେମ୍ବର ୭: ଭାରତ ବନାମ ଆର୍ଜେଣ୍ଟିନା
ଡିସେମ୍ବର ୯: ଭାରତ ବନାମ ଜାପାନ।

## ସେପ୍ଟେମ୍ବର ୨୩ରେ ଟ୍ରଫି ଓ ଲୋଗୋ ଉନ୍ମୋଚିତ ହୋଇଥିଲା



ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ନରିନ୍ଦର ବାତ୍ରା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର,୨୦।୧୦(କ୍ରୀଡ଼ା ପ୍ରତିନିଧି)**

୨୦୧୮ ସିନିୟର ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପରେ ୨୦୨୧ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ଜୁନିୟର ପୁରୁଷ ହକି ବିଶ୍ୱକପ୍। ଏହା ନଭେମ୍ବର ୨୪ରୁ ଆରମ୍ଭ ହୋଇ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ବୁଧବାର ଅଂଶଗ୍ରହଣ କରିବାକୁ ଯାଉଥିବା ୧୬ ଦଳର ଗ୍ରୁପିଂ ଓ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ପାଖାପାଖି ମାସେ ପୂର୍ବରୁ ସେପ୍ଟେମ୍ବର ୨୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଏଫ୍‌ଆଇଏଚ୍ ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କ ଉପସ୍ଥିତିରେ ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିଯୋଗିତାର ଟ୍ରଫି ଓ ଲୋଗୋ ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଏହି ଟୁର୍ନାମେଣ୍ଟ ଗୁଆହାଟୀରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ପରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ମୁଖମନ୍ତ୍ରୀ ଗ୍ରହଣ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ୨୦୧୮ରୁ ଓଡ଼ିଶା ସରକାର ଭାରତୀୟ ମହିଳା ଓ ପୁରୁଷ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ପୂର୍ବରୁ ୫ ବର୍ଷ ପାଇଁ ଓଡ଼ିଶା ପ୍ରାୟୋଜକ ଥିବାବେଳେ ପରେ ଏହାକୁ ଆଉ ୧୦ ବର୍ଷ ଅର୍ଥାତ୍ ୨୦୩୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୨୦୨୩ ସିନିୟର ପୁରୁଷ ହକି ବିଶ୍ୱକପ୍ ମଧ୍ୟ ଓଡ଼ିଶାରେ ଅନୁଷ୍ଠିତ ହେବ। ଏହା ଭୁବନେଶ୍ୱର ଓ ରାଉରକେଲାରେ ଆୟୋଜନ ହେବ। ଜୁନିୟର ହକି ବିଶ୍ୱକପ୍‌ର ଗତ ସଂସ୍କରଣ ୨୦୧୬ରେ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା ଓ ଏଥିରେ ଭାରତ ଟାଇଟଲ ହାସଲ କରିଥିଲା।




72198 21111 | BAJAJ FINANCE LTD - AF | Pine Labs | standard chartered | FEDERAL BANK | Bank of Baroda Credit Card
Cashback upto ₹5 000/-* Cashback upto ₹2 500/-*

*ସର୍ତ୍ତ ଓ ନିୟମାବଳୀ ଲାଗିବ । ନିର୍ଦ୍ଦିଷ୍ଟ ଅଞ୍ଚଳ ମାନଙ୍କରେ ନିର୍ଦ୍ଦିଷ୍ଟ ମଡେଲ ଗୁଡ଼ିକ ଉପରେ ଅଫର୍ ଉପଲବ୍ଧ । #ପ୍ଲାଟିନା 100 ES ଭାରିଆଣ୍ଟ ସକାଶେ ଡାଉନ୍ ପେମେଣ୍ଟ । ଡିସିସି ଚାର୍ଜେସ୍ ଓ ପ୍ରୋସେସିଙ୍ଗ ଫୀଜ୍ ଯଥାପ୍ରଯୁଜ୍ୟ ଅତିରିକ୍ତ । ଫାଇନାନ୍ସିଅର୍‌ଙ୍କ ନିଜ ବିବେଚନା ଅନୁସାରେ ଫାଇନାନ୍ସ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି କିମ୍ବା ସମସ୍ତ ଅଫର୍ ପ୍ରତ୍ୟାହାର କରିବାର ଅଧିକାର ସଂରକ୍ଷିତ ରଖିଛି । ଷ୍ଟଣ୍ଟ ଗୁଡ଼ିକ ବିଶେଷଜ୍ଞଙ୍କ ଦ୍ୱାରା, ପେଶାଦାରଙ୍କ ତତ୍ତ୍ୱାବଧାନରେ, ଏକ ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ, ସାଧାରଣ ଜନତା କିମ୍ବା ସାର୍ବଜନିକ ସଡ଼କ ଠାରୁ ଦୂରେଇ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ ।

Authorised Dealers for Bajaj Auto Ltd.: Angul: JAMUNA BAJAJ 7682899351 • Dhenkanal SHIVAM BAJAJ 7873922722 • Keonjhar JR BAJAJ 9937697094 / 9439008692• Rourkela RM BAJAJ 9078083803. Authorised Service Centre: Kamakhayanagar 9437079287, Parajang 9178061624, 06768261573 Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576,Bhuban9438570111, Betnoti 8847874100, Rairangpur 9583777236, Bhuban 9438570111. Rasol 9938656276/9937513419.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ